୬ ସୁଟ୍ ଆଉଟ୍‌ରେ ଜିତି ଅଲିମ୍ପିକ୍ସ ସେମିରେ ଭାରତୀୟ ହକି ଟିମ୍

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୮୯ ● ୫ ଅଗଷ୍ଟ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-189 ● 5th August 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ଘନେଇଲା

ହିଜବୁଲର ରକେଟ ମାଡ଼, ଆମେରିକୀୟ ଯୁଦ୍ଧ ଜାହାଜ-ଫାଇଟର ଜେଟ୍ ଆକ୍ରମଣ ପାଇଁ ପ୍ରସ୍ତୁତ

ୱାଶିଂଟନ, ୪।୮

ହମାସର ସର୍ବୋଚ୍ଚ ନେତା ଇସମାଇଲ ହାନିଆଙ୍କ ମୃତ୍ୟୁ ପରେ ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧର ପଥରେ ଠିଆ ହୋଇଛି । ହାନିଆଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ଏବଂ ଏହାର ସହଯୋଗୀମାନେ ଇସ୍ରାଏଲ ଉପରେ ରକେଟ ମାଡ଼ କରିଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲର ସବୁଠାରୁ ବଡ ସହଯୋଗୀ ଆମେରିକା ଏହାର ଯୁଦ୍ଧ ଜାହାଜ ଏବଂ ଯୁଦ୍ଧ ବିମାନ ମଧ୍ୟ ମଧ୍ୟପ୍ରାଚ୍ୟରେ ନିୟୋଜିତ କରିଛି।

ଗାଜାରେ ୧୦ ମାସ ତଳେ ହୋଇଥିବା ନରସଂହାର ପରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବିବାଦ ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରିଛି। କିଛି ଦିନ ତଳେ ଇସ୍ରାଏଲ ହମାସ ଏବଂ ହିଜବୁଲ ବିରୁଦ୍ଧରେ ଦୁଇଟି ବଡ଼ ଧରଣର ଆକ୍ରମଣ କରି ଇସମାଇଲ ହାନିଆ ଏବଂ ହିଜବୁଲ କମାଣ୍ଡରଙ୍କୁ ହତ୍ୟା କରିଥିଲା। ସେବେଠାରୁ ଇରାନ ଏବଂ ଏହାର ସହଯୋଗୀ ହମାସ୍, ହିଜବୁଲ ଏବଂ ହୁତି ବିଦ୍ରୋହୀମାନେ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନେବାକୁ କହିଥିଲେ।

ଆମେରିକା ଅନୁସାରେ ଇରାନ ଏପ୍ରିଲ ୧୩ ପରି ଆଗାମୀ ଦିନରେ ଶତାଧିକ କ୍ଷେପଣାସ୍ତ୍ର ଦ୍ୱାରା ଇସ୍ରାଏଲ ଉପରେ ଆକ୍ରମଣ କରିପାରେ। ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ଓଲିଉଡ ଅଷ୍ଟିନ ମଧ୍ୟ ପୂର୍ବରେ କ୍ଷେପଣାସ୍ତ୍ର ଗାଇଡ ଯୁଦ୍ଧ ଜାହାଜ ଏବଂ ଯୁଦ୍ଧ ବିମାନ ନିୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆକ୍ସିଓସର ରିପୋର୍ଟ ଅନୁଯାୟୀ, ଏଥର ଏପ୍ରିଲରେ ହୋଇଥିବା ଆକ୍ରମଣ ଅପେକ୍ଷା ଇରାନ ଇସ୍ରାଏଲ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିପାରେ। ଅନ୍ୟପକ୍ଷରେ, ଲେବାନନରେ ଫସି (ପୃଷ୍ଠା ୭ରେ)

ଅଗଷ୍ଟ ୧୨ରେ ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ଇରାନ

ତେହେରାନ, ୪।୮

ହମାସର ମୁଖ୍ୟ ଇସମାଇଲ ହାନିଆଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଇରାନ ପ୍ରତିଶ୍ରୁତି ଦେଇଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖୋମେନି ମଧ୍ୟ ଏହି ଆକ୍ରମଣକୁ ଅନୁମୋଦନ କରିଛନ୍ତି ଏବଂ ଇରାନ ସେନା ଖୁବଶୀଘ୍ର ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ବୋଲି ସୂଚନା ମିଳିଛି । ଇରାନ ଅଗଷ୍ଟ ୧୨ ସୋମବାର ସୁଦ୍ଧା ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦେଶ ଇସ୍ରାଏଲ, ଇରାନ, ଲେବାନନରେ (ପୃଷ୍ଠା ୭ରେ)

ସାମାଜିକ ବିକାଶର ମୂଳ ସୋପାନ ହେଉଛି ଶିକ୍ଷା ଓ ସଚେତନତା

ଭୁବନେଶ୍ୱର, ୪।୮
ନ୍ୟୁଜ୍ ବ୍ୟୁରୋ

ସାମାଜିକ ବିକାଶର ମୂଳ ସୋପାନ ହେଉଛି ଶିକ୍ଷା ଓ ସଚେତନତା। ଏ ଦୁଇଟି ସହ ଆମ ପରମ୍ପରାକୁ ନେଇ ଆମକୁ ଆଗକୁ ବଢ଼ିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରବିନ୍ଦ୍ର ମଣ୍ଡପଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବର୍ଦ୍ଧନା ସମାରୋହରେ ଉଦ୍‌ବୋଧନ ଦେଇ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଆମେ ସମସ୍ତେ ସମର୍ପିତ ଅଛୁ । ଓଡ଼ିଶାର ବିକାଶ ନିମନ୍ତେ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତି ସପ୍ତାହରେ ଆମ କ୍ୟାବିନେଟ ବୈଠକ ବସୁଛି । ସାମଗ୍ରୀକ ଭାବେ ଓଡ଼ିଶାକୁ ଆଗକୁ ନେବାକୁ ହେଲେ ଆମ ସମସ୍ତଙ୍କୁ ସମ୍ମିଳିତ ଉଦ୍ୟମ କରିବାକୁ ପଡିବ। ସମ୍ବିଧାନରେ ଆମ ସମସ୍ତଙ୍କ ପାଇଁ ସମାନ ଅଧିକାରର ବ୍ୟବସ୍ଥା କରିଛନ୍ତି ବାବା ସାହେବ ଭିମରାଓ ଆମ୍ବେଦକର। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସର୍ବାଙ୍ଗୀନ ଉନ୍ନତି ସହିତ ଅନୁନ୍ନତ ଓ ପଛୁଆ ଭାବେ ଯେଉଁମାନେ ସମାଜର ତଳ ସ୍ତରରେ ରହିଯାଇଛନ୍ତି ସେମାନଙ୍କ ହାତ ଧରି ଆମକୁ ତାଙ୍କୁ ଆଗକୁ ବଢେଇବାକୁ ପଡିବ।

ଆଜି ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସେମାନଙ୍କର ହକ୍ ଧିରେ ଧିରେ ମିଳୁଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ କଲ୍ୟାଣ ପାଇଁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମଗୁଡିକ ନିରନ୍ତର ଭାବେ କାମ କରୁଛି। ସେମାନଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସ୍କୁଲ ଓ ହଷ୍ଟେଲ କାର୍ଯ୍ୟକ୍ଷମ ଅଛି । ଅଧାରୁ ପାଠ ନ ଛାଡିବା ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରାଯାଉଛି । ଆମ ସମାଜରେ ଥିବା ଆଦିମ ଜନଜାତି ବର୍ଗଙ୍କୁ ଆମକୁ ଏହି ବିକାଶ ଯାତ୍ରାରେ ସାମିଲ କରିବାକୁ ପଡିବ। ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆଦିମ ଜନଜାତିଙ୍କୁ ଉଚିତ ଅଧିକାର ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆରମ୍ଭ କରିଛନ୍ତି ପି.ଏମ୍. ବନ୍ ଧନ୍ ଯୋଜନା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ଅଭିଯାନ ସବୁ ବର୍ଗଙ୍କ ବିକାଶକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଛି । ଆମେ ସମସ୍ତେ ଯଦି ଏହି ଅଭିଯାନରେ ନିଜକୁ ସାମିଲ କରିବା ତେବେ ଦେଶ ଓ ରାଜ୍ୟ ବିକାଶ ପଥରେ ଆଗେଇ ଚାଲିବା ସହିତ ସବୁ ବର୍ଗର ବିକାଶ ହେବ। ଆଗକୁ ବଢ଼ିବାରେ ଆମ ସମ୍ବିଧାନରେ ଆମ ପାଇଁ ସଂରକ୍ଷଣର (ପୃଷ୍ଠା ୭ରେ)

ମନ୍ଦିର କାନ୍ଥ ଭୁଶୁଡ଼ି ୯ ପିଲା ମୃତ

ସାଗର, ୪।୮

ମଧ୍ୟପ୍ରଦେଶ ସାଗର ଜିଲ୍ଲାର ଶାହପୁରରେ ରବିବାର ଘଟିଛି ଏକ ଦୁଃଖଦ ଘଟଣା। ମନ୍ଦିରରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବାବେଳେ କାନ୍ଥ ଭୁଶୁଡ଼ି ୯ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନେକ ଲୋକ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଶାହପୁରର ହରଦୌଲ ମନ୍ଦିରରେ ଶ୍ରାବଣ ମାସରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ରବିବାର ଛୁଟିଦିନ ଥିବାରୁ ବହୁ ସଂଖ୍ୟାରେ ପିଲା ମଧ୍ୟ ଏଠାକୁ ଆସିଥିଲେ। ପିଲାମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ବସିଥିବାବେଳେ ମନ୍ଦିର ପରିସରରେ ଥିବା ପ୍ରାୟ ୫୦ ବର୍ଷ ପୁରୁଣା ଏକ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏହି କାନ୍ଥ ପିଲାମାନଙ୍କ ଉପରେ ପଡ଼ିଥିଲା, ଯଦ୍ୱାରା ୯ ଜଣ ପିଲାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଏଥିସହ ୨ ଶିଶୁ ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଅଘଟଣାକୁ ନେଇ ଦୁଃଖ ପ୍ରକାଶ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ମୋଦି ପୁଣି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା

ନୂଆଦିଲ୍ଲୀ, ୪।୮

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ବ୍ରିଟେନର ନୂତନ ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମରଙ୍କୁ ପଛରେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ଭାବରେ ଉଭା ହୋଇଛନ୍ତି। ମର୍ଣ୍ଣିଂ କନ୍‌ସଲ୍ଟ ନାମକ ଏକ ବୈଶ୍ୱିକ ବିଚାର ବୃଦ୍ଧିମତା ସଂସ୍ଥା ବିଶ୍ୱର ୨୫ଟି ଦେଶର ନେତାଙ୍କ ଲୋକପ୍ରିୟତାକୁ ନେଇ ଏକ ସଦ୍ୟତମ ତାଲିକା ଜାରି କରିଛି । ଯେଉଁଥିରେ ୬୯ ପ୍ରତିଶତ ଆପ୍ରୁଭାଲ ରେଟି ସହ ମୋଦି ତାଲିକାର ଶୀର୍ଷରେ ରହିଛନ୍ତି । ତାଙ୍କ ପଛକୁ ମେକ୍ସିକୋ ରାଷ୍ଟ୍ରପତି ଆନ୍ଦ୍ରେସ ମାନୁଏଲ ଲୋପେଜ ଓବ୍ରାଡୋର (ପୃଷ୍ଠା ୭ରେ)

ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ନ ଦେବା ପାଇଁ ଦାବି: ରାଜନାଥ ସିଂଙ୍କୁ ଚିଠି ଲେଖିଲେ ୨୫ ବୁଦ୍ଧିଜୀବୀ

ନୂଆଦିଲ୍ଲୀ, ୪।୮

ପୂର୍ବତନ ବିଚାରପତି, କୂଟନୀତିଜ୍ଞ, କାର୍ଯ୍ୟକର୍ତ୍ତା, ଲେଖକ ଏବଂ ଅର୍ଥନୀତିଜ୍ଞଙ୍କ ସମେତ ୨୫ ନାଗରିକଙ୍କର ଏକ ଦଳ ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ରପ୍ତାନି ପାଇଁ ଲାଇସେନ୍ସ ବାତିଲ କରିବାକୁ କୁହାଯାଇଛି।

ଏହି ଚିଠିରେ କୁହାଯାଇଛି ଇସ୍ରାଏଲକୁ ସାମରିକ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଯୋଗାଣ ପାଇଁ ବିଭିନ୍ନ ଭାରତୀୟ କମ୍ପାନୀକୁ ରପ୍ତାନି ଲାଇସେନ୍ସ ଏବଂ ଅନୁମତି ଜାରି କରାଯାଇଥିବା ନେଇ ଆମେ ଚିନ୍ତିତ। ଅନ୍ତର୍ଜାତୀୟ କୋର୍ଟ ଅଫ ଜଷ୍ଟିସ (ଆଇସିଜେ) ସ୍ପଷ୍ଟ ଭାବେ କହିଛି ଇସ୍ରାଏଲ ଏହାର ଦାୟିତ୍ୱର ଉଲ୍ଲଂଘନ କରୁଛି।

ଲେଖାଯାଇଥିବା ଏହି ଚିଠିରେ କୁହାଯାଇଛି ଇସ୍ରାଏଲକୁ ଯେକୌଣସି ସାମରିକ ସାମଗ୍ରୀ ଯୋଗାଣ ଅନ୍ତର୍ଜାତୀୟ ମାନବିକ ଆଇନ (ପୃଷ୍ଠା ୭ରେ)

ଉତ୍କଟ ହେବ ବିଜୁଳି ସଙ୍କଟ
୨୦୨୭ରେ ଭାରତ ପାଇଁ ବଡ଼ ଆହ୍ୱାନ

ନୂଆଦିଲ୍ଲୀ, ୪।୮

୨୦୨୭ ବେଳକୁ ଭାରତରେ ଭୟଙ୍କର ବିଜୁଳି ସମସ୍ୟା ଦେଖିବାକୁ ମିଳିବ। କାରଣ ଯେଉଁଭଳି ଭାବେ ଦେଶରେ ବିଜୁଳି ଖର୍ଚ୍ଚ ବଢ଼ୁଛି, ଖର୍ଚ୍ଚ ଅନୁସାରେ ଉତ୍ପାଦନ ନ ହେଲେ ୨୦୨୭ରେ ପରିସ୍ଥିତି ବେଶ୍ ଶୋଚନୀୟ ହୋଇପଡ଼ିବ । ଭାରତ କେବଳ କୋଇଲା ଦ୍ୱାରା ବିଦ୍ୟୁତ ଉତ୍ପାଦନ ଉପରେ ନିର୍ଭର କଲେ ଚଳିବନାହିଁ । ନବୀକରଣ ଯୋଗ୍ୟ ଶକ୍ତିର ଉତ୍ପାଦନ ନ ହେଲେ ଦେଶର ସ୍ଥିତି ଖରାପ ହୋଇଯିବ।

ସନ୍ଧ୍ୟା ସମୟରେ ୨୦ରୁ ୪୦ ଗିଗାୱାଟ ବିଜୁଳି ଅଭାବ ପଡ଼ିବ। ଏମିତିକି ବର୍ତ୍ତମାନ ଦେଶରେ ନିର୍ମାଣ ଚାଲିଥିବା ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ର ଓ ଜଳବିଦ୍ୟୁତ କେନ୍ଦ୍ର ଯଦି ଯୋଜନା ମୁତାବିକ କାର୍ଯ୍ୟକ୍ଷମ ହୋଇଯାଏ ତେବେ ବି ଏହି ସମସ୍ୟା ଦେଖା ଦେବ ବୋଲି ବରକେଲେ କାଲିଫର୍ଣ୍ଣିଆ ୟୁନିଭର୍ସିଟିର ଭାରତୀୟ ଶକ୍ତି ଏବଂ ଜଳବାୟୁ କେନ୍ଦ୍ର(ଆଇସିସି) ଚେତାବନୀ ଜାରି କରିଛି। ଏଜେନ୍ସି ଆହୁରି ମଧ୍ୟ କହିଛି ଯେ ଯଦି ବିଦ୍ୟୁତ ଚାହିଦା ବାର୍ଷିକ ୬ ପ୍ରତିଶତରୁ ଅଧିକ ହାରରେ ବଢ଼ି ଚାଲିବ ତେବେ ୨୦୨୭ ସୁଦ୍ଧା ଭାରତରେ ସନ୍ଧ୍ୟା ସମୟରୁ ବିଦ୍ୟୁତ ଅଭାବ ଦେଖା ଦେବ। (ପୃଷ୍ଠା ୭ରେ)

ୱାକଫ ଆକ୍ଟରେ ପ୍ରମୁଖ ସଂଶୋଧନ ପାଇଁ ମୋଦି ସରକାର ପ୍ରସ୍ତୁତ
ଆଜି ସଂସଦରେ ବିଲ୍ ଉପସ୍ଥାପନ କରାଯାଇପାରେ

ନୂଆଦିଲ୍ଲୀ, ୪।୮

ୱାକଫ ଆକ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ପ୍ରମୁଖ ସଂଶୋଧନ କରିବାକୁ ଯାଉଛନ୍ତି । ସୂଚନାନୁସାରେ, ୱାକଫ ଆକ୍ଟରେ ପ୍ରାୟ ୪୦ଟି ସଂଶୋଧନକୁ କ୍ୟାବିନେଟ ଅନୁମୋଦନ କରିଛି । ସୂଚନାନୁସାରେ, କେନ୍ଦ୍ର ସରକାର କୌଣସି ସମ୍ପତ୍ତିକୁ ୱାକଫ ସମ୍ପତ୍ତି କରିବା ଅଧିକାର ଥିବା ୱାକଫ ବୋର୍ଡର କ୍ଷମତାରେ ଅଙ୍କୁଶ ଲଗାଇବାକୁ ଚାହୁଁଛନ୍ତି।

୪୦ ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ୱାକଫ ବୋର୍ଡଦ୍ୱାରା ସମ୍ପତ୍ତି ଉପରେ ଦିଆ ଯାଇଥିବା ଦାବିଗୁଡିକର ବାଧତାମୂଳକ ଯାଞ୍ଚ ହେବ। ୱାକଫ ବୋର୍ଡର ବିବାଦୀୟ ସମ୍ପତ୍ତି ପାଇଁ ବାଧତାମୂଳକ ଯାଞ୍ଚ ନିମନ୍ତେ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ସୋମବାର ସଂସଦରେ ୱାକଫ ଆକ୍ଟରେ ସଂଶୋଧନ ପାଇଁ ଏକ ବିଲ୍ ଉପସ୍ଥାପନ କରାଯିବ ବୋଲି ଜଣାପଡିଛି।

ସରକାର ଅଗଷ୍ଟ ୫ରେ ସଂସଦରେ ୱାକଫ ଆକ୍ଟରେ ସଂଶୋଧନ ବିଲ ଉପସ୍ଥାପନ କରିବାକୁ ଯୋଜନା କରିଥିବା କୁହାଯାଉଛି। ମୋଦି ସରକାରଙ୍କ ପାଇଁ ଅଗଷ୍ଟ ୫ ତାରିଖର ବିଶେଷ ମହତ୍ତ୍ୱ ରହିଛି। କାରଣ ୫ ଅଗଷ୍ଟ ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ହଟାଇବାକୁ ବିଲ୍ ସଂସଦରେ ଉପସ୍ଥାପିତ ହୋଇଥିଲା । ଏହା ପରେ ୫ ଅଗଷ୍ଟ ୨୦୨୦ରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା କରାଯାଇଥିଲା।

ସରକାରୀ ସୂତ୍ର ଅନୁଯାୟୀ, ୱାକଫ ବୋର୍ଡର ପ୍ରାୟ ୮.୭ ଲକ୍ଷ ସମ୍ପତ୍ତି ଅଛି, ଅର୍ଥାତ ୱାକଫ ବୋର୍ଡର ସମ୍ପତ୍ତି ପ୍ରାୟ ୯.୪ ଲକ୍ଷ ଏକର। ୨୦୧୩ରେ, କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ମୌଳିକ ୱାକଫ ଆକ୍ଟରେ ସଂଶୋଧନ କରି ୱାକଫ ବୋର୍ଡକୁ ଅଧିକ କ୍ଷମତା (ପୃଷ୍ଠା ୭ରେ)

ଖୋଲିଲା ହୀରାକୁଦ ଡ୍ୟାମର ଆଉ ୪ଟି ଗେଟ୍

ସମ୍ବଲପୁର, ୪।୮
ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଡ୍ୟାମର ଆଉ ୪ଟି ଗେଟ ଖୋଲିଛି । ଏବେ ହୀରାକୁଦରୁ ମୋଟ ୧୦ଟି ଗେଟ ଦେଇ ଜଳ ନିଷ୍କାସନ ଜାରି ରହିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ରବିବାର ସକାଳ ସାଢ଼େ ୯ଟାରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ପରମ୍ପରା ଅନୁଯାୟୀ ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ପ୍ରଥମେ ବାମ ପାର୍ଶ୍ୱର ୭ ନମ୍ବର ଗେଟ ଖୋଲାଯାଇଥିଲା। (ପୃଷ୍ଠା ୭ରେ)

ଏକାଳ ସେକାଳ

ଦଳୁ ମାରିଥିଲେ ଡିଆଁ ନେତାଏ
ମିଳିଯିବ ବୋଲି କିଛି
ଏବେ ଛାତିରେ ଛାତିରେ କୋହ
ଲୁହ ପାରନ୍ତିନି ପୋଛି
ଭାଗ୍ୟ ଦେଇଗଲା ଚାଞ୍ଚ
କ'ଣ ଭାବିଥିଲେ କ'ଣ ମିଳିଲା
ଭାବିବା ବେଳ କି ଅଛି ?

ଭାରତୀୟ ଜ୍ୟୋତିର୍ବିଦ କରିଥିଲେ ଭବିଷ୍ୟବାଣୀ, ଅଗଷ୍ଟ ୪ରୁ ଆରମ୍ଭ ହେବ ତୃତୀୟ ବିଶ୍ୱଯୁଦ୍ଧ

ନୂଆଦିଲ୍ଲୀ, ୪।୮

ଭାରତୀୟ ଜ୍ୟୋତିର୍ବିଦ କୁଶଳ କୁମାରଙ୍କ ଭବିଷ୍ୟବାଣୀ ସତ ହୋଇଥିବା କୁହାଯାଉଛି। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇ ଯାଇଥିବା ଆକ୍ରମଣ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି। କାରଣ ଅଗଷ୍ଟ ୪ କିମ୍ବା ୫ରୁ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ ବୋଲି କୁଶଳ କୁମାର ପୂର୍ବାନୁମାନ କରିଥିଲେ।

ତାଙ୍କ କଥା ସତ ହେବା ଭଳି ଅଗଷ୍ଟ ୩ ତାରିଖ ରାତିରୁ ଇସ୍ରାଏଲ ଉପରେ ଇରାନ ଏୟାରଷ୍ଟ୍ରାଇକ ଆରମ୍ଭ କରିଦେଇଛି । କେବଳ ଇରାନ ନୁହେଁ, ଲେବାନନ ସହ ମଧ୍ୟପ୍ରାଚ୍ୟରେ ଥିବା ଅନ୍ୟ କେତକ ରାଷ୍ଟ୍ର ସମର୍ଥିତ ସଂଗଠନ ମଧ୍ୟ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି।

ଏହାର ମୁଖ୍ୟ କାରଣ ହେଉଛି, ଲେବାନନର ହିଜବୁଲ ଏବଂ ପାଲେଷ୍ଟାଇନ ସମର୍ଥିତ ହମାସ ସଂଗଠନର ସର୍ବୋଚ୍ଚ ନେତାଙ୍କୁ ହତ୍ୟା। ହିଜବୁଲ ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରିଥିବା ନେଇ ଇସ୍ରାଏଲ ଦାବି କରିବା ପରେ ଏହି ବିବାଦ ଘନେଇଛି। ସେହିପରି ଇରାନ ରାଜଧାନୀ ତେହେରାନରେ ହମାସର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରାଯିବା ପରେ ପ୍ରତିଶୋଧ ପରାୟଣ ହୋଇଛି ଇରାନ। ଏହାକୁ ନେଇ ଇରାନ (ପୃଷ୍ଠା ୭ରେ)

ବିଭିନ୍ନ ବ୍ୟାଙ୍କରେ ପଡ଼ିରହିଛି ୭୮,୦୦୦ କୋଟି ଟଙ୍କା, ନାହାନ୍ତି କେହି ଦାବିଦାର

ନୂଆଦିଲ୍ଲୀ, ୪।୮

ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଦେଶର ବିଭିନ୍ନ ବ୍ୟାଙ୍କଗୁଡିକରେ ୭୮.୦୦୦କୋଟି ଟଙ୍କା ପଡ଼ି ରହିଛି, ଯାହାର କେହି ଦାବିଦାର ନାହାନ୍ତି। ଅର୍ଥ ମନ୍ତ୍ରଣାଳୟ ଏବଂ ସରକାର କିଛି ସମୟ ଧରି ଏହି ପ୍ରସଙ୍ଗରେ ଚିନ୍ତାରେ ଥିଲେ। ଏଭଳି ଟଙ୍କାର ସମାଧାନ ପାଇଁ ବ୍ୟାଙ୍କଗୁଡ଼ିକୁ ସଚେତନତା ଅଭିଯାନ ମଧ୍ୟ କରିବାକୁ ପଡିବ।

ଅନାବଶ୍ୟକ ଅର୍ଥର ପରିମାଣ ଏଭଳି ଯେଭଳି ଆଉ ନ ବଢ଼ିବ ଏବଂ ଏହାକୁ ସମ୍ପୃକ୍ତ ବ୍ୟକ୍ତି କିମ୍ବା ତାଙ୍କ ପରିବାରଙ୍କୁ ଫେରି ପାଇବାକୁ ନିଶ୍ଚିତ କରିବାକୁ, କେନ୍ଦ୍ର କ୍ୟାବିନେଟ କିଛି ବ୍ୟାଙ୍କିଙ୍ଗ (ପୃଷ୍ଠା ୭ରେ)

ପାରାଦ୍ୱୀପରେ ଗିରଫ ହେଲା ଚୀନ ଜାହାଜ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ପାରାଦ୍ୱୀପ ବନ୍ଦରରେ ଗିରଫ ହେଲା ଚୀନ ଜାହାଜ । ଏକ ଚୀନ ଜାହାଜକୁ ଗିରଫ କରାଯାଇଛି । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୁଜଙ୍ଗ ସବ୍ ଜଜ୍ ଜାହାଜକୁ ଗିରଫ କରିଛନ୍ତି। ଏହି ଜାହାଜଟି ଜର୍ଜିଆରୁ ଆମୋନିୟମ ନାଇଟ୍ରେଟ ନେଇ ପାରାଦ୍ୱୀପ ଆସିଥିଲା । ଜାହାଜ ଉପରେ ଓଡ଼ିଶାର ଏକ ସଂସ୍ଥାର ୯୯ ଲକ୍ଷ ୮୧ ହଜାର ୫୫୩ ଟଙ୍କା ବକେୟା ରହିଥିଲା । ଜାହାଜ ମାଲିକ ଏହି ବକେୟା ଅର୍ଥ ପ୍ରଦାନ ନ କରିବାରୁ ସଂସ୍ଥା ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ। ହାଇକୋର୍ଟ ଏହାକୁ ବିଚାର କରି ଉକ୍ତ ଜାହାଜକୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଅନୁଯାୟୀ, ସ୍କାଣ୍ଡି ଟ୍ରେଡିଂ ଲିମିଟେଡ ନାମକ ସଂସ୍ଥାକୁ ଜାହାଜ ମାଲିକ ୯୯ ଲକ୍ଷ ୮୧ ହଜାର ୫୫୩ ଟଙ୍କା ବକେୟା ଦେବାର ଥିଲା । କିନ୍ତୁ ସେ ଏହି ବକେୟା ନ ଦେବାରୁ ସମ୍ପୃକ୍ତ ସଂସ୍ଥା ହାଇକୋର୍ଟରେ ଆବଦେନ କରିଥିଲେ । ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି. ନରସିଂହ ସୋମବାର ଦିନ ଏହାର ଶୁଣାଣି କରି ଜାହାଜକୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ଦିନ ଜାହାଜ ଆସି ପାରାଦ୍ୱୀପ ବନ୍ଦରରେ ଲାଗିବା ପରେ ଏହାକୁ କରାଯାଇଥିଲା । ଆବେଦନକାରୀ, ହାଇକୋର୍ଟଙ୍କ ଏହି ଆଦେଶ କପି ସହ ହାଇକୋର୍ଟ ମାର୍ସାଲଙ୍କ ଚିଠି ମେଲ, ଫାକ୍ସ ଅବା ବ୍ୟକ୍ତିଗତ ଭାବେ ପ୍ରଦାନ କରିବେ। ଅଗଷ୍ଟ ପହିଲାକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି । ମାମଲାରୁ ଜଣାଯାଇଛି ଯେ, ଲୋ ସଲଫର ମ୍ୟାରିନ୍ ଗ୍ୟାସ୍ ଅଏଲ୍ କାରବାରକୁ ନେଇ ଉଭୟ ଆବେଦନକାରୀ ଟ୍ରେଡି ସଂସ୍ଥା ଏବଂ ଜାହାଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଚୀନ କମ୍ପାନୀର ଜାହାଜ ଓ ଟ୍ରେଡି ସଂସ୍ଥାକୁ ୯୯ ଲକ୍ଷ ୮୧ ହଜାର ୫୫୩ ଟଙ୍କା ପ୍ରଦାନ କରିବା କଥା। କିନ୍ତୁ ଜାହାଜ ମାଲିକ ଏହି ଅର୍ଥ ନଦେବାରୁ ଆବେଦନକାରୀ ଟ୍ରେଡିଂ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ଆଡମିରାଲିଟି ଆଇନର (ଜୁରିସଡିକସନ୍ ଆଣ୍ଡ ସେଟେଲ୍‌ମେଣ୍ଟ ଅଫ୍ ମ୍ୟାରିଗଇମ୍ କ୍ଲେମ୍)-୨୦୧୭ ଧାରା (୪)(୧)(ଆଇ)ରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦଖଲ ସମସ୍ତ ଦସ୍ତାବିଜ ଏବଂ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ଏହାକୁ ଶୁଣିବା ପରେ ଏଥିରେ ପ୍ରାଥମିକ ପ୍ରମାଣ ଥିବା ଅନୁଭବ କରି ମାମଲା ବିଚାର ପାଇଁ ଗ୍ରହଣ କରିଥିଲେ ହାଇକୋର୍ଟ । ଗତ ସୋମବାର ଦିନ ଏହି ଘଟଣାର ଶୁଣାଣି କରି ହାଇକୋର୍ଟ ଚୀନ ଜାହାଜକୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେନାମା ପହଞ୍ଚିବା ମାତ୍ରେ କୁଜଙ୍ଗ ସବ କୋର୍ଟ ବିଚାରପତି ଜାହାଜକୁ ଗିରଫ କରିଛନ୍ତି। ପ୍ରକାଶ ଥାଉକି, ୬ ମାସ ତଳେ ଗଠ ଦେବୀ ନାମକ ଏକ ଜାହାଜ ପାରାଦ୍ୱୀପ ବନ୍ଦରକୁ ଆସିଥିବା ବେଳେ ତା' ମଧ୍ୟରୁ ୧୦୦ କୋଟିରୁ ଅଧିକ ଟଙ୍କାର କୋକେନ୍ ଜବତ ହୋଇଥିଲା। ଫଳରେ ତଦନ୍ତ ଚାଲୁଥିବାରୁ କଷ୍ଟମ ବିଭାଗ ପକ୍ଷରୁ ବର୍ତ୍ତମାନ ଯାଏ ବି ଜାହାଜକୁ ଅଟକ ରଖାଯାଇଛି ।

ସହରରେ ଛାଇଗଲେଣି ବନ୍‌ଜାରା ଗ୍ୟାଙ୍ଗ୍: ୭ବର୍ଷର ପିଲାଙ୍କୁ ଶିଖାଉଛନ୍ତି ଚୋରିର କୌଶଳ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କଟକ ଏବଂ ଭୁବନେଶ୍ୱରରେ ମାଡ଼ିଗଲେଣି ବନ୍‌ଜାରା ଗ୍ୟାଙ୍ଗ। ସହରର ମୁଖ୍ୟ ରାସ୍ତାଠାରୁ ଜାତୀୟ ରାଜପଥ ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଦଳଦଳ ହୋଇ ବନ୍‌ଜାରା ଗ୍ୟାଙ୍ଗ୍ ଆଡ୍ଡା ଜମାଇ ବସିଛନ୍ତି। ଛତିଶଗଡ଼, ମଧ୍ୟପ୍ରଦେଶରୁ ଆସି ଏଠାରେ ବିଭିନ୍ନ ଛକ ଏବଂ ବ୍ରିଜ୍ ତଳେ ଆସ୍ଥାନ ଜମାଇ ଦେଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ଏହି ବନ୍‌ଜାରା ଗ୍ୟାଙ୍ଗକୁ ଦେଖିବାକୁ ମିଳିଥିବା ବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ଖୁବ୍ କମ୍ ଦେଖିବାକୁ ମିଳୁଛି। ଠିକଣା ଓ ପରିଚୟ ନଥିବା ଏହି ବନ୍‌ଜାରାମାନେ ଏଠାରେ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନେ ବିଭିନ୍ନ ଛକରେ କଲମ, କାର ଡୋର କଭର ଏବଂ ଅନ୍ୟାନ୍ୟ ଖେଳାନା ବିକ୍ରି କରୁଛନ୍ତି। ମଉକା ପାଇଲେ ସେମାନେ କାର କାଚ ଭାଙ୍ଗି କିମ୍ବା କୌଣସି କାର୍ ଡୋର ଖୋଲାଥିଲେ ଚୋରି କରୁଛନ୍ତି। ସନ୍ଧ୍ୟା ହେଲେ ଏମାନଙ୍କର କାମ ଆରମ୍ଭ ହୁଏ। ଦିନରେ ଏମାନେ ବୁଲିବୁଲି ଘର ଠିକ୍ କରନ୍ତି। ପରେ ସେମାନେ ଉକ୍ତ ଘରେ ପଶି ଚୋରି କରନ୍ତି। ଏବେ ଏମାନେ ରାଜଧାନୀରେ ଆତଙ୍କ ରଚୁଛନ୍ତି। 'ମୋ ବସ୍'ରେ ଏହି ବନ୍‌ଜାରାମାନେ ଚଢ଼ି ଲୋକଙ୍କ ଠାରୁ ଟଙ୍କା ଏବଂ ସୁନା ଲୁଟ୍ କରୁଛନ୍ତି। ସହରକୁ ଏବେ ୬୦ରୁ ଅଧିକ ବନ୍‌ଜାରା ଗ୍ୟାଙ୍ଗ୍ ଆସିଛନ୍ତି। ସେମାନେ ବିଭିନ୍ନ ଛକରେ ରହି ଏଭଳି ଚୋରି କରୁଛନ୍ତି। ବଡ଼ ଦୁଃଖର କଥା ଏହି ବନ୍‌ଜାରା ଗ୍ୟାଙ୍ଗ୍ କେତେ ଜଣ ଏଭଳି ସହରରେ ଅଛନ୍ତି। ସେମାନଙ୍କ ଠିକଣା କ'ଣ, କେତେ ଜଣ ଅଛନ୍ତି। ସବୁ କିଛି ତଥ୍ୟ ସଂଗ୍ରହ କରି ଦେବାକୁ ୨୦୨୦ ଜାନୁୟାରୀ ୬ ତାରିଖ ରାଜ୍ୟ ମାନବାଧିକାର ଆୟୋଗ ଗୃହ ବିଭାଗ ସଚିବ ଏବଂ ପୁଲିସ କମିସନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏତି ମଧ୍ୟରେ ସାଢେ ୪ବର୍ଷ ବିତିଯାଇଥିଲେ ମଧ୍ୟ ପୁଲିସ ଏମାନଙ୍କ ତଥ୍ୟ ସଂଗ୍ରହ କରିନି। ପୁଲିସ କେବଳ ବିଭିନ୍ନ ଅପରାଧ ଘଟିଲେ ଅଭିଯୁକ୍ତ ଗିରଫ କରି ଜେଲ୍ ପଠାଉଛି। କିନ୍ତୁ ଏମାନଙ୍କ ତଥ୍ୟ ସଂଗ୍ରହ କରିବାକୁ ସମୟ ନାହିଁ। ଯେଉଁଥି ପାଇଁ ସହରରେ ଚୋରି କରିବାରେ ଏହି ଗ୍ୟାଙ୍ଗ୍ ସଫଳ ହେଉଛି। ସହରରେ କେତେ ବଞ୍ଜାରା ଅଛନ୍ତି ସେମାନଙ୍କୁ ଚିହ୍ନଟ ପରେ ସେମାନଙ୍କ ମଧ୍ୟରେ କେଉଁମାନେ ମାନସିକ ବିକାରଗ୍ରସ୍ତ ରହିଛନ୍ତି ସେମାନଙ୍କୁ ଉଦ୍ଧାର କରାଯାଇ ଆବଶ୍ୟକ ଚିକିତ୍ସା କରିବା ପାଇଁ କୁହାଯାଇଥିଲା। ସେମାନଙ୍କ ପରିଚୟ, ଘର, ଠିକଣା ଖୋଜାଯିବା ସହ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇ ସେମାନଙ୍କ ରାଜ୍ୟକୁ ପଠାଇବାର ବ୍ୟବସ୍ଥା କରିବା, ଏହାସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିଭଳି ଅଛି, ସେମାନେ କୌଣସି ସଂକ୍ରମଣ ରୋଗରେ ଆକ୍ରାନ୍ତ ଅଛନ୍ତି କି? କୌଣସି ବେଆଇନ୍ କାର୍ଯ୍ୟ କରିବାକୁ ଏଠାକୁ ଆସିଛନ୍ତି କି ନାହିଁ? ଅନ୍ୟ ରାଜ୍ୟରେ ଅପରାଧ ଘଟାଇ ଏଠାରେ ଏପରି ଲୁଚି ବୁଲୁଛନ୍ତି କି? ଆଦି ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ପୁଲିସକୁ କୁହାଯାଇଥିଲେ ମଧ୍ୟ ପୁଲିସ କିଛି ବି ତଥ୍ୟ ସଂଗ୍ରହ କରିନାହିଁ। ଏଠାକୁ ଆସି ବିଭିନ୍ନ ଛକ ଏବଂ ବ୍ରିଜ୍ ତଳେ ରହୁଛନ୍ତି। ସେମାନଙ୍କ ପିଲାଙ୍କୁ ୭ବର୍ଷ ହେଲା ପରେ ସେମାନଙ୍କୁ ଚୋରିର କୌଶଳ ଶିଖାଉଛନ୍ତି। କିଭଳି ଭିକ୍ଷା ମାଗିବା ବାହାନାରେ ବୁଲିବେ। ଆଉ ମଉକା ପାଇଲେ ଲୋକଙ୍କୁ ପକେଟ୍‌ରୁ ପର୍ସ, ଭ୍ୟାନିଟ୍ ଆଦି ଚୋରି କରିବେ। ଏବେ ଛୋଟ ପିଲାଙ୍କୁ 'ମୋ ବସ୍'ରେ ଯାଉଥିବା ଯାତ୍ରୀଙ୍କୁ କିଭଳି ଚୋରି କରାଯାଇ ହେବ ତାହାର ଶିକ୍ଷା ଦେଉଛନ୍ତି। ଏଠାରେ ରହି ଚୋରି କରିବା ପରେ ସେମାନେ ଛୋଟଠୁ ବଡ଼ ବିଭିନ୍ନ ଛକରେ ଡେନ୍‌ଡ୍ରାଇଡ୍ ଏବଂ ଅନ୍ୟାନ୍ୟ ମାରାତ୍ମକ ନିଶା ଖାଉଛନ୍ତି। ଏଭଳି ନିଶା ଖାଇବା ପରେ ଚୋରି କରିବା ପାଇଁ ଯାଉଛନ୍ତି। ଯଦି ଚୋରି କରିବା ସମୟରେ ସେମାନଙ୍କ ଆଗରେ କେହି ଆସୁଛନ୍ତି ଆକ୍ରମଣ କରୁଛନ୍ତି।

ବାଘଙ୍କ ପସନ୍ଦ ଓଡ଼ିଶା ଜଙ୍ଗଲ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଜଙ୍ଗଲ ବାହାର ରାଜ୍ୟର ବାଘଙ୍କ ଭାରି ପସନ୍ଦ। ସେଥିପାଇଁ ଶହ ଶହ କିଲୋମିଟର ଅତିକ୍ରମ କରି ଓଡ଼ିଶା ଜଙ୍ଗଲକୁ ଏକାଧିକ ବାଘ ଚାଲି ଆସିଥିବା ନଜିର ରହିଛି। ଏଠାକୁ ଆସିବା ପରେ ସେମାନେ ନିଜର ଟେରିଟୋରି ବା ବାସସ୍ଥାନ ତିଆରି କରୁଛନ୍ତି। ଏବେ ଅନ୍ୟ ରାଜ୍ୟର ଦୁଇଟି ମହାବଳ ଓଡ଼ିଶାର ଦୁଇଟି ଜଙ୍ଗଲରେ ରହୁଛନ୍ତି। ଦୀର୍ଘ ୨୦ ବର୍ଷ ପରେ ସୁନ୍ଦରଗଡ଼ ଜଙ୍ଗଲରେ କ୍ୟାମେରା ଟ୍ରାପ୍‌ରେ କଏଦ ହୋଇଥିବା ମହାବଳ ବର୍ଷକ ତଳୁ ମଧ୍ୟପ୍ରଦେଶର ସଞ୍ଜୟ ଡୁବୁରୀ ଅଭୟାରଣ୍ୟରୁ ଆସି ଏଠାରେ ଡେରା ପକାଇଥିବା ଜଣାପଡିଛି। ସେହିପରି ଗଜପତି ଜଙ୍ଗଲରେ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ଆଉ ଏକ ମହାବଳ ଦୀର୍ଘଦିନ ହେଲା ମହାରାଷ୍ଟ୍ର ବ୍ରହ୍ମପୁରୀ ଫରେଷ୍ଟ ଡିଭିଜନରୁ ଆସି ଏଠାରେ ତା'ର ନିଜର ଇଲାକା କରିସାରିଲାଣି। ତେବେ ବାହାର ରାଜ୍ୟରୁ ବାଘ ଆସି ଓଡ଼ିଶାରେ ନିଜର ବାସସ୍ଥାନ ତିଆରି କରିବା ନୂଆକଥା ନୁହେଁ। ପୂର୍ବରୁ ବି ଓଡ଼ିଶା ଜଙ୍ଗଲ ମହାବଳଙ୍କ ପସନ୍ଦର ସ୍ଥାନ ରହିଆସିଛି। ନିକଟରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବାର୍ଦ୍ଧକ୍ୟଜନିତ କାରଣରୁ ମହାବଳ 'ନନ୍ଦନ'ର ମୃତ୍ୟୁ ଘଟିଥିଲା। ସାଥୀ ସନ୍ଧାନରେ ସେ ସାତକୋଶିଆ ଅଭୟାରଣ୍ୟରୁ ୨୦୧୩ ମାର୍ଚ୍ଚରେ ନନ୍ଦନକାନନକୁ ପଳାଇ ଆସିଥିଲା ବୋଲି ସେତେବେଳେ କୁହାଯାଉଥିଲା। ହେଲେ ଏହା ସେଣ୍ଟ୍ରାଲ ଇଣ୍ଡିଆ ଲ୍ୟାଣ୍ଡସ୍କେପ୍‌ରୁ ଆସିଥିଲା ବୋଲି ନିକଟରେ ଏହାର ଜିନଗତ ପରୀକ୍ଷଣରୁ ସ୍ପଷ୍ଟ ହୋଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ପିସିସିଏଫ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଓଡ଼ିଶାରେ ମହାବଳଙ୍କ ରହିବା ପାଇଁ ପର୍ଯ୍ୟାପ୍ତ ଘଞ୍ଚ ଜଙ୍ଗଲ ରହିଛି। ଖାଦ୍ୟ ବି ରହିଛି। ତେଣୁ ସେମାନେ ଓଡ଼ିଶା ଜଙ୍ଗଲକୁ ଆସି ଏଠାରେ ନିଜର ଇଲାକା ତିଆରି କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଅପରପକ୍ଷେ ଶିମିଳିପାଳ ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ଦେଶର ପ୍ରଥମ କଳାବାଘ ସଫାରୀ ପ୍ରକଳ୍ପ ପାଇଁ ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଅନୁମୋଦନ କରିଥିବା ବେଳେ ଏହାର ଡିଜାଇନ୍‌କୁ ସେଣ୍ଟ୍ରାଲ ଜୁ' ଅଥରିଟି (ସିଜେଡ୍‌ଏ) ମଞ୍ଜୁରୀ ଦେଇଛି। ଏହି କଳାବାଘ ସଫାରୀରେ ନନ୍ଦନକାନନରୁ କଳାବାଘ ଓ କଳା ଜିନ୍ ଥିବା ବାଘକୁ ଆଣି ଛଡ଼ାଯିବ। ଏଠାରେ ବାଘଙ୍କ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ରହିବ। ଚଳିତବର୍ଷ ଡିସେମ୍ବର ସୁଦ୍ଧା ଏହି ସଫାରୀ ପର୍ଯ୍ୟଟକଙ୍କ ପାଇଁ ଖୋଲାହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ରହିଛି।

ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ପରେ ଦିଲ୍ଲୀ ସରକାର ଆଖି ଖୋଲିଲା

ଆସିବ ରେଗୁଲେସନ-ଆକ୍ଟ, ଆଉ ସହଜ ହେବନି କୋଚିଂ ସେଣ୍ଟର ପ୍ରତିଷ୍ଠା

ନୂଆଦିଲ୍ଲୀ,

ରାଜେନ୍ଦ୍ରନଗର କୋଚିଂ ସେଣ୍ଟର ଅଘଟଣରେ ତିନିଜଣ ସିଭିଲ୍ ସର୍ଭିସ ଆଶାୟୀଙ୍କ ମୃତ୍ୟୁ ଘଟଣା ଦେଶରେ ଉଦବେଗ ସୃଷ୍ଟି କରିଥିଲା । ଦେଶରେ କୋଚିଂ ସେଣ୍ଟରର ଚିନ୍ତାଜନକ ସ୍ଥିତିକୁ ସାମ୍ନାକୁ ଆଣିଥିଲା ଏହି ଅଘଟଣ । ଏବେ ପର୍ଯ୍ୟନ୍ତ ମଧ୍ୟ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଛାତ୍ର ଆନ୍ଦୋଳନ ଜାରି ରହିଛି । ଏହାରି ମଧ୍ୟରେ ଆଜି କୋଚିଂ ସେଣ୍ଟର ସମ୍ପର୍କରେ ବଡ ଘୋଷଣା କରିଛନ୍ତି ଦିଲ୍ଲୀ ସରକାର । ଏଣିକି ଆଉ କୋଚିଂ ସେଣ୍ଟରର ମନମାନୀ ଚଳିବ ନାହିଁ । ଏଗୁଡ଼ିକୁ ଦିଲ୍ଲୀ ସରକାର ନିୟନ୍ତ୍ରଣ କରିବେ । ଏକ ରେଗୁଲେସନ ଆକ୍ଟ ମଧ୍ୟ ଦିଲ୍ଲୀ ବିଧାନସଭାରେ ଆସିବ । କୋଚିଂ ସେଣ୍ଟର ପ୍ରତିଷ୍ଠା ଅନୁମତିଠାରୁ ନେଇ ଭିତ୍ତିଭୂମି ଓ ପରିଚାଳନା ଗତ ସମସ୍ତ ନିୟମ ମଧ୍ୟ ଏହି ରେଗୁଲେସନ ଆକ୍ଟରେ ରହିବ । ଏପରିକି ଫି' ମଧ୍ୟ ମନଇଚ୍ଛା ନେଇପାରିବନି କୋଚିଂ ସେଣ୍ଟର । ସେଣ୍ଟରଗୁଡ଼ିକ ସରକାରୀ ନିର୍ଦ୍ଧାରିତ ଫି' ନେବେ । ଆଜି ଦିଲ୍ଲୀ ମନ୍ତ୍ରୀ ଆତିଶୀ ଓ ମେୟର ସୈଲୀ ଓବରାଇ ମିଳିତ ପ୍ରେସମିଟରେ ଏହି ଘୋଷଣା କରିଛନ୍ତି । ଆଜି ମନ୍ତ୍ରୀ-ମେୟର ମିଳିତ ପ୍ରେସମିଟରେ ଆତିଶୀ କହିଛନ୍ତି, ''ଦିଲ୍ଲୀର କୋଚିଂ ପ୍ରତିଷ୍ଠାନଗୁଡ଼ିକୁ ବିଦ୍ୟାଳୟ ପରି ଆଇନ ଅନୁଯାୟୀ ପରିଚାଳନା କରାଯିବ । ଦିଲ୍ଲୀ ସରକାର 'କୋଚିଂ ଇନଷ୍ଟିଚ୍ୟୁଟ୍ ରେଗୁଲେସନ୍ ଆକ୍ଟ' ଆଣିବେ । ସମସ୍ତ କୋଚିଂ ସେଣ୍ଟର ପାଇଁ ଭିତ୍ତିଭୂମି, ଶିକ୍ଷକଙ୍କ ଯୋଗ୍ୟତା, ଫି ରାଶି ଧାର୍ଯ୍ୟ ଇତ୍ୟାଦି ନିୟମ ଅଣାଯିବ। ଏହି ନିୟମ କାର୍ଯ୍ୟକାରୀ ହେବା ପରେ ଏହା ପାଳନ କରାଯାଉଛି କି ନାହିଁ, ତା' ପାଇଁ ନିୟମିତ ଯାଞ୍ଚ ବ୍ୟବସ୍ଥା ମଧ୍ୟ ହେବ । ଏହାର ତଦାରଖ ଓ ଉଲ୍ଲଂଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଟିମ ରହିବ । ଏହି ଆଇନ (ଆକ୍ଟ) ପାଇଁ ଏକ କମିଟି ଗଠନ କରାଯିବ । ଏଥିରେ ଦିଲ୍ଲୀ ସରକାର, ଅଗ୍ନିଶମ, ମହାନଗର ନିଗମ (ଏମସିଡି) କାର୍ଯ୍ୟକର୍ତ୍ତା ଏବଂ ଛାତ୍ର ସଦସ୍ୟ ମଧ୍ୟ ରହିବେ । ଏହି ଅଧିନିୟମ ଉପରେ ସାଧାରଣ ଲୋକ ଓ ବୁଦ୍ଧିଜୀବୀଙ୍କ ମତ ମଧ୍ୟ ଗ୍ରହଣ କରିବ ଦିଲ୍ଲୀ ସରକାର । ବିଲ୍ ପ୍ରସ୍ତୁତ କରିବା ପୂର୍ବରୁ ସରକାର ଏହାକୁ ବିଚାର କରି ଆକ୍ଟର ରୂପରେଖ ପ୍ରସ୍ତୁତ କରିବେ ।'' ଦିଲ୍ଲୀ ମେୟର ସୈଲୀ ଓବରଇ କହିଛନ୍ତି,''ଆମେ ଛାତ୍ରଛାତ୍ରୀଙ୍କ ଦାବି ଶୁଣିବୁ ଏବଂ ସେମାନଙ୍କ ସହ ଏକ ବୈଠକ କରିବୁ। ଏହା ପରେ ସେହି ଆଧାରରେ ପ୍ରସ୍ତୁତ ଆକ୍ଟକୁ ଦିଲ୍ଲୀ ବିଧାନସଭାରେ ପାରିତ କରିବୁ । କୋଚିଂ ସେଣ୍ଟରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ କୋଚିଂ ସେଣ୍ଟର ଉପରେ ଗଉଡ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଭିନ୍ନ ନିୟମ ଉଲ୍ଲଂଘନ ପାଇଁ ସେଗୁଡ଼ିକୁ ସିଲ କରାଯାଇଛି ।'' ଦିଲ୍ଲୀର ରାଜେନ୍ଦ୍ର ରାଓ ଆଇଏଏସ ଷ୍ଟଡି ସେଣ୍ଟରରେ ଏହି ଅଘଟଣ ଘଟିଥିଲା। ବିଲ୍ଡିଂର ବେସମେଣ୍ଟରେ ହଠାତ ପ୍ରବଳ ବର୍ଷା ଫଳରେ ଡ୍ରେନ ପାଣି ଭରିଯିବାରୁ ୩ ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ବାୟୋମେଟ୍ରିକ ସିଙ୍ଗଲ ସିଷ୍ଟମ ବନ୍ଦ ହୋଇଯିବା କାରଣରୁ ସେମାନେ ବାହାରି ପାରିନଥିଲେ । ବେସମେଣ୍ଟରେ ଫସି ରହିଥିବା ବନ୍ୟାଜଳ ବୁଡି ସେମାନଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ଯୁବକ ଓ ଅନ୍ୟ ଦୁଇ ଯୁବତୀ ଥିଲେ । ଏହାକୁ ନେଇ ସିଭିଲ ସର୍ଭିସ ପ୍ରସ୍ତୁତି କରୁଥିବା ହଜାର ହଜାର ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଥିଲେ। କୋଚିଂ ସେଣ୍ଟରରେ ବିଭିନ୍ନ ଅବ୍ୟବସ୍ଥା ରହିଛି । ହେଲେ କୋଚିଂ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରାଶାସନର ଅବହେଳାରୁ ଏପରି ଅଘଟଣ ଘଟିଥିବା ସେମାନେ ଅଭିଯୋଗ କରିଥିଲେ ।

ଘଡ଼ିଆଳଙ୍କ ପାଇଁ ବନ୍ୟା ଭୟ !

ସୁରକ୍ଷା ଚିନ୍ତାରେ ବନ ବିଭାଗ

ଅନୁଗୋଳ, ନ୍ୟୁଜ ବ୍ୟୁରୋ

ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମହାନଦୀ ସାତକୋଶିଆ ଗଣ୍ଡରେ ଅକାତକାତ ପାଣି ପ୍ରବାହିତ ହେଉଛି । ଆଗକୁ ଆହୁରି ବର୍ଷା ସମ୍ଭାବନା ରହିଛି । ଅନ୍ୟ ପକ୍ଷରେ ଗତ ମେ ମାସରେ ସାତକୋଶିଆ ଗଣ୍ଡରେ ୩୫ଟି ବିରଳ ଘଡ଼ିଆଳ ଛୁଆ ଜନ୍ମ ହୋଇଛନ୍ତି । ଏହି ପ୍ରଜାତିର କୁମ୍ଭୀର ଖୁବ କମ୍ ସଂଖ୍ୟାରେ ଦେଖିବାକୁ ମିଳନ୍ତି । କାରଣ ଏମାନେ ଜନ୍ମ ହେଲେ ବଞ୍ଚିବା ଆଶା ବହୁତ କମ୍ ଥାଏ । ତେଣୁ ସେମାନେ କିଭଳି ବନ୍ୟା ସ୍ରୋତରେ ଭାସି ନଯାନ୍ତି ସେଥିପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ବନ୍ୟା ଜଳରୁ ଘଡ଼ିଆଳ ଛୁଆମାନଙ୍କୁ ଉଦ୍ଧାର କରି ଆଣି ସୁରକ୍ଷିତ ସ୍ଥାନରେ ରଖାଯାଉଛି ।

ବର୍ତ୍ତମାନ ସୁଦ୍ଧା ୧୨ଟି ଛୁଆ ଉଦ୍ଧାର କରାଯାଇ ଘଡ଼ିଆଳ ସଂରକ୍ଷଣ କେନ୍ଦ୍ରରେ ରଖା ଯାଇଛି । ସେମାନଙ୍କ ସମସ୍ତ ପ୍ରକାର ଯତ୍ନ ନିଆଯାଉଛି । ଆଗକୁ ବନ୍ୟା ଜଳ ବୃଦ୍ଧି ପାଇବାକୁ ଥିବାରୁ କିଭଳି ତୁରନ୍ତ ଅନ୍ୟ ଛୁଆମାନଙ୍କୁ ଉଦ୍ଧାର କରାଯିବ ସେଥିପାଇଁ ପ୍ରୟାସ ଜାରି ରଖିଛି ବନ ବିଭାଗ। ଦୀର୍ଘ ୪୦ବର୍ଷ ପରେ ଗତ ୨୦୨୧ରେ ସାତକୋଶିଆ ମହାନଦୀ ଗଣ୍ଡରେ ପ୍ରଥମ ଥର ପାଇଁ ପ୍ରାକୃତିକ ପରିବେଶରେ ୨୮ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ । ସେତେବେଳେ ସାରା ଦେଶରେ ବନ୍ୟଜନ୍ତୁ ବିଶେଷଜ୍ଞ ମାନଙ୍କ ମନରେ ଖୁସିର ଲହରୀ ଖେଳି ଯାଇଥିଲା । ଏହାପରେ ୨୦୨୨ରେ ୩୨ଟି ଏବଂ ୨୦୨୩ରେ ୩୫ଟି ଘଡ଼ିଆଳ ଛୁଆ ଜନ୍ମ ହୋଇଥିଲେ । ଚଳିତ ବର୍ଷ ଗତ ମେ ମାସରେ ପୁଣି ଥରେ ୩୫ଟି ଛୁଆ ଜନ୍ମ ହୋଇଛନ୍ତି । ସବୁଠାରୁ ବଡ଼ କଥା ହେଉଛି ନଦୀ ଗଣ୍ଡରେ ଥିବା ଏକ ମାତ୍ର ଘଡ଼ିଆଳ ଯୋଡି ଯୋଗୁଁ ୪ବର୍ଷ ହେଲା ଛୁଆ ଜନ୍ମ ହୋଇ ପାରୁଛି । କିନ୍ତୁ ଛୁଆ ଗୁଡ଼ିକ ବଞ୍ଚି ରହିବା ସମ୍ଭବ ହେଉ ନାହିଁ। ଚଳିତ ବର୍ଷର ଛୁଆଙ୍କୁ ଛାଡିଦେଲେ ଗତ ୩ବର୍ଷର ପ୍ରାୟ ୧୦୦ଛୁଆଙ୍କ ମଧ୍ୟରୁ ଗଣ୍ଡରେ ମାତ୍ର ୮ରୁ ୧୦ଟି ଦେଖା ଯାଉଛନ୍ତି । ମହାନଦୀରେ ବନ୍ୟା ଆସିବା ଫଳରେ ଛୁଆ ଗୁଡ଼ିକ ଭାସି ଯାଇ ପୁରୀ କେନାଲ ଓ ଆଠଗଡ଼ ଅଞ୍ଚଳରେ ଲାଗିଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ନନ୍ଦନକାନନରେ ରଖାଯାଇଛି । ଦେଖିବାକୁ ଗଲେ ପ୍ରାୟ ୧୬ଟି ଘଡ଼ିଆଳ ଛୁଆ ନନ୍ଦନକାନନରେ ଅଛନ୍ତି । ଆଉ ଛୁଆଙ୍କର କୌଣସି ପତ୍ତା ମିଳୁ ନାହିଁ । ଚଳିତ ବର୍ଷ ଗତ ମାସରେ ଜନ୍ମ ହୋଇଥିବା ୩୫ଟି ଛୁଆଙ୍କୁ କିଭଳି ସୁରକ୍ଷିତ ରଖା ଯାଇପାରିବ ବନ ବିଭାଗ ଅକ୍ଳାନ୍ତ ଉଦ୍ୟମ କରୁଛି । ଏହାଛଡା ବିଗତ ୪ବର୍ଷ ହେଲା ଅନେକ ଘଡ଼ିଆଳ ଛୁଆ ବନ୍ୟାରେ ଭାସି ଯାଇଛନ୍ତି । ଚଳିତ ବର୍ଷ ଏବେଠାରୁ ବନ୍ୟା ଆଶଙ୍କା କରା ଯାଉଛି । ତେଣୁ ଏହାର ମୁକାବିଲା ପାଇଁ ଏବେଠାରୁ ପ୍ରସ୍ତୁତ ହେବା ଆବଶ୍ୟକ । ବିରଳ ଘଡ଼ିଆଳ ଆମ ଦେଶର ଚମ୍ବଲ ଓ ଗଣ୍ଡକ ନଦୀରେ ଦେଖିବାକୁ ମିଳନ୍ତି । ଏବେ ସାତକୋଶିଆ ଗଣ୍ଡରେ ଏଭଳି ବିରଳ ପ୍ରଜାତିର ଘଡ଼ିଆଳ ବଂଶ ବୃଦ୍ଧି କରିବା ଦେଖିବାକୁ ମିଳୁଛି । ତେଣୁ ଏଠାରେ ବର୍ଷ ତମାମ ବିଶେଷଜ୍ଞ ଓ ଅଭିଜ୍ଞମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ସୁରକ୍ଷା କରାଯିବା ଆବଶ୍ୟକ ରହିଛି ।

ଷ୍ଟିଲ୍ କାରଖାନାରେ ବିସ୍ଫୋରଣ

ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ

ଷ୍ଟିଲ୍ କାରଖାନାରେ ବିସ୍ଫୋରଣ । ଢେଙ୍କାନାଳ ଜିଲ୍ଲା ଝାଡ଼ବନ୍ଧ ନିକଟରେ ଥିବା ରୁଙ୍ଗଟା ମାଇନ୍ସ ଷ୍ଟିଲ୍ କାରଖାନାରେ ବିସ୍ଫୋରଣ ହୋଇଛି । ଫାଟିଲା ଫର୍ଣ୍ଣେସ୍ । ଏଥିରେ କେହି ମୃତାହତ ହୋଇ ନଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସମସ୍ତ କର୍ମଚାରୀ ସୁରକ୍ଷିତ ଥିବା ସୂଚନା । ଗତ କିଛି ଦିନ ପୂର୍ବରୁ ଦୁର୍ଘଟଣା ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା । ଫର୍ଣ୍ଣେସ୍ ସାଇଟ୍ ପାଖ ଧୂଆଁମୟ ହୋଇଯାଇଛି । ଫଳରେ କର୍ମଚାରୀ ଭୟଭିତ ହୋଇପଡିଛନ୍ତି ।

ଗୁଜରାଟ ପରେ ରାଜସ୍ଥାନରେ ଚାନ୍ଦିପୁରା ଭାଇରସ ଆତଙ୍କ

ନୂଆଦିଲ୍ଲୀ,

ଗୁଜରାଟ ପରେ ରାଜସ୍ଥାନରେ ଆତଙ୍କ । ଚାନ୍ଦିପୁରା ଭାଇରସ ସଂକ୍ରମଣରେ ବଢୁଛି ମୃତ୍ୟୁ ସଂଖ୍ୟା। ରାଜସ୍ଥାନରେ ୬ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ମୋଟ ସଂକ୍ରମଣ ସଂଖ୍ୟା ୧୩୩ରେ ପହଞ୍ଚିଛି । ଏପଟେ ଗୁଜରାଟରେ ଆଉ ୩୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜୁନ ମାସରେ ପ୍ରଥମେ ଗୁଜରାଟରେ ଚାନ୍ଦିପୁରା ଭାଇରସ ଚିହ୍ନଟ ହୋଇଥିଲା।

ଏସ୍‌ସିବିକୁ ଆସୁନି ରୋଗୀଙ୍କ ଖାଇବା ଖର୍ଚ୍ଚ

କଟକ, ନ୍ୟୁଜ ବ୍ୟୁରୋ

ରୋଗୀଙ୍କ ଖାଇବା ଖର୍ଚ୍ଚ ତୁଲାଇବାକୁ ନୂଆ ସରକାର ପଛଘୁଞ୍ଚା ଦେଇଛନ୍ତି। ଏସ୍‌ସିବି ମେଡିକାଲକୁ ଗତ ମେ' ମାସରୁ ଆଉ ଟଙ୍କା ଆସିନାହିଁ। ବାରମ୍ବାର ଚିଠି ଲେଖାଯାଉଛି। ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଛି। ହେଲେ ଟଙ୍କା ମିଳୁନି। ଇତିମଧ୍ୟରେ ବାକି ଟଙ୍କା ୨ କୋଟି ଟପିଗଲାଣି। ସବୁଦିନ ଏଠାରେ ଚିକିତ୍ସାଧୀନ ହଜାର ହଜାର ରୋଗୀଙ୍କୁ ଶୁଖିଲା ଆଉ ରନ୍ଧା ଖାଦ୍ୟ ଯୋଗାଇ ଦେବା କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସୁଧରେ ଟଙ୍କା ଆଣି ରୋଗୀଙ୍କ ପେଟ ଭରିବାକୁ ଉଦ୍ୟମ କରୁଛି ଠିକାରେ ଦାୟିତ୍ୱ ନେଇଥିବା ଏକ ଘରୋଇ ସଂସ୍ଥା। ଏପରିକି ମାସକୁ ୭୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିବା ଏହି ସଂସ୍ଥା ପାଇଁ କାଠିକର ପାଠ। ଏଣୁ ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନନେଲେ ଆଗାମୀ ଦିନରେ ସ୍ଥିତି ସଙ୍ଗୀନ ହୋଇ ପଡ଼ିବ। ଏପରି ସମସ୍ୟା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ରୂପ ଦେବା ପାଇଁ ନବୀନ ସରକାର ପଥ ପ୍ରସ୍ତୁତ କରିଥିଲେ। ଉନ୍ନତ ଭିତ୍ତିଭୂମି, ଅତ୍ୟାଧୁନିକ ବ୍ୟବସ୍ଥା ସହିତ ରୋଗୀ ସେବା ସରଳୀକରଣ କରିବା ଦିଗରେ ପୂର୍ବ ସରକାର ବିଶେଷ ଗୁରୁତ୍ୱ ଦେଇଥିଲେ। ମାତ୍ର ବିଜେପି ଶାସନ ଭାର ଗ୍ରହଣ କରିବା ପରଠାରୁ ସ୍ୱାସ୍ଥ୍ୟସେବାର ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଏହାର ଏକ ପ୍ରମାଣ ହେଉଛି ଏସ୍‌ସିବି ମେଡିକାଲ ପ୍ରତି ଅବହେଳା। ଏଠାରେ ଚିକିତ୍ସାଧୀନ ରୋଗୀଙ୍କ ଖାଇବା ଖର୍ଚ୍ଚ ତୁଲାଇବାରେ ସରକାର ଅଣଦେଖା କରୁଛନ୍ତି। ଗତ ୧୬ ତାରିଖରେ ଠିକା ସଂସ୍ଥା ଏସ୍‌ସିବି ଅଧୀକ୍ଷକଙ୍କୁ ଏକ ଚିଠି ଲେଖିଥିଲା। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଏପ୍ରିଲ ୨୧ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ରୋଗୀଙ୍କ ଖାଇବା ଖର୍ଚ୍ଚ ବାବଦ ଟଙ୍କା ମିଳି ପାରିନାହିଁ। ଉକ୍ତ ସବୁ ଦିନର ବକେୟା ଟଙ୍କା ହେଉଛି ଏକ କୋଟି ୬୧ ଲକ୍ଷ ୩ ହଜାର ୬୮୦ ଟଙ୍କା। ରୋଷେଇ ନିମନ୍ତେ ଆବଶ୍ୟକ କଞ୍ଚା ମାଲ କିଣିବା, ଷ୍ଟାଫମାନଙ୍କୁ ଦରମା ଦେବାରେ ସମସ୍ୟା ହେଉଛି। ଏଣୁ ବକେୟା ଟଙ୍କା ଦେବାକୁ ସଂସ୍ଥା ପକ୍ଷରୁ ନିବେଦନ କରାଯାଇଥିଲା। ଜୁଲାଇ ଶେଷ ହେବାକୁ ଯାଉଥିବା ବେଳେ ଇତିମଧ୍ୟରେ ବକେୟା ଟଙ୍କା ୨ କୋଟି ପାର ହୋଇ ଗଲାଣି। ଏ ପର୍ଯ୍ୟନ୍ତ ଏସ୍‌ସିବି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନିଦାବିଷ୍ଟ ହୋଇ ବସିଛି। ପ୍ରକାଶଥାଉକି, ଏସ୍‌ସିବି ମେଡିକାଲରେ ଶଯ୍ୟା ସଂଖ୍ୟା ପ୍ରାୟ ୨୧୦୦। ଏହାଛଡ଼ା ଅନେକ ରୋଗୀ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏଣୁ ଦୈନିକ ପ୍ରାୟ ୨୫୦୦ ରୋଗୀଙ୍କ ଖାଇବା ଖର୍ଚ୍ଚ ତୁଲାଇବାକୁ ପଡୁଛି। ଏକ ହଜାର ରୋଗୀ ରନ୍ଧା ଖାଦ୍ୟ ଗ୍ରହଣ କରୁଛନ୍ତି। ୧୫୦୦ ରୋଗୀଙ୍କୁ ଶୁଖିଲା ଖାଦ୍ୟ ଦିଆଯାଉଛି। ଦିନକୁ ଦୁଇ ଓଳି ରୋଗୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଏତଦବ୍ୟତୀତ ବିଭିନ୍ନ ରୋଗର ରୋଗୀଙ୍କ ନିମନ୍ତେ ଖାଦ୍ୟର ପ୍ରକାର ମଧ୍ୟ ଭିନ୍ନଭିନ୍ନ। ଶିଶୁ ରୋଗ, ନେଫ୍ରୋଲୋଜି, କାର୍ଡିଓଲୋଜି, ସର୍ଜରୀ ବିଭାଗ ରୋଗୀଙ୍କ ନିମନ୍ତେ ଖାଦ୍ୟ ତାଲିକା ପୃଥକ ରହିଛି। ରୋଗୀଙ୍କୁ ସୁଷମ ଓ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବାରେ ସମସ୍ୟା ହେଉଥିବାରୁ କିଛି ମାସ ପୂର୍ବେ ତଥା ନବୀନ ସରକାର ଅମଳରେ ରୋଗୀ ପିଛା ନିର୍ଦ୍ଧାରିତ ଖାଦ୍ୟ ମୂଲ୍ୟକୁ ରାଜ୍ୟ ସରକାର ବୃଦ୍ଧି କରିଥିଲେ। ଜେନେରାଲ ଡାଏଟ୍ ୧୧୦ଟଙ୍କା, ପେଡ଼ିଆଟ୍ରିକ ଡାଏଟ୍ ୯୫ଟଙ୍କା, ହାଇପ୍ରୋଟିନ ଡାଏଟ ୧୨୦ଟଙ୍କା, ଡ୍ରାଏ ଡାଏଟ୍ ୯୫ ଟଙ୍କା ଏବଂ ଲିକ୍ୟୁଡ ଡାଏଟ ୧୧୦ଟଙ୍କା ବୋଲି ନିର୍ଦ୍ଧାରଣ କରିଥିଲେ। ଫଳସ୍ୱରୂପ ରୋଗୀଙ୍କ ଖାଦ୍ୟ ତାଲିକା ବଦଳିବା ସହିତ ତାଲିକାରେ ସାମିଲ ହୋଇଥିଲା ଅନେକ ରକମର ସୁସ୍ୱାଦୁ ଖାଦ୍ୟ। ହେଲେ ଏବେ ସ୍ୱାସ୍ଥ୍ୟ ବିଭାଗ ଟଙ୍କା ଦେଉ ନଥିବାରୁ ରୋଗୀଙ୍କ ଭୋକ ମେଣ୍ଟାଇବାକୁ ନେଇ ସମସ୍ୟା ଉପୁଜିଛି।

ସାବଧାନ ବେପରୁଆ ଅଭିଭାବକ: ନାବାଳକଙ୍କୁ ଗାଡି ଦେଲେ ଆଉ ମିଳିବନି ନିସ୍ତାର

କଟକ, ନ୍ୟୁଜ ବ୍ୟୁରୋ

ନାବାଳକ ଗାଡ଼ିଚାଳକଙ୍କ ଉପରେ ଲଗାମ କଷିଛନ୍ତି ରାଜ୍ୟ ପରିବହନ କର୍ତ୍ତୃପକ୍ଷ । ଏହିକ୍ରମରେ ସୋମବାର ଠାରୁ ରାଜ୍ୟବ୍ୟାପି ଧରପଗଡ ଆରମ୍ଭ ହୋଇଛି । ମାତ୍ର ଦିନେ ଦୁଇ ଦିନ ମଧ୍ୟରେ ଧରା ପଡିଲେଣି ୩୩୪ ନାବାଳକ ଚାଳକ । ଏହାସହ ୧୩୮ଟି ଗାଡି ଜବତ କରିଛି ପରିବହନ ବିଭାଗ। ଏହି ଡ୍ରାଇଭରେ କଟକରେ ସର୍ବାଧିକ ୨୭ଜଣ ଧରାପଡିଛନ୍ତି । ଗାଡ଼ି ପିଛା ୨୫ ହଜାର ଟଙ୍କା ଅନୁପାତରେ ମୋଟ ୮୩ ଲକ୍ଷ ୫୦ ହଜାର ଟଙ୍କାର ଚାଲାଣ ମଧ୍ୟ ଆଦାୟ କରାଯାଇଛି । ବଡ଼କଥା ହେଉଛି କି ଏହି ପ୍ରକ୍ରିୟାରେ ଠାରୁ ଯେଉଁ ଗାଡିସହ ଯେଉଁ ନାବାଳକ କିମ୍ବା ନାବାଳିକା ଧରାପଡିବେ, ସେମାନଙ୍କ ଅଭିଭାବକଙ୍କ ବିରୋଧରେ ମୋଟର ଭେଇକିଲ ଆକ୍ଟ-୧୯୯ ଆଧାରରେ ମାମଲା ମଧ୍ୟ ରୁଜୁ ହେବ । ମୋଟର ଭେଇକିଲ ଆକ୍ଟ ୧୯୯ ଅନୁଯାୟୀ, ଯଦି ୧୮ ବର୍ଷରୁ କମ ବୟସ୍କ ବର୍ଗର କୌଣସି ନାବାଳକ, ନାବାଳିକା ଗାଡି ଚଳାଉଥିବା ଅବସ୍ଥା ଧରାପଡିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ଗାଡିକୁ ଜବତ କରାଯିବା ସହ ଗାଡି ଚାଳକଙ୍କ ଉପରେ ୨୫ ହଜାର ଟଙ୍କାର ଫାଇନ ଲଗାଯିବ । ଗାଡିର ପଞ୍ଜିକରଣକୁ ରଦ୍ଦ କରାଯିବ, ଗାଡ଼ିର ମାଲିକ ବା ଗାଡ଼ି ଚାଳାଉଥିବା ପିଲାଙ୍କ ବାପା ମା'ଙ୍କ ନାଁରେ ଥାନାରେ ମାମଲା ରଜୁ କରାଯାଇ ପାରିବ । ଏଥିରେ ୩ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି । ଏହା ବ୍ୟତିତ ଦୋଷୀ ସାବ୍ୟସ୍ତ ହେଲେ ଗାଡି ସହ ଧରା ପଡ଼ିଥିବା ନା ନାବାଳକ ବା ନାବାଳିକାଙ୍କ ତଥ୍ୟକୁ ସାରାଥୀ ପୋଟାଲରେ ଅପଲୋଡ୍ କରାଯିବ । ଫଳସ୍ୱରୂପ ୨୫ ବର୍ଷ ବୟସ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ । ତେବେ ଗତ ତିନି ବର୍ଷରେ ସଡକ ଦୁର୍ଘଟଣାରେ ୬୫୩ ୧୮ବର୍ଷରୁ କମ ପିଲାଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରେ ଅଛନ୍ତି ୫୪୧ ବାଳକ ଓ ୧୧୨ ବାଳିକା । ଏହି ଦୁର୍ଘଟଣାରେ ୧୮୯୫ ନାବାଳକ ଗୁରୁତର ଆହତ ହୋଇଛନ୍ତି। ଏଥିପାଇଁ ଆକ୍ସନ ମୋଡ଼ରେ ରାଜ୍ୟ ପରିବହନ ବିଭାଗ। ଗତ ଦୁଇ ଦିନ ଧରି ନାବାଳକ ଗାଡି ଚାଳକଙ୍କ ପାଇଁ ସ୍ପେଶାଲ ଟାକ୍ସ ଫୋର୍ସ ଗଠନ କରାଯାଇ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଛି ।

ଭୋଟ କାଳି ନ ଲିଭୁଣୁ ମହଙ୍ଗା ମାଡ଼ରେ କଲବଲ ଖାଉଟି

କେନ୍ଦୁଝର, ନ୍ୟୁଜ

ବଜାର ଦର ଉପରେ ସରକାରଙ୍କର ନିୟନ୍ତ୍ରଣରୁ ନଥିବାରୁ ନିତ୍ୟବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଗୁଡିକର ମହଙ୍ଗା ମାଡ଼ରେ ଖାଉଟି କଲବଲ ହେଉଥିବାର ଦେଖାଯାଉଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ନିର୍ବାଚନ କେଇମାସ ଯାଇଛିକି ନାହିଁ ଏବଂ ଭୋଟ କାଳି ଲୋକମାନଙ୍କର ଆଙ୍ଗୁଳିରୁ ଲିଭିଛି କି ନାହିଁ ଖାଦ୍ୟସାମଗ୍ରୀ ଗୁଡିକର ଅହେତୁକ ଦରବୃଦ୍ଧି ଖାଉଟିମାନଙ୍କୁ ବ୍ୟତୀବ୍ୟସ୍ତ କରିପକାଇଛି। ବିଶେଷକରି ଗରିବ ଶ୍ରେଣୀର ଖାଉଟିମାନେ ମହଙ୍ଗା ମାଡ଼ରେ ବେଶୀପ୍ରଭାବିତ ହେଉଛନ୍ତି। ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରି ବିଜେପି ସରକାରକୁ ଆସିଥିବାବେଳେ ବର୍ତ୍ତମାନ ମଧ ଦରଦାମ ବୃଦ୍ଧି ଆକାଶଛୁଆଁ ରହିଛି। ଚଳିତ ବିଧାନସଭାରେ ଦରଦାମ ବୃଦ୍ଧିକୁ ନେଇ ତୁମ୍ଭିତୋଫାନ ହୋଇଥିଲେ ହେଁ ପରସ୍ପର ପରସ୍ପରକୁ ଦୋଷ ଲଦାଲଦି ହୋଇ ଭାଷଣ ବାଜିରେ ସୀମିତ ରହିଛି, ହେଲେ ଦରବୃଦ୍ଧି ସେହିଭଳି ବେଲଗାମ ହେବାରେ ଲାଗିଛି। ବର୍ତ୍ତମାନ ତେଜରାତି ସାମଗ୍ରୀ ସହିତ ପନିପରିବା ଦରମଧ ବଢ଼ିବାରେ ଲାଗିଛି। ଖୋଲାବଜାରରେ ବର୍ତ୍ତମାନ ଆଳୁ କିଲୋ ୩୫ ଟଙ୍କା, ପିଆଜ ୪୦ଟଙ୍କା, ରସୁଣ ଓ ଅଦା କିଲୋ ୨୦୦ଟଙ୍କା, ହରଡ଼ ଡାଲି ୧୮୦ଟଙ୍କା, ତେଲ ଲିଟର ୧୫୦ଟଙ୍କାରେ ପହଁଞ୍ଚିଥିବା ବେଳେ ଅଧିକାଂଶ ପନିପରିବା ଦର ୮୦ରୁ ୧୦୦ ଟଙ୍କାରେ ପହଁଚିଛି। କୃଷିବହୁଳ ଆମ ଓଡିଶା ରାଜ୍ୟରେ ବିଭିନ୍ନ ଫସଲ ଉତ୍ପାଦନ ଲାଗି ଆବଶ୍ୟକୀୟ ଭିତ୍ତିଭୂମି ଓ କୃଷିଶ୍ରମିକ ରହିଥିଲେହେଁ ସରକାରୀ ସ୍ତରରେ କୃଷି କାର୍ଯ୍ୟ ଓ କୃଷକମାନଙ୍କ ପ୍ରତି ସନ୍ତୋଷ ଜନକ ପ୍ରୋତ୍ସାହନ ମିଳୁନଥିବାରୁ ଓଡିଶାରେ ସବୁ ଭରପୁର ଥାଇବି ଖାଦ୍ୟ ସାମଗ୍ରୀ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର ଶିଳ ହେବାକୁ ପଡୁଛି। ଯାହାକି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ମହଙ୍ଗା ମାଡ଼ର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଏହା ବ୍ୟତୀତ ମାଗଣା ଚାଉଳ, ଲେବର କାର୍ଡ ଯୋଗୁଁ ବିନା ପରିଶ୍ରମରେ ଘରେ ବସି ବସି ମାଗଣା ଚାଉଳ ପାଉଥିବାରୁ ଗରିବ ଲୋକମାନେ ଆଉ ମୂଲିଆ କାମ ନକରି ଘରେ ବସି ବସି ଅଳସୁଆ ହୋଇପଡୁଥିବାରୁ କୌଣସି କାମ ପାଇଁ ଶ୍ରମିକ ଲୋକ ମିଳିବା କଷ୍ଟ ହେବା, ପ୍ରତିମାସ ମାଗଣା ଚାଉଳ ପାଇଯାଉଥିବାରୁ ଆଉ କୃଷି କାର୍ଯ୍ୟ ପ୍ରତି ବିମୁଖ ମଧ ହେବାରେ ଲାଗିଛନ୍ତି, ଯାହାକି କୃଷି କାର୍ଯ୍ୟରେ ମଧ ପ୍ରଭାବ ପଡୁଛି ବୋଲି ମତପ୍ରକାଶ ପାଇଛି।

ସଡ଼କ ଦୁର୍ଘଟଣାରେ ଯୁବକ ମୃତ : କ୍ଷତି ପୂରଣ ଦାବିରେ ୫ଘଣ୍ଟା ରାସ୍ତାରୋକ

ରାଇଘର, ନ୍ୟୁଜ ବ୍ୟୁରୋ

ରାଇଘର ଥାନା ଅଧୀନରେ ଥିବା ବୀରପୁର ଡି ଏନ କେ ଛକ ନିକଟରେ ଟିପ୍ପର ଧକାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ସୂତ୍ରରୁ ପ୍ରକାଶ ଯେ ବୀରପୁର ଡିଏନକେ ଗ୍ରାମର ଶଙ୍କର ମିସ୍ତ୍ରୀ ରାଇଘରରୁ କାମ ସାରି ଫେରିବା ସମୟରେ ଘରେ ପହଞ୍ଚିବାକୁ ଥିବା ଅଳ୍ପ ବାଟ ନିଜ ଗ୍ରାମ ଛକ ରାସ୍ତାରେ ସାମ୍ନା ପଟୁ ଆସୁଥିବା ଭାରତ ମସାଲା କାମରେ ବ୍ୟବହୃତ ମିକଚର ମେସିନ ଟ୍ରକ ଶଙ୍କରଙ୍କ ଉପରେ ଚଢି ଯାଇଥିଲା । ଯାହା ଫଳରେ ଶଙ୍କରଙ୍କ ଅନ୍ତଃ ବୁଜୁଳି ପଦାକୁ ବାହାରି ଆସିଥିଲା, ଫଳରେ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଚଢିବା ପରେ ଟ୍ରକଟି ସେଠାରେ ନ ରହି ଚାଲି ଯାଇଥିଲା । ରାସ୍ତାରେ ଯାଉଥିବା ପଥଚାରୀ ଘଟଣା ଦେଖି ପୋଲିସକୁ ଖବର କରିଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିବା ସହ ପରିବାରକୁ କ୍ଷତି ପୂରଣ ବାବଦକୁ ଦଶ ଲକ୍ଷ ଟଙ୍କା ଦାବି କରିଥିଲେ । ପୋଲିସ ବୁଝେଇବାକୁ ପ୍ରାୟ ୫ଘଣ୍ଟା ସମୟ ଲାଗିଥିଲା । କ୍ଷତି ପୂରଣ ବାବଦରେ ୭ଲକ୍ଷ ଦେବାକୁ ମାଲିକ ରାଜି ହେବା ପରେ ଲୋକେ ରାତି ୨ଟାରେ ରାସ୍ତା ରୋକରୁ ଓହରି ଥିଲେ । ରବିବାର ରାଇଘର ପୋଲିସ ମୃତ ଶରୀରକୁ ଆଣି ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଘଟଣାକୁ ନେଇ ରାଇଘର ଥାନାରେ ଏକ ମାମଲା ରୁଜୁ ହେବା ସହ ଡ୍ରାଇଭରକୁ ଅଟକ ରଖିଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି ।

କେଦାରନାଥରେ ଫସୀଥିବା କେନ୍ଦୁଝରର ୪ଜଣଙ୍କ ଉଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ତତ୍ପର

କେନ୍ଦୁଝର, ନ୍ୟୁଜ

ଖରାପ ପାଗ ଯୋଗୁଁ କେଦାରନାଥରେ ଫସି ରହିଥିବା ୪ ଜଣ ବ୍ୟକ୍ତି ରୁଷିନାଥ ମହାନ୍ତ, ସଦାନନ୍ଦ ସାହୁ, କାର୍ତ୍ତିକେଶ୍ୱର ଖିଲାର ଏବଂ ମହେଶ୍ୱର ପ୍ରଧାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତତ୍ପର ରହିଥିବାବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛି ଏବଂ ଆବଶ୍ୟକ ସହାୟତା ମଧ ଉପଲବ୍ଧ କରାଉଥିବାର ପ୍ରଶାସନିକ ସୂତ୍ରରୁ ଜଣାପଡିଛି। କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ରୁଦ୍ରପ୍ରୟାଗର ଜିଲ୍ଲାପାଳଙ୍କ ସହ ମଧ କଥା ହୋଇ ବ୍ୟକ୍ତିଗତ ଭାବେ ଏହି ଘଟଣାକୁ ଗୁରୁତ୍ୱ ଦେଇ ଉକ୍ତ ଚାରି ଜଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଅନୁରୋଧ କରିଛନ୍ତି । ଏପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣରେ ଅଛି, ପାଣିପାଗ ଅନୁକୂଳ ରହିଲେ ସୋମବାର ସମସ୍ତ ଚାରି ଜଣଙ୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି ବୋଲି ରୁଦ୍ରପ୍ରୟାଗର ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

ବାଲେଶ୍ୱର ଜିଲ୍ଲାରେ ଡିଜିଟାଲ ପଦ୍ଧତିରେ ଫସଲ ସର୍ବେକ୍ଷଣ ହେବ

ବାଲେଶ୍ୱର, ନ୍ୟୁଜ

ବାଲେଶ୍ୱର ଜିଲ୍ଲାରେ ଚଳିତ ଖରିଫ ଋତୁରେ ହୋଇଥିବା ଫସଲର ଡିଜିଟାଲ ପଦ୍ଧତିରେ ସର୍ବେକ୍ଷଣ କରାଯିବ। ରବିବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶୀଷ ଠାକରେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସତ୍ୟ ସୁନ୍ଦର ରାଉତ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ତପନ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରା, ଜିଲ୍ଲା ଉପନିବନ୍ଧକ ସେବା ସମବାୟ ସମିତି ସମୂହ ଗଜେନ୍ଦ୍ର କୁମାର ପଣ୍ଡା ଓ ଅତିରିକ୍ତ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଅଜିତ କୁମାର ସାମଲ ଯୋଗଦାନ କରିଥିଲେ । ଚଳିତ ଖରିଫ-୨୦୨୪ ଋତୁରେ ଫସଲର ଡିଜିଟାଲ ସର୍ବେକ୍ଷଣ ଅଗଷ୍ଟ ୧୯ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଉକ୍ତ ପ୍ରଶିକ୍ଷଣ ଶିବିରରେ ରାଜସ୍ୱ, ପରିସଂଖ୍ୟାନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀମାନେ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକ ଶ୍ରୀ ରାଉତ ଓ ବିଭୁଦତ୍ତ ପଣ୍ଡା, ସହକାରୀ କୃଷି ଅଧିକାରୀ ଦୃଶ୍ୟ-ଶ୍ରାବ୍ୟ (ଅଡିଓ-ଭିଜୁଆଲ) ମାଧମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ରମ୍ଭା ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଏବେ ଗୋରୁଙ୍କ ଆଡ୍ଡାସ୍ଥଳି ପାଲଟିଛି

ରମ୍ଭା, ନ୍ୟୁଜ ବ୍ୟୁରୋ

ସ୍ୱାଧୀନତାର ୭୫ବର୍ଷ ବିତିଯାଇଥିଲେ ମଧ ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ମାନଚିତ୍ର ରେ ରମ୍ଭା ଏକ ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିଛି। ପୂର୍ବତନ ସରକାର ସାଧାରଣ ଜନତାଙ୍କ ମୌଳିକ ସୁବିଧା ଗୁଡିକ ନିକଟତର କରିବା ଅଯଥା ଖର୍ଚ୍ଚାନ୍ତ, ସମୟ ଅପଚୟ ଓ ତୁରନ୍ତ ଶିକ୍ଷିତ ଯୁବକ ଯୁବତୀ ଓ ସହରାଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସହରରେ ଚଣ୍ଡୀପୁର ସାହିରେ ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ଖୋଲା ଯାଇଥିଲା। ଯଦ୍ଦ୍ୱାରା ଶିକ୍ଷିତ ଯୁବକ ଯୁବତୀ ଓ ବୃଦ୍ଧ /ବୃଦ୍ଧା ନିଜର କାମ ପାଇଁ ନିକଟ ଅଫିସରେ କାର୍ଯ୍ୟ ହାସଲ କରୁଥିବା ବେଳେ ଦୀର୍ଘ ଦିନ ଧରି ତାଲା ପଡିବା ସହ ବୋର୍ଡ ଟଙ୍ଗା ଯାଇଛି, ଅଫିସ ସାମ୍ନାରେ ଗୁହାଳ ହୋଇଛି କିନ୍ତୁ କାର୍ଯ୍ୟାଳୟ ଚାଲିଛି ଅନ୍ୟତ୍ର। ଜମିଜମା, ଆଫିଡିଭେଟ ସମେତ ଅନେକ କାର୍ଯ୍ୟକ୍ରମ ଉପରୋକ୍ତ ଅଫିସରେ ହେଉଥିଲା। କିନ୍ତୁ ତାହା ଆଜି ବନ୍ଦ ହୋଇଥିବାରୁ ଶିକ୍ଷିତ ଯୁବକ ଯୁବତୀ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଡବଲ ଇଂଜିନ ସରକାର ସାଧାରଣ ଜନତାଙ୍କର ବିକାଶ ମୂଳକ କାର୍ଯ୍ୟ ପାଇଁ ଦୃଷ୍ଟି ଦେଇ ଉପରୋକ୍ତ ଅଫିସ ପୁନରାୟ କାର୍ଯ୍ୟକ୍ଷମ କରିଲେ ବୁଦ୍ଧିଜୀବୀ, ଶିକ୍ଷାବିତ୍ତ, ରାଜନୈତିକ ବ୍ୟକ୍ତି ଓ ସାଧାରଣ ଜନତା ଉତ୍ସାହର ସହ ସ୍ୱାଗତ କରିବେ ବୋଲି ଜଣାଯାଇଛି।

ପୋଲିସ୍ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ଗୋରୁ ସହ ଗାଡି ଜବତ

ଆନନ୍ଦପୁର, ନ୍ୟୁଜ ବ୍ୟୁରୋ



ଘଷିପୁରା ଗୋଟିଏ ଅଠର ଚକିଆ ଟ୍ରକ ଦ୍ୱାରା ଗୋରୁ ବୋଝେଇ ଗାଡ଼ିକୁ କେନ୍ଦୁଝରର ସ୍ୱତନ୍ତ୍ର ପୋଲିସ୍ ସ୍କ୍ୱାର୍ଡ ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ଗାଇ ଜବତ କରିଥିବା ବେଳେ ଜବତ ହୋଇଥିବା ଟ୍ରକରୁ ଗାଇ ଗୁଡ଼ିକୁ ଉଦ୍ଧାର କରାଯାଇ ଝାଡେଶ୍ୱର ମନ୍ଦିର ପୀଠ ପଡିଆ ଠାରେ ରଖାଯାଇଥିବା ଜବତ ଗୋରୁମାନଙ୍କ ମଧ୍ୟରୁ ପାଞ୍ଚଟିରୁ ଉର୍ଦ୍ଧ୍ୱ ଗାଇଙ୍କର ମୃତ୍ୟୁ ହୋଇଯାଇଛି। ଆନନ୍ଦପୁର ନିକଟରେ ଦୁଇ ଦୁଇଟି ଥାନା ଥିବା ବେଳେ କେନ୍ଦୁଝରରୁ ପୋଲିସ୍‌ର ସ୍ୱତନ୍ତ୍ର ଟିମ୍ ଆସି ଘଷିପୁରାରୁ ଗାଡ଼ିଟିକୁ ଜବତ କରିବା ଉପଖଣ୍ଡ ପ୍ରଶାସନ ଅଧିକାରୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋରୁ ମାଫିଆଙ୍କ ପାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଉପଖଣ୍ଡରେ କଳା ପଲସର ମାଫିଆଙ୍କ ଉତ୍ପାତ ବୃଦ୍ଧି ପାଉଛି। ଏସବୁ ଦୈରାତ୍ମକୁ ରୋକିବା ପାଇଁ ସ୍ଥାନୀୟ ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ଉପଖଣ୍ଡ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ।

ଲାଞ୍ଚ ନେଇ ଧରାପଡ଼ିଲେ ମୃତ୍ତିକା ସଂରକ୍ଷଣ ପରିଦର୍ଶକ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ମୃତ୍ତିକା ସଂରକ୍ଷଣ ପରିଦର୍ଶକ ସୁଧାଂଶୁ ଶେଖର ରଣା। ବିଲ୍ ପାସ୍ ପାଇଁ ୧୧ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରିଲା ଭିଜିଲାନ୍ସ ଟିମ୍। ସୂଚନା ଅନୁସାରେ ଫାର୍ମ ପୋଖରୀର ମଷ୍ଟର ରୋଲ ପ୍ରସ୍ତୁତ କରିବାକୁ କାଦୋଦର ପଂଚାୟତ ବିରସିଂହପୁର ଗାଁର ଜଣେ ହିତାଧୀକାରୀ ରାମଚନ୍ଦ୍ର ମହାକୁଡ଼ଙ୍କ ଠାରୁ ୧୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁଧାଂଶୁ ଶେଖର ରଣା। କୌଣସି ଉପାୟ ନପାଇ ଶ୍ରୀ ମହାକୁଡ଼ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୁଧାଂଶୁ ଶେଖର ରଣା ସୋନପୁର ପଟାଭାଡି ରାସ୍ତାରେ ୧୧ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ବସିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁଧାଂଶୁଙ୍କର ଅଫିସ ଓ ବଲାଙ୍ଗୀର ରୁଗୁଡିପଡା ସ୍ଥିତ ବାସଭବନ ଦୁଇଟି ଠିକଣାରେ ସମାନ ସମୟରେ ଚଢାଉ କରିଛି ଭିଜିଲାନ୍ସ ଟିମ୍। ଏ ନେଇ ସମ୍ବଲପୁର ଭିଜିଲାନ୍ସ ରେ କେସ ନଂ ୧୮/୨.୮.୨୦୨୪ ୟୁ/ଏସ- ୭ ଦୁର୍ନୀତି ନିବାରଣ ଏକ୍ଟ ୨୦୧୮ ରେ ଏକ ମାମଲା ରୁଜୁ କରିଛି।

କାଠଯୋଡ଼ି ପଠାରେ ୧୦ଫୁଟିଆ ଘଡ଼ିଆଳ

ବାରଙ୍ଗ/ତ୍ରିଶୁଳିଆ, ନ୍ୟୁଜ ବ୍ୟୁରୋ

କାଠଯୋଡ଼ି ନଦୀ କୁହ୍ନେଇପଡ଼ା ପଠାରେ ଏକ ଘଡ଼ିଆଳ ଦେଖିବାକୁ ମିଳିଥିଲା। ପ୍ରାୟ ୧୦ ଫୁଟ୍ ଲମ୍ବର ଏହି କୁମ୍ଭୀର ବାଲିପଠାରେ ଖରାରେ ଶୋଇରହିଥିଲା। ପ୍ରାୟ ଘଣ୍ଟାଏ କାଳ ଖରାରେ ରହିବା ପରେ କୁମ୍ଭୀରଟି ନଦୀ ଭିତରକୁ ପଳାଇଥିଲା। ତେଣୁ ଏବେ କୁହ୍ନେଇପଡ଼ା ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସ୍ଥାନୀୟ ଲୋକେ ନଦୀକୁ ଯିବା ପୂର୍ବରୁ ବେଶ୍ ସତର୍କ ରହିବାକୁ କୁହାଯାଇଛି। ଆଜି ଅପରାହ୍ନରେ ତ୍ରିଶୁଳିଆ ଛକରୁ ହାଇକୋର୍ଟ ଛକକୁ ସଂଯୋଗ କରୁଥିବା ସୁବାସ ସେତୁ ନିକଟ ନଦୀ ପଠାରେ ଏହି କୁମ୍ଭୀର ଦେଖିବାକୁ ମିଳିଥିଲା। ନଦୀ କୂଳରୁ ଅନତି ଦୂରରେ ଥିବା ବାଲି ପଠା ଉପରେ ଏହି ୧୦ଫୁଟିଆ ଘଡ଼ିଆଳ ପଡ଼ିରହିଥିଲା। ସେତୁଠାରୁ ପଠାର ଦୂରତା କମ୍ ହୋଇଥିବାରୁ କୁମ୍ଭୀରଟି ସ୍ପଷ୍ଟ ଦେଖାଯାଉଥିଲା। ତେଣୁ ସେତୁ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ସେତୁ ଉପରେ ଯାନବାହାନ ଭିଡ଼ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୁଲିସ ସେତୁ ଉପରୁ ଭିଡ଼ ହଟାଇଥିଲା ଏବଂ ବନ ବିଭାଗର କର୍ମଚାରୀମାନେ ଏହି ପ୍ରଜାତିର କୁମ୍ଭୀର ଭୟଙ୍କର ନୁହେଁ ବୋଲି ଲୋକଙ୍କୁ ବୁଝାସୁଝା କରିଥିଲେ। ମହାନଦୀର ସାତକୋଶିଆ ଗଣ୍ଡରୁ ଏହି କୁମ୍ଭୀର ତଳମୁଣ୍ଡକୁ ଭାସି ଆସିଥିବା ଜଣାପଡ଼ିଛି।

ଡଙ୍ଗରିଆ କନ୍ଧ ପିଲାମାନଙ୍କ ପାଠପଢା ପାଇଁ ଗୃହ ନାହିଁ : ପାଳିଲେ ଚାଲିଛି ବିଦ୍ୟାଳୟ

ବିଷମକଟକ, ନ୍ୟୁଜ ବ୍ୟୁରୋ

ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ ପ୍ରାୟ ପାଞ୍ଚ ବର୍ଷ ରୁ ଉର୍ଦ୍ଧ ଦିନ ହେବ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ମାନେ ପାଠ ପଢ଼ିବାର ବ୍ୟବସ୍ଥା ସମ୍ପୁର୍ଣ ଭୁଷୁଡି ପଡ଼ିଛି। ପିଲାମାନେ ପାଠ ପଢ଼ିବାକୁ ଆଗ୍ରହ ଥିଲେ ମଧ ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପିଲା ପାଠ ପଢି ପାରୁ ନାହାଁନ୍ତି।ଏପରି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡାଲିଆକୁଜି ପଂଚାୟତର ଦ୍ୱାରଗୁଡି ଗ୍ରାମ ଠାରେ ଆଜକୁ ୫ ବର୍ଷ ରୁ ଉର୍ଦ୍ଧ ହେବ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ବିଦ୍ୟାଳୟ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଯୋଗୁଁ ପିଲା ଗଛ ମୂଳରେ ପାଠ ପଢୁଛନ୍ତି। ଏବଂ ବର୍ଷା ଦିନ ଆସିଲେ ପାଠ ପଢା ବନ୍ଦ। ଏଠି ଶିକ୍ଷକ ମାନେ ପାଳି କରି ଆସନ୍ତି ହେଲେ ମାସକୁ ୧୫ ଦିନ ଗଲେ ଆଉ ୧୫ ଦିନ ନାହିଁ। ଦରମା ଟଙ୍କା ଦୁଇ ବଣ୍ଟା ରେ ଚାଲିଛି ଶିକ୍ଷା ବିଭାଗର ଅଧିକାରୀ ଙ୍କ ଦ୍ୱାରା। ଶିକ୍ଷକ ଘରେ ବସି ଦରମା ନେଉଛନ୍ତି ବୋଲି ଡାଲିଆ କୁଜି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।ଦିନେ ନୁହେଁ କି ଦୁଇ ଦିନ ନୁହେଁ ପ୍ରାୟ ୫ ବର୍ଷ ରୁ ଉର୍ଦ୍ଧ ହେବ ମହା ଦୁର୍ନୀତି ରେ ଚାଲିଛି ଶିକ୍ଷା ବ୍ୟବସ୍ଥା। ଏଠି ସରକାର ଆଦିବାସୀ ଡଙ୍ଗରିଆ କନ୍ଧ ପିଲା ମାନଙ୍କୁ ପାଠ ପଢ଼ାଇବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି ହେଲେ ଏଠି ପାଠ ପଢା ସାତ ସପନ । ଏଠି ଡଙ୍ଗରିଆ ଆଦିବାସୀ ପିଲାଙ୍କ ଭବିଷ୍ୟତ ରେ ଖେଳ ଖେଳୁଛନ୍ତି ଶିକ୍ଷା ବିଭାଗ। ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲାର ପୂର୍ବତନ ଶିକ୍ଷା ଅଧିକାରୀ ପୁରୁନ ଚନ୍ଦ୍ର ବରିଆ ଓ ସି ଆର ସି ହେମନ୍ତ କୁମାର ପଣ୍ଡା ଙ୍କୁ ବାରମ୍ବାର ଗ୍ରାମ ବାସୀ ଅଭିଯୋଗ କରିବା ପରେ ମଧ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିନଥିବା ରୁ ଗ୍ରାମ ବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ଏହି ଦ୍ୱାର ଗୁଡ଼ି ପିଲା ମାନଙ୍କ ଭବିଷ୍ୟତ ପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି। ଏହି ଦ୍ୱାର ଗୁଡି ଗ୍ରାମକୁ ଗମନାଗମନ ପାଇଁ ରାସ୍ତା ସମ୍ପୁର୍ଣ୍ଣ ଖରାପ ହେଲେ ଡଙ୍ଗରିଆ କନ୍ଧମାନେ କିପରି ନିଜ ଘର କାର୍ଯ୍ୟ କରୁଛନ୍ତି। ହେଲେ ପ୍ରଶାସନ କାହିଁକି ବିଦ୍ୟାଳୟ କାର୍ଯ୍ୟ କରିପାରିବେ ନାହିଁ ବୋଲି ଗ୍ରାମବାସୀ ମାନେ

କହିଛନ୍ତି।ସବୁଠାରୁ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ହି ଶିକ୍ଷା ବ୍ୟବସ୍ଥା ବହୁତ ଅସୁବିଧାରେ ଚାଲିଛି। ଉଦାହରଣ ସ୍ୱରୂପ ଗତ କିଛି ଦିନ ତଳେ ହାଟ ମୁନିଗୁଡା ଏମ୍ ଇ ସ୍କୁଲ୍ ର ଶିକ୍ଷୟିତ୍ରୀ ଆରତି ମିଶ୍ର ଙ୍କ ବିରୋଧରେ ଗୋଟିଏ ସ୍ଥାନରେ ପ୍ରାୟ ୨୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ରହି କାର୍ଯ୍ୟ କରୁଥିବା ବେଳେ ମଧ ସେହି ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁ ନାହିଁ ତେଣୁ ତାଙ୍କୁ ବଦଳି କରାଯାଉ ବୋଲି ଗ୍ରାମବାସୀ ମାନେ ବାରମ୍ବାର କହିବା ପରେ ମଧ ବର୍ତ୍ତମାନ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତିନି ଥର ତଦନ୍ତରେ ଆସି ଘଟଣା କୁ ଚପାଇବା ପାଇଁ ଉଦ୍ୟମ କରାଯାଉଅଛି ।ଏହି ଦ୍ୱାର ଗୁଡ଼ି ବିଦ୍ୟାଳୟ ସମ୍ପର୍କରେ ଶିକ୍ଷା ବିଭାଗର ସମସ୍ତ ଉପସ୍ଥିତ ଅଧିକାରୀ ଙ୍କ ଜାଣତରେ ହିଁ ଏପରି ବ୍ୟବସ୍ଥାର ହୋଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଯେଉଁ ଦ୍ୱାର ଗୁଡ଼ି ବିଦ୍ୟାଳୟରେ ୫ ବର୍ଷ ରୁ ଉର୍ଦ୍ଧ ଦିନ ହେବ ପାଠ ପଢା ନାହିଁ ସେହି ବିଦ୍ୟାଳୟର ଦୁଇ ଜଣ ଶିକ୍ଷକଙ୍କ ଦରମା ରିକୋବରି କରାଯାଉ ଓ ଦୁଇ ଶିକ୍ଷକ ଶେଖର ଲାଲ୍ ଆନ୍ଧୁରୁ ଓ ଉମାକାନ୍ତ ପରିଡ଼ା ଏହି ଶିକ୍ଷକ ମାନଙ୍କ ଦରମା ବନ୍ଦ କରିବାକୁ ଉମା ଗୌଡ, ସରପଞ୍ଚ ଜୟା କାଡାରାକା, ଏମ୍ ପି ପ୍ରତିନିଧି ଚନ୍ଦ୍ର ଶେଖର କୁସୁଲିଆ, ଧନୁ ସିକକା, ଧୋଡି ସିକକା, ଲକ୍ଷଣ ନିସିକା, ବୁର୍ଜ ନିସିକା, ରଙ୍ଗ ସିକକା ଓଡ୍ ମେମ୍ବର ଓ ସମସ୍ତ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏବଂ ସେମାନେ ଅଙ୍ଗନବାଡ଼ି କେନ୍ଦ୍ର ମଧ ନଥିବା କହିଛନ୍ତି। ଏଠି ଜିଲ୍ଲା ପ୍ରଶାସନ କିପରି ନିଜ ଜିଲ୍ଲାର ଖବର ରଖୁ ନାହାନ୍ତି ତାହା ଏବେ ସମସ୍ତ ଜନସାଧାରଣ ମାନଙ୍କ ମନରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।ଏହି ସମ୍ପର୍କରେ ରାୟଗଡ଼ା ଜିଲ୍ଲା ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀ ବସନ୍ତ କୁମାର ନାୟକ ଙ୍କୁ ୯୪୩୯୧୨୫୮୬୦ ନମ୍ବର ରେ ଯୋଗାଯୋଗ କରିବାରୁ ସେ ମିଟିଂ ରେ ଅଛି କହି ଫୋନ୍ କାଟି ଦେଇଥିଲେ। ତାପରେ ବିଷମକଟକ ବିଡ଼ିଓ ସଦାଶିବ ନାୟକ ଓ ବିଷମକଟକ ତହସିଲଦାର କେ ଭେଙ୍କଟସ୍ ରେଡି ଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଯଦି ଏହାର ଅତି ଶିଘ୍ର ସମସ୍ୟାର ସମାଧାନ ନକରାଯାଏ ତାହେଲେ ମୁଖ୍ୟ ମନ୍ତ୍ରୀ ଙ୍କୁ ଅବଗତ କରାଯିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି।

ରାଉରକେଲାର ସର୍ଭେଣ୍ଟ କ୍ୱାର୍ଟସରେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ

ରାଉରକେଲା, ନ୍ୟୁଜ ବ୍ୟୁରୋ

ରାଉରକେଲା ସେକ୍ଟର ୧୭ବି ବ୍ଲକ୍‌ସ୍ଥିତ ସର୍ଭେଣ୍ଟ କ୍ୱାର୍ଟର୍ସ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଛି। କ୍ୱାର୍ଟସର ସମସ୍ତ ଆସବାବ ପାତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନା ଅଗ୍ନିଶମ କର୍ମଚାରୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପରିବାର କାହାର କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି। ସେକ୍ଟର-୧୫ ପୁଲିସ ଘଟଣାସ୍ଥଳରେ ପହଁଚି ଘଟଣାର ତଦନ୍ତ ଚଳାଇଛି।

ଶିକାରୀ ଗୁଳିରେ ବୃଦ୍ଧ ଗୁରୁତର

ଆଠମଲ୍ଲିକ, ନ୍ୟୁଜ ବ୍ୟୁରୋ

ଶିକାରୀ ଗୁଳିରେ ଜଣେ ବୃଦ୍ଧ ଗୁରୁତର ହୋଇଥିବାର ଖବର ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଠାକୁରଗଡ଼ ଥାନା ଜନକପୁର ଗାଁ ନିକଟ ଜଙ୍ଗଲରେ ଗୁଳିମାଡ଼ ହୋଇଛି। ବୃଦ୍ଧଜଣକ ଜଙ୍ଗଲକୁ ଛତୁ ଖୋଜିବାକୁ ଯାଇଥିବା ବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଛି। ଏହାପରେ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ସେଠାରେ ଥିବା ଲୋକେ ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ଅନୁଗୁଳ ମେଡିକାଲରେ ଭର୍ତ୍ତି କରିଥିଲେ।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୧୧ ୧୨ ବୃ	୧୦	ରା ୯ ଶ୍ରୀ
ଲଚର	୬ / ୪	୭
୨ ୩କେ	୪	୬ ୫

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୫।୮।୨୦୨୪, ଶ୍ରାବଣ ଦି୨୧ନ, ସୋମବାର

ସୂର୍ଯ୍ୟୋଦୟ- ଘ୫।୨୩।୫୨ ଚନ୍ଦ୍ରୋଦୟ- ପ୍ରାଘ ୫।୫୫।୧୩

ପ୍ରତିପଦ- ସଂଘ ୬।୦୪ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର -** ଦିଘ ୩।୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୩।୨୧ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୩।୨୧ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ସଂଘ ୬।୦୪ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୭।୦୩ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ପଣ୍ଡିତ ନୀଳକଣ୍ଠ ଦାଶ ଜୟନ୍ତୀ ।

ମେଷ: ଇଚ୍ଛା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତିର ସମ୍ଭାବନା। ବ୍ୟବସାୟ ମଧମ ଧରଣର ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସୁଖୀ ହେବେ।



ବୃଷ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭକରି ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଶରୀର ସୁସ୍ଥ ରହିବ।



ମିଥୁନ: ସାଧନାରେ ସିଦ୍ଧି ଲାଭ କରିବେ। ଶୁଭ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



କର୍କଟ: କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ସ୍ଥିର ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ। ପରୋପକାରୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା।

ସିଂହ: ହଠାତ୍ କୌଣସି ଘଟଣାକୁ ନେଇ ମାନସିକ ଅଶାନ୍ତି ଦେଖାଦେଇପାରେ। ମନ ଅସ୍ଥିର ରହିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖା ଦେବାର ସୂଚନା ରହୁଛି।

କନ୍ୟା: ବ୍ୟବସାୟରେ ଲାଭବାନ୍ ହେବେ। ଦେବ ଦର୍ଶନ ସହିତ ଶୁଭ କାର୍ଯ୍ୟ ସ୍ଥିର କରିପାରନ୍ତି। ରୋଜଗାରରେ ଉନ୍ନତି ଦେଖାଦେବ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଲାଭ ହେବାର ସମ୍ଭାବନା।



ତୁଳା: ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହିତ ସାହାର୍ଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ। ଆୟରେ ଉନ୍ନତି।



ବିଛା: ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ସୁଖ ଶାନ୍ତି ରହିବ। ଉତ୍ତମ ଭୋଜନ କରିପାରନ୍ତି। ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ।



ଧନୁ: ହଠାତ୍ କୌଣସି ଖବର ପାଇ ଆସଦିତି ହେବେ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ରୋଜଗାର ଭଲ ହେବ।



ମକର: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଦୁଶ୍ଚିନ୍ତା ଦେଖାଦେବ। ମନ ଅସ୍ଥିର ରହିବ।



କୁମ୍ଭ: ଉତ୍ତମ ଭୋଜନ କରିପାରନ୍ତି। ବ୍ୟବସାୟ ମଧମ ଧରଣର ଚାଲିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଆୟରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ।

ମୀନ: ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ। ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇ ପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଶାନ୍ତିର ବାତାବରଣ ରହିବ।

ସାମାନ୍ୟ ବଚସାରୁ ସାଙ୍ଗଙ୍କୁ ଛୁରାମାଡ

ରାଉରକେଲା, ନ୍ୟୁଜ ବ୍ୟୁରୋ

ଦୁଇ ସାଙ୍ଗ ମଧରେ ସାମାନ୍ୟ ବଚସାରୁ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ଗୁରୁତର ଆହତ ଏସ୍‌ଟିଆଇ ବସ୍ତିର ସୁରେନ୍ଦ୍ର ସାହୁ(୨୨) ସ୍ଥାନୀୟ ଏକ ବେସରକାରୀ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ରଘୁନାଥପାଲି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ପୁଲିସ ସୂଚନାଅନୁସାରେ, ଏସ୍‌ଟିଆଇ ବସ୍ତିରେ ସୁରେନ୍ଦ୍ର ସପରିବାର ରହୁଥିବାବେଳେ ଅଭିଯୁକ୍ତ ମଧ ସମାନ ବସ୍ତିରେ ତଥା ଘର ପାଖରେ ରହୁଛି। ଘରଠାରୁ ଅନତି ଦୂରରେ ଦୁଇ ବନ୍ଧୁ କଥାବାର୍ତ୍ତା ହେଉଥିଲେ। କୌଣସି କାରଣରୁ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ପରେ ଅଭିଯୁକ୍ତ ପାଖରେ ରଖିଥିବା ଏକ ଛୁରିରେ ସୁରେନ୍ଦ୍ରଙ୍କ ପେଟରେ ଭୁସିଦେଇଥିଲା। ଫଳରେ ସୁରେନ୍ଦ୍ର ତଳେ ପଡ଼ିଯାଇଥିଲେ। ଅପରପକ୍ଷରେ ମରିଯାଇଥିବା ସନ୍ଦେହକରି ଅଭିଯୁକ୍ତ ଛୁରିଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କିଛି ସମୟରେ ସ୍ଥାନୀୟଲୋକ ସୁରେନ୍ଦ୍ର ତଳେପଡ଼ିଥିବା ଦେଖି ତୁରନ୍ତ ରାଉରକେଲା ସରକାରୀ ହସପିଟାଲରେ ଭର୍ତ୍ତି କରିଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ସ୍ଥାନୀୟ ଏକ ବେସରକାରୀ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପୁଲିସ ଛାନ୍‌ଭିନ ଜାରିରଖିଛି।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

ହଟିବନି ରପ୍ତାନି କଟକଣା

ଗହମ, ଚାଉଳ ଓ ଚିନି ରପ୍ତାନି ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର କରିବାର କୌଣସି ଯୋଜନା ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ସରକାର ଗହମ କିମ୍ବା ଚିନି ଆମଦାନି ମଧ୍ୟ କରିବେନି ବୋଲି ସେ ସ୍ପଷ୍ଟ କରିଛନ୍ତି । ଚଳିତ ବର୍ଷ ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବା କାରଣରୁ ବୃଷ୍ଟିପାତ ସ୍ୱାଭାବିକ ହୋଇପାରିନଥିଲା । ତାହାର ପ୍ରଭାବରେ ଫସଲ ନଷ୍ଟ ହୋଇଯାଉଛି । ଚଳିତ ବର୍ଷ ଅତ୍ୟଧିକ ଗରମ କାରଣରୁ ଧାନ ଫସଲ ମଧ୍ୟ ପ୍ରଭାବିତ ହୋଇଛି । ଆଖୁ ଉତ୍ପାଦନ ମଧ୍ୟ କମିବାରେ ଲାଗିଛି । ସେଥିପାଇଁ ଦେଶରେ ଚାଉଳ, ଗହମ ଓ ଚିନି ଅଭାବ ଦେଖାଦେଇଛି । ତାହାକୁ ଦୃଷ୍ଟିରେ ରଖି ଏସବୁ ସାମଗ୍ରୀଗୁଡ଼ିକର ରପ୍ତାନି ଉପରେ ସରକାର କଟକଣା ଜାରି କରିଛନ୍ତି । ୨୦୨୨ ମେ'ରେ ଗହମ ରପ୍ତାନିକୁ ନିଷିଦ୍ଧ କରାଯାଇଥିବା ବେଳେ ଗତବର୍ଷ ୨୦୨୩ ଜୁଲାଇରେ ଅଣ-ବାସୁମତି ଚାଉଳ ରପ୍ତାନି ଉପରେ କଟକଣା ଲଗାଯାଇଥିଲା । ଆଖୁ ଉତ୍ପାଦନ କମିବା ଯୋଗୁଁ ଚିନି ରପ୍ତାନିକୁ ମଧ୍ୟ ବନ୍ଦ କରାଯାଇଥିଲା । ଦେଶ ଭିତରେ ଏହି ସବୁ ଜିନିଷର ଦାମ ବଢ଼ିବା ପରେ ସରକାର ରପ୍ତାନି କଟକଣା ଭଳି କଠୋର ପଦକ୍ଷେପ ନେଇଥିଲେ । ଚିନି ଉତ୍ପାଦନ କମିବାର ଆଶଙ୍କା ଥିବାରୁ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଆଖୁ ରସ ଯୋଗାଣ ବନ୍ଦ କରିବା ନେଇ ସରକାର ଚିନି କଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଚିନି ଯେଭଳି ବାହାରକୁ ଚାଲିନଯାଏ ତାହା ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପ୍ରକାର କଟକଣା ଲାଗୁ କରାଯାଇଛି । ଏଥିସହିତ ଏହିସବୁ ଜିନିଷର ଖୁଚୁରା ବଜାର ଦର ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି । ଆବଶ୍ୟକ ସମୟରେ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

ଅଗା-ବଗା-ଖଗା ତିନିହେଁ ତିନି ଏକା

ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୦୩୯

ଓଲୁ, ବୁଦ୍ଧିହୀନ, ଅକର୍ମଣ୍ୟମାନେ ଖଗା। ମୂର୍ଖମାନେ ବଗା। ଯେକୌଣସି ଇତର ଲୋକ ବଗା-ଖଗା। ଏସବୁ ଅଗା-ବଗା-ଖଗା ଶବ୍ଦର ଆଭିଧାନିକ ଅର୍ଥ। ଏମାନେ ଏକାଠି ମିଳିଲେ ସବୁକାମ ଅଧା। ଇଏ କଥାଏ କହିଲେ, ଆରଜଣକ ମଙ୍ଗମୋଡ଼େ, ହେଲା କାମ ବଗିଡ଼ିଯାଏ। ସମନ୍ୱୟ ବିନା ଯେକୌଣସି ଗୋଷ୍ଠି, ସମାଜ ଅବା ଶାସନବ୍ୟବସ୍ଥା ଅବ୍ୟବସ୍ଥାରେ ପହଞ୍ଚେ। ଅତୀତରେ ଥିଲା ରାଜାରାଜୁଡ଼ାଙ୍କ ଶାସନ। ରାଜା ସର୍ବୋଚ୍ଚ ଶାସନକର୍ତ୍ତା, ମନ୍ତ୍ରଣାଦାତା ମନ୍ତ୍ରୀ, କଟୁଆଳ ଗୁପ୍ତବାର୍ତ୍ତା ପ୍ରେରକ। ଏମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିଲା। ସୁଶାସନର ଏଇଟି ଗୁପ୍ତ ଚାବିକାଠି। ଗଣତନ୍ତ୍ରରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଅନିର୍ବାର୍ଯ୍ୟ। କାର୍ଯ୍ୟପାଳିକା, ନ୍ୟାୟପାଳିକା, ବିଧାୟିକା – ଏସବୁ ଗଣତନ୍ତ୍ରର ତିନୋଟି ଶକ୍ତ ସ୍ତମ୍ଭ। ଗଣମାଧ୍ୟମ ଏହାର ଚତୁର୍ଥ ସ୍ତମ୍ଭ। ବେଶ୍ ଟାଣୁଆ ବି। ଏମାନଙ୍କ ସୁସମ୍ପର୍କରେ ଗଣତନ୍ତ୍ରର କାର୍ଯ୍ୟକାରିତା ସଫଳ ହୁଏ। ଏତ ଗଲା ଶାସକ, ଶାସନ କଥା। କଳାକାର, ରଙ୍ଗମଞ୍ଚ, ଅଭିନୟ – ଏସବୁରେ ସୁପରିଚାଳନା ଦରକାର। ଆଗକାଳେ ନଥିଲା ଆଜିକାଲିକା ପରି ଖୋଲା ରଙ୍ଗମଞ୍ଚ। ଅଭିନୟ ପାଇଁ ବାଉଁଶପୋତା, ସିନ୍‌ଟଣା, ପ୍ରମ୍ପଟିଂ, ନେପଥ୍ୟ କୋଳାହଳ – ଏମିତି ନାନାଦି କଥା। ସବୁଥିରେ ଆବଶ୍ୟକ ସମନ୍ୱୟ। ଗୋଟିକରେ ଊଣା ପଡ଼ିଲେ ଅଭିନୟ ଫସରଫାଟେ, ଦର୍ଶକ ମନ ଖଟା କରନ୍ତି। ଏକଥାଟି କିଏ ବୁଝୁବା ନବୁଝୁ, ସଫଳ କଳାକାରଟି ବୁଝିଥାଏ। ବୁଝିଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ତାଙ୍କ ଜୀବନରେ କାହିଁ କେତେ ଅନୁଭବ, ଅନୁଭୂତି। କେବେ ସେ ଗୀତଲେଖକ, ଗାୟକ ଆଉ କେତେବେଳେ ଅଭିନେତା। ଦର୍ଶକେ ତାଙ୍କୁ ଦେଖିଛନ୍ତି ବିଭିନ୍ନ ଭୂମିକାରେ। ତାଙ୍କ ସମୟରେ ଅଭିନେତ୍ରୀ ନଥିଲେ। ପୁଅପିଲା ଝିଅ ଭୂମିକାରେ। ଏମାନେ ମେକପ୍ ନିଅନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଖୁବ୍ ସୁନ୍ଦର ଦେଖା ଯାଆନ୍ତି, ଝିଅଙ୍କୁ ବି ଟପି ଯାଆନ୍ତି। ଏକଥା ଗୁଡ଼ାକ କାଳୀଚରଣଙ୍କ ଅଙ୍ଗେଲିଭା କଥା, ତାହାକୁ ବଖାଣିଛନ୍ତି ଆତ୍ମଲିପି 'କୁମ୍ଭାରଚକ'ରେ। ଥରେ ସେ କେନ୍ଦ୍ରାପଡ଼ାରେ ଅଭିନୟ କରିଥିଲେ। ତାଙ୍କ ଆଶା ଥିଲା ଖୁବ୍ ଉଚ୍ଚା, କିନ୍ତୁ ଫଳନାସ୍ତି। ଆଖଡ଼ାରେ ଭାରି ଅନାସ୍ଥାଭାବ ସେଇକଥା ଲେଖିଲା ବେଳେ କାଳୀଚରଣ ବ୍ୟବହାର କଲେ ସୁନ୍ଦର ରୂଢ଼ିଟେ – "ଅଗା-ବଗା-ଖଗା-ତିନିହେଁ ତିନି ଏକା"। ଏଇଟି ଜନପ୍ରିୟ ରୂଢ଼ି। ଏଥିରେ ବିଭିନ୍ନ ମତବାଦର ବ୍ୟକ୍ତିଙ୍କୁ ଇଙ୍ଗିତ କରାଯାଇଛି। ଯେଉଁଠି ଏତିନି ମିଳି, ଅବଶ୍ୟ ଉପୁଜଇ କଳି। ସବୁକାମରେ ଖାଲି ବିଭ୍ରାଟ।

କାଳୀଚରଣଙ୍କ ଜୀବନର ଗିରାମରା ଘଟଣାଟେ। ତାଙ୍କ ପାଠପଢ଼ା ବେଳ କଥା, ରହଣି କଟକରେ। ମାଗ୍ନେଟିକ୍, ବୀଣାପାଣି, ବାସନ୍ତୀ, ଉଷା – ଏସବୁ ସୌଖୀନ ରଙ୍ଗମଞ୍ଚ। କଟକରେ ନାନାଦି ନାଟକ ଦେଖାଉ ଥାଆନ୍ତି। ସେତେବେଳେ ଅଧିକାଂଶ କଟକିଆ ନାଟକପ୍ରିୟ। ପ୍ରାୟ ସବୁ ନାଟକ ବଙ୍ଗଳାରେ ଲେଖା, ଓଡ଼ିଆ ନାଟକ ନଥିଲା। କଟକ ମାରବାଡ଼ିପଟି, ସେଠି ରହୁଥାଆନ୍ତି ଦି' ଭାଇ – ରଜନୀ ବିଶ୍ୱାସ, ଜାମିନୀ ବିଶ୍ୱାସ। ରଜନୀବାବୁ ଉଷା ଦଳର ମାଲିକ। ତାଙ୍କର ଜଣେ ପାଖଲଗା ଲୋକ, ନାଁ ତା'ର ଶାରଦା। ସିନ୍‌ସିନାରୀ ସାଇତିବା, ଷ୍ଟେଜ୍ ବାନ୍ଧିବା, ଦଳଙ୍କୁ ଜଳଖିଆ ବେଉଟିବା; ସବୁଥିରେ ଶାରଦା ପକ୍‌କା ମାମଲତ୍‌କାର। ଥରେ ରଜନୀବାବୁ କଲିକତା ଚାଲିଗଲେ, ତାଙ୍କର ଜଣେ ଆତ୍ମୀୟ ବେମାର ଥିଲେ। ସେଠାରେ ତାଙ୍କୁ ମାସେ ଦି' ମାସ ରହିବାକୁ ପଡ଼ିଲା। ସ୍ୱର୍ଗତ ଜଗନ୍ନାଥ ବୋଷ, କଟକ ଅଦାଲତରେ ସିରସ୍ତାଦାର। ସେ ଜଣେ ବିଶିଷ୍ଟ ନାଟ୍ୟପ୍ରେମୀ। ତାଙ୍କର ଗୋଟେ ସ୍ୱତନ୍ତ୍ର ଇଚ୍ଛା, ଯେମିତି ହେଉ ଓଡ଼ିଆ ନାଟକଟେ ମଞ୍ଚସ୍ଥ ହେବ। ସେ ଲାଗିପଡ଼ିଥାଆନ୍ତି। ସେ ଥିଲେ ରଜନୀବାବୁଙ୍କ ଦଳଭୁକ୍ତ। ରଜନୀବାବୁଙ୍କ ପୂରା ବଙ୍ଗଳା ପ୍ରୀତି, ଯେତେ ନାଟକ ଉଷା ଥିଏଟର ମଞ୍ଚସ୍ଥ ହଏ, ସବୁ ବଙ୍ଗଳା ଭାଷାରେ। ଓଡ଼ିଆରେ ଗୋଟେ ନାଟକ କାହିଁ? ଏକଥାଟି ରଜନୀବାବୁ କହନ୍ତି। ଏ ମନ ଭାବୁ ଥାଇ ଯାହା, ତାହା ହେଲା ରଜନୀବାବୁ ତ କଲିକତାରେ। ଜଗନ୍ନାଥ ବାବୁଙ୍କୁ ମିଳିଗଲା ସୁବର୍ଣ୍ଣ ସୁଯୋଗଟେ। ରଜନୀବାବୁଙ୍କ ଦଳର ସାଧୁବାବୁ (ଶାରଦା ଦଳବହେରା), ସେ ନାଚନ୍ତି, ନାଚ ଶିଖାନ୍ତି। ଏକପ୍ରକାର ନାଚରେ ନିପୁଣ। ତାଙ୍କ ସହ କାଳୀଚରଣ ଘନିଷ୍ଠ ହୋଇଗଲେ, ବଢ଼ିଲା ଅଭିନୟ ନିଶା। ଜଗନ୍ନାଥ ବାବୁଙ୍କ ଅଜସ୍ର ଓଡ଼ିଆ ପ୍ରୀତି। ମଞ୍ଚସ୍ଥ କଲେ ଓଡ଼ିଆ ନାଟକଟିଏ।

କଟକରେ ଚହଳ ପଡ଼ିଗଲା। ଓଡ଼ିଆ ନାଟକ ଅଭିନୟ – ଲଙ୍କାରେ ହରିଶବ୍ଦ। ଜଗନ୍ନାଥବାବୁ ବଡ଼ ଜିଦ୍‌ଖୋର୍। ଖୋଜା ପଡ଼ିଲା ଓଡ଼ିଆ ନାଟକ, ମନସ୍ଥ ହେଲା 'ନନ୍ଦିକେଶ୍ୱରୀ' ନାଟକ ଅଭିନୀତ ହେବ। ଲେଖକ ସ୍ୱର୍ଗତ ରାୟବାହାଦୁର ଭିକାରୀ ଚରଣ ପଟ୍ଟନାୟକ। କବିବର ରାଧାନାଥ ରାୟ, ଲେଖିଥିଲେ ରୋମାଣ୍ଟିକ୍ କାବ୍ୟ 'ନନ୍ଦିକେଶ୍ୱରୀ'। ନନ୍ଦିକା ଉତ୍କଳର ରାଜା ସୁବର୍ଣ୍ଣକେଶରୀଙ୍କ କନ୍ୟା। ସୁବର୍ଣ୍ଣକେଶରୀଙ୍କ ଶତ୍ରୁ ଚୋଡ଼ଗଙ୍ଗଦେବ। ସେ ଉତ୍କଳ ଆକ୍ରମଣ କଲେ। ତାଙ୍କ ଲଳିତ, କାନ୍ତି, ଦ୍ୟୁତିଯୁକ୍ତ ତନୁ। ନନ୍ଦିକା ପଡ଼ିଲେ ପ୍ରେମରେ, ଚୋଡ଼ଗଙ୍ଗଙ୍କୁ ପ୍ରେମ ନିବେଦନ କଲେ। ପ୍ରତ୍ୟାଖ୍ୟାତ କଲେ ଚୋରବୀର। ଲଜ୍ଜାରେ ଆତ୍ମହତ୍ୟା କଲେ ନନ୍ଦିକେଶ୍ୱରୀ। ଏସବୁ କାବ୍ୟଟିର କଥାବସ୍ତୁ। ଅନୁରୂପ ପ୍ରେମକାହାଣୀ 'ନନ୍ଦିକେଶ୍ୱରୀ' ନାଟକରେ। ସବୁ ପ୍ରସ୍ତୁତି ଶେଷ, ଭାଳେଣି ପଡ଼ିଲା, ନନ୍ଦିକେଶ୍ୱରୀ ପାର୍ଟ ନେବ କିଏ? ସାଧୁବାବୁ ପହଞ୍ଚିଗଲେ କାଳୀଚରଣଙ୍କ ପାଖରେ। କାଳୀଙ୍କ ମନ ସକସକ, ତେଣେ ମଉସାଙ୍କୁ ଡର। ସେ ହେଉଛି ମହାପ୍ରତାପୀ ଗୋପାଳ ପ୍ରହରାଜେ। ସାଧୁବାବୁ କାଳୀଙ୍କୁ ଫୁସୁଲାଫୁସୁଲି କଲେ। ତାଙ୍କ ମନ ବହଲେଇଲେ। କାଳୀଚରଣଙ୍କ ମନ ଜାଗିଛି, ଆଗରୁ ଦି' ଚାରିଥର ସେ ପୁଅ ଅଭିନେତା ହେଇଥିଲେ। ଏବେ ଆଉଗୋଟେ ସୁଯୋଗ। ହାତଛଡ଼ା କଲେନି। ମନଟିକେ ଅମୁରୁ ଛକ, ଏଣେ ଜଗନ୍ନାଥ ବାବୁ ଭାରି ଟାଣୁଆ, ଲୋକପ୍ରିୟ ଲୋକ। ତାଙ୍କୁ ଅବମାନନା କରି ହେବକି। ଶେଷରେ ନନ୍ଦିକେଶ୍ୱରୀ ଭୂମିକାରେ କାଳୀଚରଣ। ନାଟକଟା ଉତ୍ତରିଗଲା। ଦର୍ଶକଙ୍କ ଭୂରିଭୂରି ପ୍ରଶଂସା। ରାତିପାହିଲା, ପଞ୍ଚାଏ ଲଫଙ୍ଗା ଟୋକା କୁହାଟ ଛାଡୁଥାଆନ୍ତି। କିଏ କେତେ ଅଶ୍ଳୀଳ ଇଙ୍ଗିତ କଲେ। କିଏ କହିଲା ସେ ନନ୍ଦିକା ଟୋକୀଟା କିଏ? କେଉଁଠି ଥାଏ? ଏମିତି ନାନାଦି ଟିପ୍ପଣୀ ଚାଲିଲା। ସାଙ୍ଗେସାଙ୍ଗେ ପ୍ରଚାର ହେଇଗଲା – "ସେ ବାଙ୍କିବାଲୀ ଟୋକୀଟା ଚାଲିଗଲାଣି। କାଳୀଚରଣ ଏଣେ ସରମରେ ଦରମରା। ଆଉ ଗଲେନି। ଦ୍ୱିତୀୟ ଦିନ, ଉଦ୍ୟୋକ୍ତାଙ୍କ ଭାଳେଣି ପଡ଼ିଲା, ଯଥାତଥା କାମ ଚଳିଗଲା। କାଳୀଚରଣ ମଞ୍ଚର ଫାନ୍ଦା ମାଡ଼ିଲେ ନାହିଁ। ସେତେବେଳେ ଦି'ଟି ଓଡ଼ିଆ ନାଟକ (୧) ନନ୍ଦିକେଶ୍ୱରୀ, (୨) କଟକ ବିଜୟ। ଲେଖକ ଭିକାରୀ ଚରଣ। ଏ ନାଟକ ଦି'ଟା ଢ଼େର୍ ନାଁ କରିଥିଲା। କଟକ ସହର, କଟକ ବାହାରେ ବି। ପୁନଶ୍ଚ ନନ୍ଦିକେଶ୍ୱରୀ ନାଟକର ନାରୀ ଭୂମିକାରେ କାଳୀଚରଣ। କଟକ ନୁହେଁ, ଏଥର କେନ୍ଦ୍ରାପଡ଼ାରେ।

ଶ୍ରୀଧର ସାହୁ, କାଳୀଚରଣଙ୍କ ସହପାଠୀ। ତାଙ୍କ ଘର କେନ୍ଦ୍ରାପଡ଼ା ବଳଦେବଜୀଉଙ୍କ ନିକଟରେ। ତାଙ୍କ ଝୁଙ୍କ, କେନ୍ଦ୍ରାପଡ଼ାରେ 'ନନ୍ଦିକେଶ୍ୱରୀ' ନାଟକ ଅଭିନୟ କରିବେ। କାଳୀଙ୍କୁ ବାଧ୍ୟକଲେ, ପାର୍ଟ ନେବାକୁ ସାକୁଳେଇଲେ। ସହପାଠୀ ତ ଭାବଲାଭ ଉଭୟଙ୍କର। ଶେଷରେ କାଳୀଚରଣ ଚାଲିଲେ କେନ୍ଦ୍ରାପଡ଼ା। ସମସ୍ତଙ୍କର ଏକା ଜିଗର, କାଳୀ ହେବେ 'ନନ୍ଦିକା'। ମଣିଷ ଉପରୋଧରେ ଢିଙ୍କି ଗିଳେ। ଶେଷରେ କାଳୀ ନନ୍ଦିକା ପାର୍ଟ ନେଲେ। ବଳଦେବଜୀଉ ମନ୍ଦିର ଡାହାଣ କଡ଼ରେ ଷ୍ଟେଜ୍ ବନ୍ଧା ସରିଲା। ଶ୍ରୀଧର ସାହୁ ଗାଉଥିଲେ, ତାଙ୍କ ସହ ଆଉ କେତେ ମିଶିଥିଲେ। ନାଟକ ଶିଖା ମଣା ଚାଲିଲା। ରିହର୍ସାଲ୍ ହେଲା। ଥରୁଟିଏ କାଳୀ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ାର ସେଇଟି ସୌଖୀନ୍ ଦଳ। ମୁରବୀ ବିହୀନ। କାହାରି କାହାରିକି ଖାତିର ନାହିଁ। କିଏ ବା କାହାକୁ ପଚାରେ? ଯେଝା ହାତରେ ଯେଝା ଚଉଦପା। ସମସ୍ତେ ସବ୍ ଜାନ୍‌ତା। ରିହର୍ସାଲର ଅର୍ଥ ଏମାନେ ବୁଝନ୍ତିନି; ଏମାନଙ୍କ ପାଇଁ ଶାଗରୁ ପଦେ ମୁଗରୁ ପଦେ।" କିଏ ଢୋଲକଟାକୁ ଦି' ଚାରିଥର ଢାଉଁ ଢାଉଁ କରେ। କିଏ ଗଳା ଲମ୍ବାଇ ହାରମୋନିୟମ ଧରି ଗାଏ। ଗୀତର ମର୍ମ 'ହେ ରାଜେଶ୍ୱରୀ – ସୁବର୍ଣ୍ଣ କେଶରୀ'। କିଏ ଖୁସି ଗପ ଯୋଡ଼ିଦିଏ। ଜଣେ ଦି' ଜଣ ବହି ଧରି ପ୍ରମ୍ପଟିଂ କରନ୍ତି। ସେମାନେ ନାଚାର। ଯିବେ ବା କୁଆଡ଼େ? ନଜରବନ୍ଦୀ। ବଡ଼ ବିଚିତ୍ର ସେ ଦୃଶ୍ୟ। କାହାରି ପାର୍ଟ ପଡ଼ିଲେ, ଡାକ ମାରନ୍ତି ଅମୁକ! ହେଇ ତୋ ପାର୍ଟ ପରା ପଡ଼ିଲାଣି! କେଉଁଠି ଥିବ ସେ ଦଉଡ଼ି ଆସେ, ଗଳା ଖଙ୍କାରି ହୁଏ। ଅଭିନୟ କରିବାକୁ ପ୍ରସ୍ତୁତ। କହେ – "ଦେ କହ, କ'ଣ କହିବି କହ।" ପ୍ରମ୍ପଟର ଫିସ୍‌ଫିସ୍ କରି କହେ, ଅଭିନେତା କାନ ପାରିଥାଆନ୍ତି, ସେଇ ସଂଳାପକୁ ଜୋର୍‌ରେ କହନ୍ତି। ପୁଣି ପ୍ରମ୍ପଟିଂ- ପ୍ରସ୍ଥାନ। ଅଂଶଗ୍ରହୀତାର ଶୁଆ ପଢ଼ିବା ପାଠ, ପମ୍ପଟର ଯାହା କହିବେ, ସେ ବି ସେୟା କରିବ, ଖାଲି ନକଲ। ଏଥିରେ କି ଅକଲ ଥାଏ? ଅଭିନେତା ବି କହି ପକାନ୍ତି 'ପ୍ରସ୍ଥାନ'। ସେବେକା ନାଟକ ଅଭିନୟକୁ ନେଇ ଏପ୍ରକାର ନାନାଦି କଉତୁକିଆ କଥା, ଏବେ ବି ଲୋକମୁଖରେ ଉଦ୍‌ଜୀବିତ। ଥରେ ମଞ୍ଚସ୍ଥ ହେଉଥାଏ ଦୁଃଶାସନ ବଧ ନାଟକ। ସଂଳାପ ସବୁ ଅମିତ୍ରାକ୍ଷର ଛନ୍ଦରେ। ଭୀମ ଦୁଃଶା – ଏ ଦି' ଜଣ ବପୁଷ୍ମାନ ଲୋକ। ପାଠ ଶାଠ ଟିକେ କମ୍। ପ୍ରମ୍ପଟିଂ ଚାଲିଛି। ଭୀମର ଗର୍ଜନ ତର୍ଜନ। ତା'ପରେ ପଦାଘାତ କରିବ। ବାସ୍। ପ୍ରମ୍ପଟର ପରଦା ପଛରେ। କହିଲା ବ୍ରାକେଟ୍‌ରେ ପଦାଘାତ। ଭୀମ ବି କହିଦେଲା ବ୍ରାକେଟ୍‌ରେ ପଦାଘାତ। ଦର୍ଶକ ହସିହସି ବେଦମ। ଏମିତି ନାନାଦି ହାସ୍ୟକର ଘଟଣା ଘଟେ। ସେଦିନ ରହିର୍ସାଲ ଘର ହାସ୍ୟରୋଳରେ ଉଚ୍ଛୁଳିଲା। ଅଭିନେତା କହିଦେଲେ 'ପ୍ରସ୍ଥାନ'। କାହିଁକି ହସିଲ, କ'ଣ ପାଇଁ ହସିଲ, ତମେ କ'ଣ ସବୁ ଠିକ୍ ଠାକ୍ କରିପକଉଛ – ଇତ୍ୟାଦି ଅଭିନେତା ଜଣକୁ କହିଲେ, ସେଥିରେ ପୁଣି ରାଗ, ରୋଷ, ଅଭିମାନ। ଏକାଜିଦ୍, ଆଉ ପାର୍ଟ କରିବେନି। ଦଳେ ବୁଝାସୁଝା କଲେ। ତା'ପରେ ଚାଲିଲା ପ୍ରମ୍ପଟିଂ। ଏଇ ପ୍ରକାର ମାମଲତ। କାଳୀ ତ ଆଗରୁ ନନ୍ଦିକା ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ପାଇଁ ବେଶୀ କିଛି କଷ୍ଟ ନଥିଲା। କିନ୍ତୁ ବ୍ୟବସ୍ଥାଟା ତାଙ୍କୁ ବଡ଼ ଅଡୁଆ ଲାଗିଲା। ତାଙ୍କ ଶିକ୍ଷା ଥିଲା ଅନ୍ୟ ପ୍ରକାର। ଅଭିନୟଟା ଗୋଟେ ବିଦ୍ୟା, ଶିଖିବାକୁ ପଡ଼େ। ଗୁରୁଙ୍କ ଆଶୀର୍ବାଦ ଲୋଡ଼ା, ଠିକ୍ ପାଠପଢ଼ା ପରି। ଏକଥା କାଳୀ ମଣୁଥିଲେ। କେନ୍ଦ୍ରାପଡ଼ାର ଅଭିନୟ, କେବଳ ଶାଠ, ଗୋଟାଏ ମଉଜ ଯାହା! ଯେନତେନ ପ୍ରକାରେ ନନ୍ଦକିଶ୍ୱେରୀ ନାଟକଟି ଅଭିନୀତ ହେଲା।

ଶ୍ରୀଧରବାବୁ, ଭାରି ସ୍ନେହୀ, ଆଦର ଯତ୍ନ ବି କମ୍ ନୁହେଁ। ରସାବଳୀ ଖିଆ, ବୁଲାଚଲା, ଏମିତି କେଇଦିନ କାଳୀଙ୍କ ମଉଜରେ କଟିଲା। ଏବେ ବି ପଛକଥା ଗୁଡ଼ାକ ତାଙ୍କର ମନେପଡ଼େ। ଝିଅ ପାର୍ଟ କଥାଟା ସ୍ୱତନ୍ତ୍ର। ପାଉଡ଼ର ବୋଳିହେବା, ନିଶଦାଢ଼ି ଖିଅର ହେବା, ବେଶ, ପରଚୂଳା ତ ଲଗେଇ ହେବାକୁ ହେବ। ସେଥର କେନ୍ଦ୍ରାପଡ଼ାରେ ପ୍ଲେ ହେଲା, ଅଗା-ବଗା-ଖଗା-ତିନିହେଁ ତିନି ଅଲଗା। ପ୍ରମ୍ପଟର ବିଚରା ନାକେଦମ୍। କେତେ ଆଉ ଫୁସ୍‌ଫୁସ୍ କରି କହିବ, ସିନ୍ ପଛରେ ଏପଟ ସେପଟ ଦଉଡ଼ିବ? କାଳୀଚରଣ ତାଙ୍କ ଅଂଶ କହିଲା ବେଳେ, ଅଭିନେତା ଜଣକ ଡିଅ ଡେଇଁଗଲାଣି। ଏମିତି, ଏମିତି ପ୍ଲେ ସରିଲା। ତଥାପି ଭଲ ହେଲା, ଏକଥା ଲୋକେ କୁହାକୁହି ହେଲେ। ହେଲେ କାଳୀଚରଣଙ୍କର ମନ ବୁଝିନଥିଲା।

କଳାକାର ଜୀବନ, ଉଠ୍ ପଡ଼ ଲାଗିଥାଏ। ସଫଳତା ପ୍ରାପ୍ତି ପାଇଁ ନିଘା ଦରକାର, ନିଷ୍ଠା ବି। ଶିଖିବା ପାଇଁ ଶିଖିବା କଥାଟା ଟିକେ ଭିନ୍ନ। ନିପୁଣତା ପ୍ରାପ୍ତି ପାଇଁ ବର୍ଷବର୍ଷର ସାଧନା ଆବଶ୍ୟକ। କାଳୀଚରଣଙ୍କ ଦିନ କାଳ ଏବେ ନାହିଁ। ମେଳା ମେଳା ଅଭିନେତ୍ରୀ, ଲେଡ଼ି ଆର୍ଟିଷ୍ଟ। ଆଗେ ଗାଁ ଗାଁକି ଥିଏଟର ଥିଲା। ଏବେ କାଁ ଭାଁ ଦେଖାଯାଏ। ସବୁଠି ମୁକ୍ତ ରଙ୍ଗମଞ୍ଚ। ଗାଁରେ ନାଟକ ହେଉଛି, ଲେଡ଼ିଆର୍ଟିଷ୍ଟଙ୍କୁ ବାହାରୁ ଅଣାଯାଏ। ଏବେ ପୁଅମାନେ ଝିଅପାର୍ଟ କରିବାକୁ ପୂରା ଅମଙ୍ଗ। ସତରେ ସମୟଟା କେଡ଼େ ଚାଣ୍ଡେ ଚାଣ୍ଡେ ବଦଳିଯାଉଛି। ଆଜି କଥା କାଲିକି ନାହିଁ। ନାଟକ ଅଭିନୟ, ରଚନା, ମଞ୍ଚସଜ୍ଜା ସବୁଥିରେ ପରୀକ୍ଷା ନିରୀକ୍ଷା, ଏଇଟି ଗୋଟେ ଶୁଭଲକ୍ଷଣ; ମାତ୍ର ମଞ୍ଚମୂଲ୍ୟ ଉତ୍କର୍ଷ ଦଳଗତ ସଫଳତା ଉପରେ ନିର୍ଭର କରେ। ଗୀତ, ନାଚ, ବାଦ୍ୟ, ସଂଳାପ, ଅଭିନୟ – ସବୁ ଭିତରେ ସଂଯୋଗ ଜରୁରୀ। ଏଥିରୁ ଆଡ଼ବାଙ୍କ ହେଲେ କଥା ସରିଲା, କଥାରେ ଅଛି 'ଗଉଡ଼ ହୁଡ଼ିଲେ ଓଳିଏ, ଚଷା ହୁଡ଼ିଲେ ବରଷେ'। ନାଟୁଆ ହୁଡ଼ିଲେ କଥା ସରେ। ଏକଥା ନାଟ୍ୟ ବିଶାରଦ କାଳୀଚରଣ ପଟ୍ଟନାୟକ ସମଝିଥିଲେ। ତାଙ୍କରି କଥାରେ କହିଲେ, "ଅଗା-ବଗା-ଖଗା-ତିନିହେଁ ତିନି ଏକା।" ସେମିତି ହେଲେ ଅଭିନୟ ବିପର୍ଯ୍ୟସ୍ତ ହୁଏ, ରାତିସରେ। ଦେଖଣାହାରୀଏ ରାତିସାରା ଅନିଦ୍ରା, ହେଲେ ମୁଗୁରାପଛ ମେଳା। ନାଟକର ସଫଳତା ପାଇଁ ଜୋର୍‌ସୋର୍ ଅଭ୍ୟାସ (ରିହର୍ସାଲ) ଦରକାର। ତାଲିମ ରୀତିଟା କଳାକାର ପାଇଁ ରଙ୍ଗପଥର ପାଥେୟ ହୁଏ – ଏକଥାଟି ଧ୍ରୁବସତ୍ୟ।

ସଙ୍କଟର ବିକଟ ବିଡ଼ମ୍ବନା



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୪୩୮୦୩୪୧୬୩
E-mail: mayadharnayak2014@gmail.com

ଆସିଗଲା ସୁପର ଏଲ୍‌ନିନୋ। ପ୍ରାକୃତିକ ପାଣିପାଗ ପ୍ରକ୍ରିୟା – 'ଏଲ୍‌ନିନୋ' ପ୍ରଶାନ୍ତ ମହାସାଗରରେ ଆରମ୍ଭ ହୋଇଯାଇଛି। ଏହି ଏଲ୍‌ନିନୋ ବିଶ୍ୱତାପମାତ୍ରାକୁ ଆହୁରି ବଢାଇଦେବ ବୋଲି ଆମେରିକାର ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇଲେଣି। ଏହାଫଳରେ ୨୦୨୪ ପୃଥିବୀ ଇତିହାସରେ ସବୁଠୁ ଅଧିକ ଉତ୍ତପ୍ତବର୍ଷ ହୋଇପାରେ। ଏହା ପୃଥିବୀର ପାଣିପାଗକୁ ବିଗିଡେଇଦେବ। ୨୦୨୩ରେ ଜୁନ୍ ମାସରେ ଆକାଶରୁ ଅଗ୍ନି ବର୍ଷିଛି। ଶେଷବେଳକୁ ଚରମସ୍ତରରେ ପହଞ୍ଚି ୨୦୨୪ରେ ସାରାବିଶ୍ୱରେ ବହୁ ଅଘଟଣ ଘଟିବ। କେଉଁଠି ବନ୍ୟା ତ କେଉଁଠି ମରୁଡି, ପୁଣି କେଉଁଠି ମାତ୍ରାଧିକ ବର୍ଷା ମଧ୍ୟ ହେବ। ଏଲ୍‌ନିନୋ ଓ ଲାନିନା ପ୍ରଭାବରେ ବିଷୁବମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ରଜଳରେ ଭିନ୍ନତା ଦେଖାଯିବ।

ଚୀନ୍ ପୃଥିବୀକୁ ୩୨୮୦୮ ଫୁଟ୍ ଖୋଳି ଡିଜେଲ୍, ପେଟ୍ରୋଲ୍, ଖଣିର ସନ୍ଧାନ କରୁଛି । ରୁଷିଆ ପୃଥିବୀକୁ ଖୋଳି ବେଶିଦୂର ଯାଇପାରିନି। ଏମାନେ ସିନା ତେଲ, ଖଣିଜପଦାର୍ଥ ସନ୍ଧାନରେ ମେଦିନୀ ମାତାର ବକ୍ଷ ବିଦାରି ଅନ୍ତନାଡି ପର୍ଯ୍ୟନ୍ତ ଯାଇଛନ୍ତି – ଏଣେ ଚନ୍ଦ୍ରରେ ଗାତ ଖୋଳି ଜବରଦଖଲ କରିବାକୁ ଆମେରିକା ଲକ୍ଷ୍ୟ ରଖିଛି । ଏମାନଙ୍କର ସଂପତ୍ତି ଲୋଭ ଆକାଶଛୁଆଁ । ଏଣେ ଭାରତ ଆମେରିକା, ଚୀନ୍, ରୁଷରୁ ଆମ ଭୋକିଲା, ମାଗଣାଖିଆଙ୍କୁ ଖାଦ୍ୟ-ଧନ ବାଣ୍ଟିବାପାଇଁ କରଜ ଆଣୁଛି । ମିଛଟାରେ ପବନରେ ଖଣ୍ଡା ବୁଲାଉଛି। ମୋବାଇଲ ମାଲିକମାନେ ପବନ ବିକି ସମସ୍ତଙ୍କ ପକେଟ୍ କଣା କରିସାରିଲେଣି।

ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଜୀବନଯାତ୍ରା ବ୍ୟାହତ । ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି । ବିଶ୍ୱ ନିଜର ଭବିଷ୍ୟତହୀନତାକୁ ଭେଟିବାକୁ ଯାଉଛି – ସାମ୍ନାରେ ସେଇ ମହାସନ୍ଧିକ୍ଷଣର ସୂତ୍ରପାତ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଲାଣି। ବେଳକୁବେଳ ବଢୁଛି ପ୍ରକୃତିକୁ ବିକୃତିରେ ପରିଣତ କରିଚାଲିଥିବାର ମହାଦାନବିକ ପ୍ରବୃତ୍ତି। ଏ ପ୍ରବୃତ୍ତି ପଛରେ ରହିଛି ମଣିଷକୁ ପ୍ରକୃତିର ପରିସରରୁ ବିସ୍ଥାପିତ କରି ଆମୂଳଚୂଳ କୃତ୍ରିମତାର ଏକପ୍ରକାର ସଇତାନୀ ସୌଦାଗରୀ ବଜାରର ଗରାଖ ରୂପେ ଥଇଥାନ କରିବାର ମାରାତ୍ମକ ଅଭିସନ୍ଧି ! ମାରାତ୍ମକ ଏହି କାରଣରୁ ଯେ ଧନତନ୍ତ୍ରୀ ମୁନାଫାଖୋର୍ ଧୂର୍ତ୍ତଗୋଷ୍ଠୀ ନିଜ କରରେ କବଳିତ କରିରଖିବାକୁ ଚାହୁଁଛନ୍ତି ବିଶ୍ୱ ଭାଗ୍ୟଡୋରି – ମାତ୍ର ଏହି ଅଭିସନ୍ଧି ପରିପୂରଣ-ପଥର ପ୍ରଧାନ ଅନ୍ତରାୟ ହୋଇପାରେ ମଣିଷତ୍ୱକୁ ମୂଲ୍ୟ ଦେଉଥିବା ବ୍ୟକ୍ତିତ୍ୱର ସ୍ୱର। ଏ ସ୍ୱରକୁ ଏଇ ଧୂର୍ତ୍ତ ଧନତନ୍ତ୍ରୀ ଗୋଷ୍ଠୀର ପ୍ରାଣେ ଡର । ଏହି କାରଣରୁ ବଡ଼ ଗୋପନୀୟ ଭାବରେ କେବଠୁ ଆରମ୍ଭ ହୋଇସାରିଲାଣି ଏକପ୍ରକାର ଅଦୃଶ୍ୟ ଗଣହତ୍ୟାର ଜଘନ୍ୟ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ତାହା ହେଉଛି – ମଣିଷମାନଙ୍କ ଭିତରୁ ମାରିଦିଅ ମଣିଷତ୍ୱକୁ ପ୍ରଥମେ, ତା'ପରେ ଯାଇ ତାଙ୍କୁ ଗରାଖ କରି ରଖ ନିଜ କୃତ୍ରିମ ବଜାରୀକରଣର ବ୍ୟବସ୍ଥାଚକ୍ରବ୍ୟୂହ ଭିତରେ ଏକ ଏକ ଅସହାୟ ଅସ୍ତିତ୍ୱ ରୂପେ। ଏମିତି ଗରାଖ ହେଉ ହେଉ ଗୋଲାମ ହେଇଯିବେ ଏମାନେ – ଏଇ ହତଭାଗା ମଣିଷର ଦଳ ! ତା'ପରେ ଏମାନଙ୍କୁ ବ୍ୟବହାର କରାଯାଇପାରେ ଯନ୍ତ୍ରବତ୍। ବ୍ୟକ୍ତିତ୍ୱର ସ୍ୱର ସଂସାରରେ ଯେଉଁଠି ଯେଉଁଠି ଶୁଭେ, ଏହି ମହାଦାନବିକ ଧୂର୍ତ୍ତ ଧନତନ୍ତ୍ରୀ ଗୋଷ୍ଠୀ ସେହି ସ୍ୱରକୁ ନିଷ୍ପ୍ରାଣ କରିଦେବାର ନୃଶଂସ ଘାତକବାହିନୀ ଯେ ବେଶ୍ ଲୋଭନୀୟ ସୁପାରିରେ ଯୋଗାଡ଼ କରିବାକୁ ଜୋରସୋର୍ କୂଟଚକ୍ରାନ୍ତ ଚଳାଉଥିବେ – ଏହା ନିଃସନ୍ଦେହ। ବ୍ୟକ୍ତିତ୍ୱର ସ୍ୱର ବୈପ୍ଲବିକତାର ବୈତାଳିକ ବହ୍ନିଜ୍ୱାଳାମୟ ପୁକାର୍ ... ଏ ପୁକାରକୁ ମୂଳରୁ ମାରିନଦେଲେ ଧନତନ୍ତ୍ରୀ ବିଶ୍ୱକୁ ବଜାର କରିବା ସହଜ ନୁହେଁ – ସୁତରାଂ ମଣିଷ ଓ ମଣିଷତ୍ୱକୁ ମାର, ବିପ୍ଳବ ଓ ବିବେକିତାକୁ ମାର, ହୃଦୟ ଓ ମସ୍ତିଷ୍କକୁ ମାର – ଏହା ହିଁ ଧନତନ୍ତ୍ରର ଫିସାଦୀ ଫୁସ୍‌ଫୁସ୍ ... ମନ୍ତ୍ରଣାମହଲରେ। ସବୁ ରାଷ୍ଟ୍ରୀୟ ନେତୃତ୍ୱକୁ ଏହି ଗୋଷ୍ଠୀ ନିଜ ନିଜର ଅର୍ଥଦାସ କରିବାରେ ଶତକଡ଼ା ୯୫ ଭାଗ ସଫଳକାମ ହୋଇସାରିଲେଣି। ଦେଶ ପ୍ରଦେଶ ବିଦେଶର ରାଜନୀତି ଆଜି ଏହି ମହାବିକୃତ ରୁଚିସଂପନ୍ନ, ମନୁଷ୍ୟତାଭ୍ରଷ୍ଟ ମାରାତ୍ମକ ଅଭିସନ୍ଧିକାରୀ ଧନତନ୍ତ୍ରୀ ଗୋଷ୍ଠୀକର୍ତୃକ ପରିଚାଳିତ ବଜାରୀ-ଅର୍ଥନୀତିର ବିକ୍ରିତ ବାମନ ! ଦେଶର ନେତା ଆଜି କଂପାନୀବାଲାର କିଣାକିଙ୍କର। ଯେଉଁ ଭୋଟର୍ ଭୋଟ୍ ଦେଇ ନେତା ଗଢନ୍ତି, ସେଇ ନେତା ପରେ ସାଜନ୍ତି ଅମଣିଷ– ଏ ଧନବନ୍ତ ସୌଦାଗରୀ ବଜାରଦଖଲକାରୀ ମାଲିକଶ୍ରେଣୀର। – ବିଶ୍ୱାସଘାତକତାର ବିଷବୀଜ ଆଜି ଏଦେଶ-ସ୍ୱଦେଶ-ବିଶ୍ୱସାରା ଫଳାଇବାକୁ ଯାଉଛି ଅମଣିଷତ୍ୱର ଅନ୍ଧକାର ଅରଣ୍ୟ ! ମଣିଷକୁ ମାରିଦିଆଯିବ। ମସ୍ତିଷ୍କକୁ ମାରିଦିଆଯିବ। ହୃଦୟକୁ ମାରିଦିଆଯିବ। ପ୍ରକୃତିକୁ ମାରିଦିଆଯିବ। ବଜାର୍ ବିକିବ ପାଣି – ଆମର ଶୋଷକୁ, ବଂଧୁଗଣ ! ଶାସନ ବିକିବ ଖଣି – କଂପାନୀବାଲାଙ୍କର ଆସୁରିକ ଆଁ'କୁ, ଜନଗଣ ! ପ୍ରକୃତି ନିକଟରୁ ମଣିଷକୁ ଦୂରାଇ ଆଣିବାର ଦୁରଭିସନ୍ଧି ଏବେ ଅଶୀଭାଗ ସଫଳ। ଯେଉଁ ଦିନ ବାକୀଭାଗ ସାଫଲ୍ୟଲାଭ କରିବେ ଷଡ଼ଯନ୍ତ୍ରକାରୀଏ, ସେଦିନ ମହାଭୟଙ୍କର ଭବିଷ୍ୟତ ପାଦ ଦେବାର ମହାଦାରୁଣ ଦିନ ଏ ଦୁନିଆରେ। ବର୍ବର ବନ ବିନାଶପର୍ବ ଏବଂ ଖାତଗାତଖୋଳା ଖଳଖେୟାଲ୍ ବଳବତ୍ତର ରହିଛି । ତାପମାତ୍ରା ବଢୁଛି ଅକଳ୍ପନୀୟ। ତଳୁ ତାତୁଛି ପୃଥିବୀ, ଉପରୁ ତାତୁଛି ଆକାଶ। କ୍ଷିତ୍ୟୋପଂତେଜମରୁତ୍‌ବ୍ୟୋମର ମହାପଂଚଭୂତରେ ଅନୁଭୂତ ହେଲାଣି ଭୀଷଣ ଭାରସାମ୍ୟ ଶୂନ୍ୟତା! ଦିନେ ପୃଥିବୀର ସବୁ ବରଫପାହାଡ ତରଳିବ। ହିମାଳୟ ପାଲଟିଯିବ ଶତସିନ୍ଧୁ। ଜଳପ୍ଳାବନ ପ୍ରବାହିତ ହେବ ସଂସାରସାରା। ପ୍ରଳୟପ୍ଳାବନ ମଧ୍ୟରେ ଲାପତ୍ତା ହୋଇଯିବ ଦିନେ ଭାଗେ ସ୍ଥଳଭାଗର ଏଇ ସୁନ୍ଦର ପୃଥିବୀ। ବୁଡ଼ିଯିବ ବଂଧୁଭରା ବସୁନ୍ଧରା। ନାଦବିନ୍ଦୁରେ ବିଲୀନ ହୋଇଯିବ ବିଶ୍ୱମଣ୍ଡଳୀୟ ବୃତ୍ତଟି ଆମର ! ପାତାଳୀ ପୃଥିବୀ – ଏହା ହିଁ ହେଉଛି ଭବିଷ୍ୟହୀନ ବିଶ୍ୱ ! ଆଜହୁଁ ସଂକଳ୍ପବଦ୍ଧ ସଂଗ୍ରାମର ବଜ୍ରମୁଷ୍ଟି ଉତ୍ତୋଳନ ନକଲେ, ଆମର ଆସନ୍ତା କାଲି ବିପନ୍ନ। ଖଣି ରକ୍ଷା କର। ପାହାଡ଼ ରକ୍ଷା କର। ଔଷଧୀୟ ବୃକ୍ଷଲତାଗୁଳ୍ମର ଅରଣ୍ୟାଞ୍ଚଳ ସମୂହକୁ ରକ୍ଷା କର। ରକ୍ଷା କର ମହାପ୍ରକୃତିମାତାକୁ, ହେ ଦେଶବାସୀ, ବିଶ୍ୱବାସୀ – ଏଇ ମଣିଷମରା ଧନତନ୍ତ୍ରୀ ମୁନାଫାଖୋର୍ ଧୂର୍ତ୍ତଗୋଷ୍ଠୀ କବଳରୁ... ସଫଳ ନହେଉ ସେ ଜହ୍ଲାଦଚକ୍ରର ଏ ଖଳଖସଡ଼ା : ଭବିଷ୍ୟବିହୀନ ବିଶ୍ୱ । ଗତ ୨୦ବର୍ଷ ହେଲା ମହାସାଗରଗୁଡିକରେ ୫୬ ପ୍ରତିଶତରୁ ଅଧିକ ପାଣିର ରଙ୍ଗ ବଦଳିଯାଇଛି । ଏଇ ପୃଥିବୀରେ ଜଳ ୩ଭାଗ ସ୍ଥଳ ୧ଭାଗ । ଏହି ରଙ୍ଗ ବଦଳିବାପାଇଁ ଦାୟୀ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ। ଏ ରଙ୍ଗକୁ ସାଧାରଣ ଲୋକେ ଆଖିରେ ଦେଖିପାରିବେନାହିଁ। 'ମାସେଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଆମେରିକା ଏବଂ ଅନ୍ୟ ବିଶ୍ୱସଂସ୍ଥାର ଗବେଷଣା ପତ୍ରିକାରେ ପ୍ରକାଶିତ – ଭୂମଧ୍ୟରେଖା ନିକଟବର୍ତ୍ତୀ ମହାସାଗରର ରଙ୍ଗ ସମୟ ସହ ତାଳଦେଇ ଲଗାତର ସବୁଜ ହେବାରେ ଲାଗିଛି । ମହାସାଗର ଭିତରେ ଏହା ପରିବର୍ତ୍ତନର ସଂକେତକୁ ସୂଚାଉଛି ।

ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରତିକ୍ରିୟାକୁ ଜାଣିବାପାଇଁ ସମୁଦ୍ରପାଣିରେ ସବୁଜ ରଙ୍ଗ ଫାଇଟୋପ୍ଲାଙ୍କଟନର ନିରୀକ୍ଷଣ କରନ୍ତି । ବ୍ରିଟେନ୍‌ର ନ୍ୟାସନାଲ ଓସନୋଗ୍ରାଫି ସେଣ୍ଟର ସାଉଥ ହମ୍ପଟନର ସଂସ୍ଥା ୨୦୦୨ରୁ ୨୦୨୨ ମଧ୍ୟରେ ସମସ୍ତ ସାତମହାସାଗର ଉପରେ ନଜର ରଖି ରଙ୍ଗ ବଦଳୁଥିବା ସମୀକରଣରେ ଜଳବାୟୁ ପରିବର୍ତ୍ତନର ଯୋଗଦାନକୁ ଅନୁଧ୍ୟାନ କରିଥିଲେ । ଗ୍ରୀନ୍ ହାଉସ୍ ମଡେଲ୍ ୨୦ବର୍ଷରୁ କମ୍ ସମୟରେ ବିଶ୍ୱର ପ୍ରାୟ ୫୦ପ୍ରତିଶତ ମହାସାଗରର ରଙ୍ଗ ପରିବର୍ତ୍ତନନେଇ ସଂକେତ ଦେଇଛି। ବିଶ୍ୱର ସବୁ ସମୁଦ୍ରଜଳ ରଙ୍ଗ ପରିବର୍ତ୍ତନହୋଇ ଘୋରସଙ୍କଟ ସୃଷ୍ଟି ହେବ ।

ଆସନ୍ତା ଦୁଇବର୍ଷ ମଧ୍ୟରେ ସୂର୍ଯ୍ୟ ଚରମସ୍ଥିତିରେ ବିଦ୍ୟମାନ କରିବାକୁ ଯାଉଥିବାରୁ ଆଗକୁ ମାସମାସ ସୌରଝଡ଼ ଲାଗିରହିବାର ଘୋର ଆଶଙ୍କା। ଏହି କାରଣରୁ ଇଣ୍ଟରନେଟ୍ ଅଚଳହୋଇ ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ ହେବ ନିଶ୍ଚିତ ପକ୍ଷରେ। ଏପରି ଘଟିଲେ ଇଣ୍ଟରନେଟ୍ ଦୁନିଆରେ ମଜ୍ଜିରହିଥିବା "ଅଲ୍‌ଓ୍ୱେଜ୍ ଅନ୍‌ଲାଇନ୍ ବର୍ଗର ଲୋକେ କ'ଣ କରିବେ" – ଏପରି ଘୋର ଉତ୍ପୀଡ଼କ ପ୍ରଶ୍ନ ଏବଠୁ ଭାଳେଣି ପକାଇଲାଣି ବିଶ୍ୱବ୍ୟାପୀ। ଏହି ସୌରଝଡ଼ ବିଶ୍ୱରେ ପ୍ରଳୟ ସୃଷ୍ଟି କରିପାରେ ।

୧୮୫୯ରେ କ୍ୟାରିଙ୍ଗ୍‌ଟନ୍ ଇଭେଣ୍ଟ୍ ଯୋଗୁ ଟେଲିଗ୍ରାଫ୍ ଲାଇନ୍‌ଗୁଡିକରୁ ବିଦ୍ୟୁତ୍ ବିଚ୍ଛୁରଣ ହୋଇଥିଲା । ୧୯୬୯ରେ ସୌରଝଡ଼ କାନାଡ଼ାର କ୍ୟୁବେକ୍ ପାୱାର ଗ୍ରୀଡ୍‌କୁ ଅଚଳ କରିଦେଇଥିଲା । ଏବେ ସାରାବିଶ୍ୱର ଅର୍ଥନୈତିକ ସ୍ଥିତିକୁ ଅଦୂର ଭବିଷ୍ୟତର ଏହି ସୌରଝଡ଼ ବେହାଲ କରିଦେବ ବୋଲି ବୈଜ୍ଞାନିକମାନେ ସତର୍କ ଚେତାବନୀ ଶୁଣାଇଦେଲେଣି। ଇଣ୍ଟରନେଟ୍ ବନ୍ଦ ହୋଇଗଲେ କମ୍ପ୍ୟୁଟର, ମୋବାଇଲ ବନ୍ଦ ହୋଇଯିବ । ଏକାନ୍ତ ଅସହାୟତାର ଅନ୍ଧକାରରେ ଆଣ୍ଠେଇପଡିବ ତମାମ୍ ଆଧୁନିକ ଜଗତ୍। ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହା କେବଳ ମୋର ନିଜସ୍ୱ ଆକଳିତ ସତର୍କବାଣୀ ନୁହେଁ – 'ନାସା'ଠାରୁ ବିଶ୍ୱର ଯେତେ ସବୁ ନାମଜାଦା ଜ୍ଞାନମନ୍ଦିରରେ ବୈଜ୍ଞାନିକବର୍ଗ ଗବେଷଣାରତ ଅଛନ୍ତି – ସେମାନେ ହିଁ ଏପରି ଚୂଡାନ୍ତ ଅପ୍ରୀତିକର ଭବିଷ୍ୟବାଣୀ ଶ୍ରୁତିଗୋଚରୀଭୂତ କରାଉଛନ୍ତି ।

ଏବେ ଆମ ଭାରତରେ ପୁନଃ ଚନ୍ଦ୍ରାଭିଯାନ ପାଇଁ ତିରୁପତି ମନ୍ଦିରରେ କିଛି ବୈଜ୍ଞାନିକ ଭଗବାନଙ୍କର ପୂଜାପାଠ କରୁଛନ୍ତି। ଆଗରୁ ଭଗବାନଙ୍କ ବାଣୀ ମାନିଥିଲେ ଆଜି ଭବିଷ୍ୟହୀନ ବିଶ୍ୱ ଘଟଣା ଘଟିନଥାନ୍ତା। ଜୀବନସାରା ଶତକଡା ୯୯ଭାଗ ପାପକରି ଶେଷରେ ଭଗବାନଙ୍କୁ ଡାକିଲେ କ'ଣ ରକ୍ଷା ପାଇବା ! ଭଗବାନ ନିଜେ ମ୍ଳେଚ୍ଛ ସଂହାର କରିବାକୁ ବାହାରିଛନ୍ତି – ଏହି ଅବ୍ୟାପାର ଯେପରି ଭବିଷ୍ୟତହୀନ ବିଶ୍ୱ ବିଘଟନ ଦୃଷ୍ଟିରୁ ଶେଷର ହିଁ ଆରମ୍ଭ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଗମ୍ଭାରୀପଦର ଗ୍ରାମବାସୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ ମୁର୍ଷୁଣି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଦର ଗ୍ରାମବାସୀ ରାସ୍ତା ପାଇଁ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସୂଚନାମତେ ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ ଠାରୁ ମହାନଦୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସାମାନ୍ୟ ବର୍ଷା ହେଲେ କାଦୁଅ ହେଉଛି। ଫଳରେ ଲୋକେ ଏହି ରାସ୍ତାରେ ସାଇକେଲ୍, ମୋଟର ସାଇକେଲ୍‌ରେ ଯିବା ତ ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡୁଛି। ଗ୍ରାମବାସୀ ପ୍ରତ୍ୟେହ ଏହି ରାସ୍ତା ଦେଇ ମହାନଦୀକୁ ସ୍ନାନ ଶୌଚ ଓ ଚାଷ ଜମିକୁ ଯାଇଥାନ୍ତି। ରାସ୍ତା କାଦୁଅ ଯୋଗୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ଉନ୍ନତି କରଣ କରାଯାଇଥିଲା। ମାଟି ମୋରୁମ ପାଇଁ ଏହା ଅଟକଳ ହୋଇଥିବା ବେଳେ କେବଳ ମାଟି ରାସ୍ତାରେ ପକାଇଥିବାରୁ ଏପରି ଅବସ୍ଥା ହୋଇଛି। ଅନ୍ୟ ପକ୍ଷରେ ଏହା ଶ୍ରମିକ ମାନଙ୍କ ଦ୍ୱାରା କରାଯିବା ବଦଳରେ ମେସିନ୍ ଦ୍ୱାରା କରାଯାଇ ଶ୍ରମିକଙ୍କ ନାମରେ ମଷ୍ଟରରୋଲ୍ ଜରିଆରେ ଟଙ୍କା ଉଠାଯାଇଛି। ବିଭାଗୀୟ ନାମରେ କାର୍ଯ୍ୟାଦେଶ ଥିଲେ ମଧ୍ୟ ଏହାକୁ ଗ୍ରାମସାଥି କରିଥିଲେ ଏବଂ ଏବାବଦକୁ ପ୍ରାୟ ୪ ଲକ୍ଷ ଟଙ୍କା ଉଠା ହୋଇଥିବା ଜଣାପଡିଛି। ତୁରନ୍ତ ଏହାର ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ବଡ଼ଗାଁ ଅଞ୍ଚଳରେ ହାତୀ ଆତଙ୍କ

ସୁନ୍ଦରଗଡ଼, ନ୍ୟୁଜ୍ ବ୍ୟୁରୋ

ସୁନ୍ଦରଗଡ ଜିଲ୍ଲାର ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ। ଏହି ଅଞ୍ଚଳର କୁରେଇବଗା ଗାଁରେ ପଶି ଦନ୍ତା ହାତୀ ଉତ୍ପାତ କରିବା ସହ ୧୦ରୁ ଅଧିକ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଲୋକେ ଭୟଭୀତ ହୋଇଥିବା ବେଳେ ଘଟଣା ସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

ଶ୍ରାବଣରେ ଶୁଖିଲା ଜିଲ୍ଲାର ୬ ଡ୍ୟାମ୍:କ୍ଷମତାର ୩୫% ପାଣି ବି ନାହିଁ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଜୁନ୍ ଓ ଜୁଲାଇରେ ଯେତିକି ବର୍ଷା ହେବା କଥା ହୋଇନାହିଁ। ତେବେ ଜୁଲାଇରେ ତିନିଟି ଲଘୁଚାପ ବର୍ଷାରୁ ମିଳିଥିବା ପାଣିକୁ ବ୍ୟବହାର କରି ଜିଲ୍ଲାର ଚାଷୀ ଖରିଫ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶ୍ରାବଣ ଅଧା ଗଲାଣି, କିନ୍ତୁ ଜିଲ୍ଲାର ଛଅ ପ୍ରମୁଖ ଡ୍ୟାମ୍ ଶୁଖିଲା ପଡ଼ିଛି। ଏପରିକି ଏହି ଡ୍ୟାମ୍‌ଗୁଡ଼ିକରେ ଜଳଧାରଣ କ୍ଷମତାର ୩୫ ପ୍ରତିଶତ ପାଣି ମଧ୍ୟ ନାହିଁ। ଯାହାକି ବର୍ତ୍ତମାନ ଖରିଫ ଜଳସେଚନ କ୍ଷେତ୍ରରେ ଏକ ବଡ଼ ସମସ୍ୟା ହୋଇଛି। ଚଳିତ ବର୍ଷ ତୁଳନାରେ ଗତବର୍ଷ ଏହି ସମୟରେ ଡ୍ୟାମ୍‌ଗୁଡ଼ିକରେ ଯଥେଷ୍ଟ ପାଣି ଥିଲା। ତିନିଟି ଡ୍ୟାମ୍‌ରେ ୭୦ ପ୍ରତିଶତରୁ ଅଧିକ ପାଣି ଥିବାବେଳେ ଅନ୍ୟ ତିନିଟି ଡ୍ୟାମ୍‌ରେ ୫୦ ପ୍ରତିଶତରୁ ଅଧିକ ପାଣି ରହିଥିଲା। ଚଳିତ ବର୍ଷ କେବଳ ଧନେଇ ଡ୍ୟାମ୍‌ରେ ୬୩.୪୬ ପ୍ରତିଶତ ପାଣି ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗଞ୍ଜାମ ଜିଲ୍ଲାରେ ବର୍ଷାର ମାତ୍ରା କମୁଥିବା କୁହାଯାଉଛି। ସେହି ଅନୁସାରେ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ ଚାଷ ବିଳମ୍ବରେ ଆରମ୍ଭ ହୋଇଛି। ପାଣି ଅଭାବ ଯୋଗୁ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଖାଲୁଆ ସ୍ଥାନରେ ବର୍ଷା ପାଣି ଜମି ରହୁଥିବାରୁ ସେହି ଜମିରେ ଚାଷ ହୋଇଛି କିନ୍ତୁ ଉଚ୍ଚ ସ୍ଥାନରେ ଥିବା ଜମିଗୁଡ଼ିକରେ ଚାଷ କାର୍ଯ୍ୟ ଆଗେଇ ପାରିନାହିଁ। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭଞ୍ଜନଗର ଡ୍ୟାମ୍‌ରେ ବର୍ତ୍ତମାନ ୩୪.୩୦ ପ୍ରତିଶତ ପାଣି ରହିଥିବା ବେଳେ ୨୦୨୩ରେ ଏହି ସମୟରେ ୭୯.୬୬ ପ୍ରତିଶତ ପାଣି ରହିଥିଲା। ସୋରଡ଼ା ଡ୍ୟାମ୍‌ରେ ୨୬.୩୦ ପ୍ରତିଶତ ପାଣି ଥିବାବେଳେ ଗତବର୍ଷ ୫୭.୫୮ ପ୍ରତିଶତ, ଡହ ଡ୍ୟାମ୍‌ରେ ୨୭.୪୭ ପ୍ରତିଶତ ପାଣି ଥିବା ବେଳେ ଗତବର୍ଷ ୪୯.୫୨ ପ୍ରତିଶତ, ଘୋଡ଼ାହାଡ଼ ଡ୍ୟାମ୍‌ରେ ୧୯.୨୪ ପ୍ରତିଶତ ପାଣି ରହିଥିବା ବେଳେ ଗତବର୍ଷ ଏହି ସମୟରେ ୭୨.୨୮ ପ୍ରତିଶତ ପାଣି ରହିଥିଲା। ସେହିପରି ବାଘୁଆ ଡ୍ୟାମ୍‌ରେ ୧୬.୪୨ ପ୍ରତିଶତ ପାଣି ରହିଥିବା ବେଳେ ଗତବର୍ଷ ୩୨.୪୯ ପ୍ରତିଶତ, ବାଘଲଟି ଡ୍ୟାମ୍‌ରେ ୨୨.୪୩ ପ୍ରତିଶତ ପାଣି ଥିବାବେଳେ ଗତବର୍ଷ ୭୮.୬୨ ପ୍ରତିଶତ ପାଣି ରହିଥିଲା। ଡ୍ୟାମ୍‌ରେ ଗଚ୍ଛିତ ରହୁଥିବା ପାଣି ମୁଖ୍ୟତଃ ପାନୀୟ ଜଳ ଓ ଚାଷ କାମରେ ବ୍ୟବହାର ହୋଇଥାଏ। ଚଳିତ ବର୍ଷ ଭଲ ବର୍ଷା ହୋଇନଥିବାରୁ ଚାଷୀଙ୍କୁ ପାଣି ମିଳିବାରେ ଅସୁବିଧା ହେଉଛି। ଚାଷୀଙ୍କ ପାଇଁ ପର୍ଯ୍ୟାୟ କ୍ରମେ ବିଭିନ୍ନ ଡ୍ୟାମ୍‌ରୁ କେନାଲ୍ ଜରିଆରେ ପାଣି ଛଡ଼ାଯାଉଛି। ପାଣି ଛାଡ଼ିବା ପରେ ପୁଣିଥରେ ଜଳସ୍ତର ହ୍ରାସ ପାଇବ। ଏଣୁ ବର୍ଷା ନହେଲେ ଆଗକୁ ସ୍ଥିତି ସଙ୍ଗିନ ହେବ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି।

ପୁନଃସ୍ତ ପୃଥିବୀ
ONE EARTH. UNITE FOR IT.
AN INITIATIVE BY SAMBAD DIGITAL

ଟ୍ରେନ୍‌ରେ ସିଟ୍ ପାଇଁ ଜୀବନକୁ ବାଜି ଲଗାଇ ଚାଲିଛି ପ୍ରତିଯୋଗିତା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଟ୍ରେନ୍‌ରେ ସିଟ୍ ଖଣ୍ଡିଏ ପାଇବା ପାଇଁ ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାଇଛନ୍ତି। ବିଶେଷ କରି ସାଧାରଣ ବଗିରେ ଯାତ୍ରା କରୁଥିବା ଯାତ୍ରୀମାନେ ସିଟ୍ ଖଣ୍ଡିଏ ପାଇବାପାଇଁ ଟ୍ରେନ୍ ଅଟକିବା ମାତ୍ରକେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରିଦେଉଛନ୍ତି। କିଏ ଟ୍ରେନ୍ ଅଟକିବା ପୂର୍ବରୁ ଦୌଡ଼ି ଦୌଡ଼ି ବଗି ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଛି ତ ପୁଣି କିଏ ପ୍ଲାଟ୍‌ଫର୍ମର ଅପରପାର୍ଶ୍ୱକୁ ଯାଇ ବଗି ଭିତରେ ପଶି ସିଟ୍ ପାଇବା ପାଇଁ ଉଦ୍ୟମ କରୁଛି। ଏଭଳି ପ୍ରତିଯୋଗିତା ପ୍ରାୟତଃ ଅଧିକାଂଶ ରେଳଷ୍ଟେସନ୍‌ରେ ଦେଖିବାକୁ ମିଳୁଥିବା ବେଳେ ବ୍ରହ୍ମପୁର ଷ୍ଟେସନ୍‌ରେ ବି ଏହିଭଳି ଚିତ୍ର ଦେଖିବାକୁ ମିଳୁଛି। ଟ୍ରେନ୍ ଆସିବା ନେଇ ଘୋଷଣା ହେବା ମାତ୍ରକେ ଏହିଭଳି ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି। ସିଟ୍ ଖଣ୍ଡିଏ ପାଇଁ କିଏ ହାତରେ ରୁମାଲ୍ ତ କିଏ ବ୍ୟାଗ୍ କିମ୍ବା ଗାମୁଛା ଖଣ୍ଡେ ଧରି ଟ୍ରେନ୍ ଅଟକିବା ମାତ୍ରକେ ବଗି ଭିତରେ ଚଢୁଛନ୍ତି। ନିଜ ଜୀବନକୁ ବାଜିରେ ଲଗାଇ ରେଳ ଟ୍ରାକ୍‌ର ଅପରପାର୍ଶ୍ୱକୁ ଯାଇ ଟ୍ରେନ୍‌କୁ ଅପେକ୍ଷା କରୁଛନ୍ତି। ଏଭଳି ଚିତ୍ର ପ୍ରତିଦିନ ଦେଖିବାକୁ ମିଳୁଛି। ଟ୍ରେନ୍‌ଟି ପ୍ଲାଟଫର୍ମରେ ସମ୍ପୂର୍ଣ୍ଣ ଭାବେ ଅଟକିବା ପୂର୍ବରୁ ହିଁ ସାଧାରଣ ବଗିରେ ଏଭଳି ଯାତ୍ରୀ ପଶିବାକୁ ଉଦ୍ୟମ କରି ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ବି ହେଉଛନ୍ତି। ବ୍ରହ୍ମପୁର ରେଳଷ୍ଟେସନ୍‌କୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଯାତାୟତ କରୁଛନ୍ତି। ସଂରକ୍ଷିତ ଟିକଟ କରିନଥିବା ଯାତ୍ରୀମାନେ ବିଶେଷ କରି ସାଧାରଣ ବଗିରେ ଯାତ୍ରା କରିଥାନ୍ତି। ସଂରକ୍ଷିତ ଟିକଟ ଅପେକ୍ଷା ସାଧାରଣ ବଗିରେ ଯାତାୟାତ ପାଇଁ ଟିକଟ ଦର କମ୍ ରହିଥିବା ଯୋଗୁଁ ଅଧିକାଂଶ ଯାତ୍ରୀ ଏହି ବଗିରେ ଯାତ୍ରା କରିବାକୁ ବାଧ୍ୟ ହୋଇଥାନ୍ତି। ତେବେ ଏହି ବଗିରେ ସିଟ୍ ଖଣ୍ଡିଏ ମିଳିବା କଷ୍ଟକର ବ୍ୟାପାର ହୋଇଥିବା ଯୋଗୁଁ ଏହିଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳୁଛି। ଏହି ବଗିରେ ସିଟ୍ ଖଣ୍ଡିଏ ମିଳିବା ଯେତିକି କାଠିକର ପାଠ ତାଠାରୁ ପିଲାଛୁଆଙ୍କୁ ଧରି ବଗିରେ ଚଢ଼ିବା ତାଠାରୁ ଅଧିକ କଷ୍ଟକର। ସମ୍ପ୍ରତି ରେଳଷ୍ଟେସନ୍‌ର ନବୀକରଣ କାମ ଚାଲୁ ରହିଥିବା ଯୋଗୁଁ ପ୍ଲାଟ୍‌ଫର୍ମରେ ଯାତ୍ରୀ ଅପେକ୍ଷା କରିବା ସମ୍ଭବପର ହୋଇପାରୁନାହିଁ। ବ୍ରହ୍ମପୁର ଷ୍ଟେସନ୍ ଦେଇ ଯାଉଥିବା ଦୂରଗାମୀ ଟ୍ରେନ୍‌ଗୁଡ଼ିକର ସାଧାରଣ ବଗିରେ ପୂର୍ବରୁ ଭିଡ଼ ରହିଥାଏ। ଏହି ଭିଡ଼ ଭିତରେ ବି ସିଟ୍ ଖଣ୍ଡିଏ ପାଇବା ପାଇଁ ଯାତ୍ରୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥାନ୍ତି। ରେଳଷ୍ଟେସନ୍‌ରେ ୧,୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମ ଦେଇ ଅଧିକାଂଶ ଟ୍ରେନ୍ ଯାତାୟାତ କରିଥାଏ। ପ୍ଲାଟ୍‌ଫର୍ମ ମଝିରେ ମାଲବାହୀ ଟ୍ରେନ୍ ଯାତାୟାତ କରିବାପାଇଁ ଟ୍ରାକ୍ ରହିଛି। ତେବେ ସିଟ୍ ପାଇବା ପାଇଁ ଏଭଳି ଯାତ୍ରୀମାନେ ପ୍ଲାଟ୍‌ଫର୍ମର ଅପରପାର୍ଶ୍ୱକୁ ଯାଇ ବିପଦସଙ୍କୁଳ ଅବସ୍ଥାରେ ଅପେକ୍ଷା କରିଥାନ୍ତି। ଏହା ଏକ ନିୟମିତ ଘଟଣା ହୋଇଥିବା ବେଳେ ଷ୍ଟେସନ୍ କର୍ତ୍ତୃପକ୍ଷ, ଜିଆରପି ଏହାକୁ ରୋକିବାରେ ବିଫଳ ହୋଇଅଛି। ଷ୍ଟେସନ୍‌ର ଜଣେ କାର୍ଯ୍ୟରତ ଅଧିକାରୀ କହିଛନ୍ତି ପ୍ରତିଦିନ ଆମେ ଯାତ୍ରୀଙ୍କୁ ଏଭଳି ଅପେକ୍ଷା ନକରିବା ଏବଂ ଟ୍ରେନ୍ ଗତିଶୀଳ ଅବସ୍ଥାରେ ନଚଢ଼ିବା ପାଇଁ ତାଗିଦ୍ କରୁଛି କିନ୍ତୁ ଏମାନେ ଶୁଣିବାକୁ ନାରାଜ ବୋଲି କହିଛନ୍ତି। ଏଭଳିକି ବିଭିନ୍ନ ସମୟରେ ଜରିମାନା ବି ଆଦାୟ କରାଯାଉଥିବା ସେ କହିଛନ୍ତି।

ମାଲଦା: ୬୦ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ୍ ସୁଗାର ଜବତ

କୋଲକାତା, ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଏକ ବଡ ଅପରେସନ୍‌ରେ ମାଲଦା ଜିଲ୍ଲା ପୋଲିସ ପ୍ରାୟ ୬୦ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ୍ ସୁଗାର ଜବତ କରିଛି। ଗୋଲାପଗଞ୍ଜ ଆଉଟପୋଷ୍ଟର ଓସି ଏବଂ କାଳିଆଚକ ପୋଲିସ ଷ୍ଟେସନର ଦାୟିତ୍ୱରେ ଥିବା ଅଧିକାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏସ୍‌ପି ପ୍ରଦୀପ ଯାଦବ ଶୁକ୍ରବାର ଅପରାହ୍ନରେ କହିଛନ୍ତି ଯେ ଗୁରୁବାର ଦିନ ମିଳିଥିବା ସୂଚନାକୁ ଭିତ୍ତି କରି ପୋଲିସ ଟିମ୍ ବାମନତୋଲା ମାଠପଡା ଗ୍ରାମକୁ ଯାଇ ନୁର ଇସଲାମର ପୁଅ ସେତୁର ରେହମାନଙ୍କ ଘରେ ପ୍ରବେଶ କରିଥିଲେ। ଯଦିଓ ଅଭିଯୁକ୍ତ ଘଟଣାସ୍ଥଳରେ ଉପସ୍ଥିତ ନଥିଲେ, ତାଙ୍କ ପତ୍ନୀ ସେଠାରେ ଉପସ୍ଥିତ ଥିଲେ। ସମସ୍ତ ଔପଚାରିକତା ସମାପ୍ତ କରିବା ପରେ ପୋଲିସ୍ ଟିମ୍ ଏକ ସ୍ୱଚ୍ଛ ପ୍ଲାଷ୍ଟିକ୍ ପ୍ୟାକେଟ୍‌ରେ ପ୍ରାୟ ୬୪୮ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୬୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।

ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ

ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ। ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି ପୋଲିସ। ଜିଲ୍ଲାର ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସୂଚନା ଅନୁସାରେ ନାବାଳିକା ଜଣଙ୍କୁ ଅଭିଯୁକ୍ତ ଜୋର ଜବରଦସ୍ତ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହାପରେ ଝିଅର ବାପା ଘଟଣା ସମ୍ପର୍କରେ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଥିଲେ। ବ୍ରାହ୍ମଣୀଗାଁ ଥାନା ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ହରିଦ୍ୱାରରେ ଗଙ୍ଗା ନଦୀରେ ଫସିଥିବା ୧୬ କାଉଡ଼ିଆ ଉଦ୍ଧାର

ହରିଦ୍ୱାର, ନ୍ୟୁଜ୍ ବ୍ୟୁରୋ

୧୬ ଜଣ କାଉଡ଼ିଆ ଶୁକ୍ରବାର ଧନୁଷ ପୋଲ ନିକଟରେ ଗଙ୍ଗା ନଦୀରେ ଫସି ଯାଇଥିଲେ। ସମସ୍ତଙ୍କୁ ଜଳ ପୋଲିସ ଏବଂ ୪୦ତମ ବାଟାଲିୟନ୍ ପିଏସିର ଯବାନମାନେ ଉଦ୍ଧାର କରି ସୁରକ୍ଷିତ ଭାବେ ନଦୀରୁ ବାହାରକୁ ଆଣିଥିଲେ। ବରିଷ୍ଠ ପୋଲିସ ଅଧିକ୍ଷକଙ୍କ ପିଆରଓ ବିପିନ ପାଠକ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଗୁରୁବାର ପାର୍ବତ୍ୟାଞ୍ଚଳରେ ହୋଇଥିବା ଭୀଷଣ ବର୍ଷା ଯୋଗୁଁ ଲାଲଜୀବାଲା ବ୍ୟାରେଜ୍‌ରୁ ହର କି ପୈଡ଼ି ଅଞ୍ଚଳକୁ କମ୍ ମାତ୍ରାରେ ଜଳ ଛଡା ଯାଇଥିଲା। ହେଲେ ଶୁକ୍ରବାର ବ୍ୟାରେଜ୍‌ରୁ ଅଧିକ ମାତ୍ରାରେ ପାଣି ଛଡାଯାଇଥିଲା। ଫଳରେ ହଠାତ୍ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଏହି ସମୟରେ ଧନୁଷ ପୋଲ ନିକଟରେ ଗଙ୍ଗା ନଦୀରେ ଗାଧୋଉଥିବା ୧୬ ଜଣ କାଉଡ଼ିଆ ଏହା ମଧ୍ୟରେ ଫସି ରହିଥିଲେ। ଖବରପାଇବା କ୍ଷଣି ତୁରନ୍ତ ଜଳ ପୋଲିସ ଏବଂ ୪୦ତମ ବାଟାଲିୟନ୍ ପିଏସିର ଯବାନମାନେ ସେମାନଙ୍କୁ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ଗୋଟିଏ ରାତିର ଦୁଇଟି ମନ୍ଦିରରୁ ଚୋରି

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ରାତିରେ ସୋରଡା ଅଞ୍ଚଳରେ ଦୁଇଟି ଶିବ ମନ୍ଦିରରୁ ଚୋରି ହୋଇଥିବା ଜଣାପଡ଼ିଛି। ବୃଦ୍ଧ ଲିଙ୍ଗେଶ୍ୱର ମନ୍ଦିରର ଦୁଇଟି ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିବା ବେଳେ ପୁଡୁଗେଶ୍ୱର ମନ୍ଦିରରୁ ମଧ୍ୟ ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଉଭୟ ମନ୍ଦିର ପରିଚାଳନା କମିଟିର ଅଭିଯୋଗ କ୍ରମେ ସୋରଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୋରଡା ଅଞ୍ଚଳରେ ବହୁବାର ମନ୍ଦିର ଗୁଡିକରୁ ଚୋରି ହେଉଥିବା ଅଭିଯୋଗ ହେଉଛି।

୩୪ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର:ବୋର୍ଡ ପରୀକ୍ଷା ଫର୍ମ ଫିଲ୍ଅପ୍‌ରୁ ବଞ୍ଚିତ ହେବେ

ବିଷମ କଟକ, ନ୍ୟୁଜ୍ ବ୍ୟୁରୋ

ରାୟଗଡା ଜିଲ୍ଲା ବିଷମ କଟକ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ୩୪ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ଫିଲ୍ଅପ୍‌ରୁ ବଞ୍ଚିତ ହେବେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଟି ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଅଧିନରେ ଆସୁଥିବାବେଳେ ଛାତ୍ରୀଛାତ୍ରୀ ମାନଙ୍କ ବୋର୍ଡ ପରୀକ୍ଷା କରାଇଥାଏ। ଏହି ପରିପ୍ରେକ୍ଷୀରେ ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କ ପ୍ରଥମ ବର୍ଷର ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ଫିଲ୍ଅପ୍ ପକ୍ରିୟା ଆରମ୍ଭ ହୋଇଛି। ବିଭାଗ ତରଫରୁ ଫର୍ମ ଫିଲ୍ଅପ୍ କରିବା ନିମନ୍ତେ ଏକ ନିର୍ଦ୍ଦେଶାବଳି ଜାରି କରିଛନ୍ତି। ଯେଉଁମାନେ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଉପଯୁକ୍ତ ଭାବରେ ଆଡମିସନ୍ ହୋଇଥିବେ ଏବଂ ପରୀକ୍ଷା ବର୍ଷରେ ପ୍ରତ୍ୟେକ କ୍ଲାସ୍‌ରେ ଯୋଗଦେଇ ସେମାନଙ୍କ ଅଧ୍ୟୟନର ପାଠ୍ୟକ୍ରମ ଅନୁସରଣ କରିଥିବେ। ପ୍ରତ୍ୟେକ ସବ୍‌ଜେକ୍ଟରେ ୮୦% ଉପସ୍ଥାନ ରହିଥିବା ଏବଂ ବିଦ୍ୟାଳୟ ପାଠ୍ୟକ୍ରମ ନିୟମିତ ଭାନ କରିଥିବେ ସେହି ଛାତ୍ରଛାତ୍ରୀ ମାନେ ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ଫିଲ୍ଅପ୍ କରିବା ଫର୍ମ ଫିଲ୍ଅପ୍‌କୁ ଯୋଗ୍ୟ ବିବେଚିତ ହେବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ନିର୍ଦ୍ଦେଶାବଳୀ ଜାରି କରିଛି। ଏଥି ସହିତ ପଞ୍ଜିକୃତ ଡାକ୍ତରୀ ଚିକିତ୍ସକଙ୍କ ପ୍ରମାଣପତ୍ର ଆଧାରରେ ବୋର୍ଡର ପରୀକ୍ଷା କମିଟି ଆଉ ୧୦ ପ୍ରତିଶତ ଉପସ୍ଥାନକୁ ବିଚାରକୁ ନିଆଯାଇପାରିବ ବୋଲି ନିର୍ଦ୍ଦେଶ ନାମାରେ ଉଲ୍ଲେଖ ରହିଛି। ନିର୍ଦ୍ଦେଶାବଳି ଆଧାରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ରାୟଗଡାର ମାତ୍ର ୧୫ ଜଣ ଛାତ୍ରଛାତ୍ରୀଙ୍କ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଉପସ୍ଥାନ ରହିଛି। ଏହି ଛାତ୍ରଛାତ୍ରୀ ମାନେ ହିଁ ବୋର୍ଡ ପରୀକ୍ଷା ଫର୍ମ ଫିଲ୍ଅପ୍ କରିବା ନିମନ୍ତେ ଯୋଗ୍ୟ ଅଛନ୍ତି। ଏହା ବ୍ୟତିତ ୨୪ ଜଣ ଛାତ୍ର ଛାତ୍ରୀ ୭୦ରୁ ୮୦ ପ୍ରତିଶତ ମଧ୍ୟରେ ଉପସ୍ଥାନ ରହିଛି। ଅପରପକ୍ଷରେ ବିଦ୍ୟାଳୟ ବଳକା ୩୪ ଜଣ ଛାତ୍ରଛାତ୍ରୀଙ୍କ ୭୦ ପ୍ରତିଶତରୁ କମ୍ ଉପସ୍ଥାନ ରହିଛି। ଯାହାଫଳରେ ଏହି ସମସ୍ତ ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷାର ଫର୍ମ ପଞ୍ଜିକରଣରୁ ବଞ୍ଚିତ ହୋଇ ରହିବେ। ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ନିୟମିତ ଉପସ୍ଥିତ ନରହିବା ବର୍ତ୍ତମାନ ସେମାନଙ୍କୁ ମହଙ୍ଗା ପଡିଛି। ହେଲେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ନିର୍ଦ୍ଦେଶକୁ ପାଳନ କରି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଶରତ ଚନ୍ଦ୍ର ସେଠ ୮୦ ପ୍ରତିଶତରୁ କମ୍ ଉପସ୍ଥାନ ରହିଥିବା ଛାତ୍ରଛାତ୍ରୀ ମାନଙ୍କୁ ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ପଞ୍ଜିକରଣରୁ ବଞ୍ଚିତ ରଖିବେ ନା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ନିର୍ଦ୍ଦେଶାବଳିକୁ ଉଲ୍ଲଂଘନ କରି ସମସ୍ତ ଅଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଫର୍ମ ପଞ୍ଜିକରଣ କରିବା ନିମନ୍ତେ ସୁଯୋଗ ଦେବେ ତାହା ଦେଖିବାକୁ ବାକି ରହିଲା।

ଅନାବାଦି-ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ହେଉ

ମୃଷାଟିକିରି, ନ୍ୟୁଜ୍ ବ୍ୟୁରୋ

ଯାଜପୁର ରାଜସ୍ୱ ଜିଲ୍ଲା ଦର୍ପଣୀ ତହସିଲ ଅନ୍ତର୍ଗତ, ମୃଷାଟିକିରି ରାଜସ୍ୱ ସର୍କଲ ଅଧିନସ୍ଥ, ମୃଷାଟିକିରି ରାମଦାସପୁର ଓ ବଣିଆରି ରାଜସ୍ୱ ଗ୍ରାମର ଅନାବାଦି ଓ ଗୋଚର କିସମ ଜମିକୁ କିଛି ଜବରଦାଖଲକାରି ନିଜ ଅକ୍ତିଆର ମଧ୍ୟରେ ରଖି ସର୍ବସାଧାରଣ ବ୍ୟକ୍ତି ବିଶେଷଙ୍କୁ ଚଳାଚଳରେ ବାଧା ସୃଷ୍ଟି କରିବାରେ ଅସନ୍ତୋଷ ଲାଗିରହିଛି। ପ୍ରଧାନମନ୍ତ୍ରୀ ସଡକ ରାସ୍ତାର ତିରଣ ପଡିଆ, ଯୋର ପଡିଆ କ୍ରିଡାବାଗ ପଡିଆ ଓ କ୍ରିଡାବାଗ ଶ୍ମଶାନ ପଡିଆ-ରାମଦାସପୁର, ଜବର ଦଖଲକାରୀଙ୍କ ଦ୍ୱାରା ଅବରୋଧ ହେବାରେ ଲାଗିଛି ଓ ମୃଷାଟିକିରି, ବଣିଆରି ନକ୍ସା ଚାଷଜମିକୁ ସଂଯୋଗ ଥିବା ଚରଣଭୂମି, କିସମ ଗୋଚର ଓ ଅନାବାଦି ମାଫିଆଙ୍କ ଜବରଦଖଲରେ ସାଧାରଣରେ ଚୁପ୍ ହେବାକୁ ପଡୁଛି। ଏ ଦିଗରେ ଦର୍ପଣୀ ତହସିଲଦାର ଦୃଷ୍ଟି ଦେବାସହ ଜବର ଦଖଲକାରୀଙ୍କୁ ଉଚ୍ଛେଦ କରାଯିବାକୁ ବର୍ଷୀୟାନ ସମାଜସେବୀ କିଶୋରଚନ୍ଦ୍ର ସ୍ୱାଇଁ, ଦୁଃଶାସନ ମହାପାତ୍ର, ମହନ୍ତ ଉପେନ୍ଦ୍ର କୁମାର ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଏହିକି ମୃଷାଟିକିରି ସର୍କଲ ମୃଷାଟିକିରି ମୌଜା ଚାଷଜମିକୁ ୩ ଶହ ଏକର, ଗୋଚର, ଅନାବାଦି, ଗୋସମ୍ପଦ ଚରଣ ଭୂମି ପାଇଁ ଜମିଦାର ଶାସନ କାଳରୁ ସଂରକ୍ଷିତ କରି ରଖାଯାଇଥିଲା। ଏହାର ସୁରକ୍ଷା ପାଇଁ ନିବେଦକ ହେଉଛୁ।

ଏଥର ଏଲ୍ଆର୍‌ସି ନା ପଟ୍ଟା ?

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଏଥର ଭୂମି ଅଧିକାର ପ୍ରମାଣପତ୍ର (ଏଲଆରସି) ବଦଳରେ ସ୍ଥାୟୀ ଜମି ପଟ୍ଟା ମିଳିବ ବୋଲି ବସ୍ତିବାସିନ୍ଦା ଆଶାବାଦୀ ହୋଇପଡ଼ିଛନ୍ତି। ଏଣେ ବିଏମ୍‌ସି ଏଲ୍ଆର୍‌ସି ବାଣ୍ଟିବା ପାଇଁ ସଜବାଜ ହେଉଛି। ବାକି ରହିଥିବା ହିତାଧିକାରୀଙ୍କୁ ଏଲଆରସି ବାଣ୍ଟିବା ପାଇଁ ବିଏମ୍‌ସି ସରକାରଙ୍କୁ ଜମି ମାଗିଛି। ୧୪ଟି ୱାର୍ଡରେ ୩୬ ବସ୍ତି ପାଇଁ ଆବଶ୍ୟକ ହେଉଥିବା ୧୮.୯୫୪ ଏକର ଜମି ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ଏଲଆରସି ବାଣ୍ଟିବା ପାଇଁ ଏହି ଜମିସବୁକୁ ବିଏମ୍‌ସି ନାମରେ କରିଦେବାକୁ କମିସନର ଜଳସମ୍ପଦ ବିଭାଗକୁ ଚିଠି ଲେଖିଛନ୍ତି। କମିସନରଙ୍କ ଚିଠି ପାଇବା ପରେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ବିଭାଗୀୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମନ୍ତବ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନର ଉପଯୁକ୍ତ ବିଚାର କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆସିବାକୁ ଥିବା ମନ୍ତବ୍ୟ ଆଧାରରେ ଏହି ଜମି ବିଏମ୍‌ସି ନାମରେ କରିଦିଆଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ଗତବର୍ଷ ବିଜେପି ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ନାମରେ ନକଲି କାଗଜ (ଏଲ୍ଆର୍‌ସି) ବାଣ୍ଟିବା ଅଭିଯୋଗ ଆଣି ବିଏମ୍‌ସି ମେୟର, କମିସନର ଓ ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରିବାକୁ ଥାନାରେ ଏତଲା ଦେଇଥିଲା। ଗତବର୍ଷର ବିରୋଧୀ ବିଜେପି ଏବେ ଶାସନକୁ ଆସିଛି। ଏହା ଉପରେ କଣ ପଦକ୍ଷେପ ନିଆଯିବ ତାହାକୁ ନେଇ କୌଣସି ନିଷ୍ପତ୍ତି ହୋଇନଥିବା ବେଳେ କମିସନର ଏଲଆରସି ବାଣ୍ଟିବା ପାଇଁ ଚିଠି ଲେଖିବା ଓ ଜଳସମ୍ପଦ ବିଭାଗ ମଧ୍ୟ ଜମି ଦେବା ପ୍ରକ୍ରିୟା ଆରମ୍ଭ କରିବା ସ୍ପଷ୍ଟ କରୁଛି କି ସରକାର ପଟ୍ଟା ଦେବେ ନାହିଁ, ବରଂ ବିଜେପି ଘୋଷଣା କରିଥିବା ନକଲି ଏଲଆରସି ହିଁ ବଣ୍ଟା ହେବ। ବିଏମ୍‌ସିର ୩ଟି ଜୋନ୍‌ରେ ଥିବା ୪୩୬ଟି ବସ୍ତି ଜାଗା ମିସନ୍‌ରେ ସାମିଲ୍ ହୋଇଥିଲା। ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ୩୦ରୁ ସର୍ବାଧିକ ୪୫ ବର୍ଗମିଟର ଜମିର ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବାକୁ ଯୋଜନା ହୋଇଥିଲା। ଯେଉଁମାନେ ୩୦ ବର୍ଗମିଟରରୁ ଅଧିକ ଜାଗା ରଖିବେ ସେହି ଅନୁସାରେ ପ୍ରିମିୟମ୍ ବାବଦକୁ ଅର୍ଥ ଜମା କରିବେ। ଗରିବ ବସ୍ତିବାସିନ୍ଦାଙ୍କୁ ଏହି ପ୍ରିମିୟମ୍ ରାଶି ମଧ୍ୟ ବାଧିଥିଲା। ଏହି ପ୍ରମାଣପତ୍ର ପାଇବା ପରେ ହିତାଧିକାରୀ ଆବାସ ଯୋଜନାରେ ଘର କରିବାର ଯୋଗ୍ୟତା ହାସଲ କରିବେ ବୋଲି ଘୋଷଣା ହୋଇଥିଲା କିନ୍ତୁ ଏହି ଏଲଆରସିକୁ ବ୍ୟାଙ୍କ କୌଣସି ଡକ୍ୟୁମେଣ୍ଟ ଭାବରେ ଗ୍ରହଣ କରିନଥିଲା। ଏଲଆରସିକୁ ନେଇ ଏଭଳି ଅସନ୍ତୋଷ ଜାରି ରହିଥିଲା। ସର୍ବେକ୍ଷଣରେ ଚିହ୍ନଟ ହୋଇଥିବା ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୭୧ ହଜାରଙ୍କ ପାଇଁ ଏଲଆରସି ପ୍ରସ୍ତୁତ ହେବା ସହ ୫୫ ହଜାରଙ୍କୁ ବଣ୍ଟା ହୋଇଥିଲା। ବାକି ୨୯ ହଜାର ହିତାଧିକାରୀଙ୍କୁ ଜଳସେଚନ ବିଭାଗ କୃପା କଲେ ଏଲଆରସି ମିଳିବ। କିନ୍ତୁ ଶାସନରେ ଥିବା ସରକାର ଜମି ପଟ୍ଟା ଦେବାପାଇଁ ଦୀର୍ଘଦିନରୁ ଦାବି କରିଆସୁଥିବାରୁ ଏଥର ଏଲଆରସି ନୁହେଁ, ବରଂ ପଟ୍ଟା ଦିଆଯାଉ ବୋଲି ବସ୍ତିବାସିନ୍ଦା ଦାବି କରିଛନ୍ତି। ବସ୍ତିବାସିନ୍ଦାଙ୍କ ଅଭିଯୋଗ ମୁତାବକ, ଏଲ୍ଆର୍‌ସି ଏକ ନକଲି କାଗଜ। ଏହାକୁ ବ୍ୟାଙ୍କ ଡକ୍ୟୁମେଣ୍ଟ ଭାବରେ ଗ୍ରହଣ କରୁନାହିଁ। ଏହାକୁ ତୁରନ୍ତ ଫେରାଇ ନିଆଯାଇ ପଟ୍ଟା ଦିଆଯାଉ। ତା'ସହିତ ୩୦ ବର୍ଗମିଟର ଠାରୁ ଅଧିକ ଜମି ରଖିଲେ ପ୍ରିମିୟମ୍ ନାଁରେ ବିଏମ୍‌ସି ଗରିବଙ୍କ ଠାରୁ ଲକ୍ଷ ଲକ୍ଷ ଜମା ନେଉଛି। ସେସବୁ ମଧ୍ୟ ଫେରାଯାଉ। ଉଲ୍ଲେଖଯୋଗ୍ୟ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୧୮.୯୫୪ ଏକର ଜମି ବିଏମ୍‌ସିର ୧୪ଟି ୱାର୍ଡରେ ରହିଛି। ୱାର୍ଡ ନଂ୪ରେ ୭ଟି ବସ୍ତି ରହିଥିବା ବେଳେ ୫ରେ ୫ଟି, ୧୦ରେ ୬ଟି, ୧୮ରେ ଗୋଟିଏ, ୩୧, ୪୩, ୪୫, ୪୮ରେ ଦୁଇଟି ଲେଖାଏଁ, ୫୬ରେ ୪, ୫୭ରେ ୩, ୫୮ରେ ୨, ୫୯ ଓ ୬୧ରେ ଦୁଇଟି ଲେଖାଏଁ ଓ ୬୭ରେ ୪ଟି ରହିଛି। ଏସବୁର କିସମ ନୟନଜୋରି, ବନ୍ଧ, ପତିତ, କେନାଲ, ଜଳାଶୟ-୨ ଓ ଘରବାରି ରହିଛି।

ଭାରତ-ମ୍ୟାଂମାର ସୀମାରୁ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ନ୍ୟୁଜ୍ ବ୍ୟୁରୋ

ମଣିପୁରରେ ଭାରତ- ମ୍ୟାଂମାର ସୀମାରୁ ସୁରକ୍ଷାବଳ କାଂଗପୋକପି ଜିଲ୍ଲାରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ ହୋଇଛି। ମଣିପୁର ପୋଲିସ ଶୁକ୍ରବାର ଏନେଇ ସୂଚନା ଦେଇ କହିଛି ଯେ, ସୀମାବର୍ତି ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେସନ୍ ବେଳେ ୧୨ ବୋରର ସ୍ଥାନୀୟ ରାଇଫଲ, ଗୋଟିଏ ୨୨ ଅସଲ୍ଟ ରାଇଫଲ (ସ୍ଥାନୀୟ ନିର୍ମିତ) ମେଗଜିନ ସହିତ, ଗୋଟିଏ ୭.୬୨ ମି.ମି. ଏସକେଏସ ସେମି- ଅଟୋ ଅସଲ୍ଟ ରାଇଫଲ ମେଗଜିନ ସହିତ, ୯ଟି ଜୀବନ୍ତ ଗୁଳି, ୨୬ଟି ଖାଲି ଡବା ଗୋଳାବାରୁଦ, ଏକ ସ୍ଥାନୀୟ ନିର୍ମିତ ବୋମା, ଏକ ୱାକିଟକି ୱାରଲେସ ସେଟ, କାଂଗପୋକପି ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରୁ ଜବତ କରିଛି। ସୀମା ଆରପାଖରୁ ଆସି ଉଗ୍ରବାଦୀ ଗତିବିଧିକୁ ସଫଳ କରିବାକୁ ଯୋଜନା ଥିବା ନେଇ ଖବର ପାଇବା ପରେ ସୁରକ୍ଷାବଳ ପକ୍ଷରୁ ସୀମାବର୍ତ୍ତୀ ଅଞ୍ଚଳରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି।

ପର୍ଯ୍ୟଟନ ସ୍ଥଳୀ ଗୋହିରାଟିକିରି ରାସ୍ତା ଅବସ୍ଥା ଶୋଚନୀୟ:ତୁରନ୍ତ ମରାମତି ହେଉ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ପର୍ଯ୍ୟଟନ ସ୍ଥଳୀ ଗୋହିରାଟିକିରି ଠାରୁ ରାମେଶ୍ୱରପୁର ଯାଏ ହୋଇଥିବା ନଦୀବନ୍ଧଟି ପୁଣି ଖରାପ ହୋଇଗଲାଣି। ୩ ବର୍ଷ ତଳେ ଏହି ନଦୀବନ୍ଧ ମରାମତି ଓ ପ୍ରଶସ୍ତିକରଣ କାମ ହୋଇଥିଲା ହେଲେ ବନ୍ଧ ଅବସ୍ଥା ଏବେ ପୂରା ଖରାପ ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଓ କୋଳେଇପଦା ହୋଇ ରାମେଶ୍ୱରପୁର ପାଖରେ ସ୍ଥାନେ ସ୍ଥାନେ ବନ୍ଧ ଧାର ଧସିଗଲାଣି। ପାଖାପାଖି ୬ କିଲୋମିଟର ଲମ୍ବର ଏ ବନ୍ଧରେ ପ୍ରାୟ ୨୦ଟି ଜାଗାରେ ବନ୍ଧ ଧାର ଧସିଗଲାଣି। ବନ୍ଧ ଉପରେ ପଡ଼ିଥିବା ପିଚୁ ଉଠି ଗାତ ହୋଇଗଲାଣି। ବେଲମଳା ଓ ରଘୁନାଥପୁର ପାଖରେ ନଦୀ ପଠାରେ ଇଟା ପଡୁଥିବାରୁ କୋଇଲା, ବାଲି ବୋଝେଇ ଓ ଧାନ ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ନଦୀବନ୍ଧ ଦୁର୍ବଳ ହୋଇଗଲାଣି। ସେହିପରି ସୋଧ, କୋଳେଇପଦା ପାଖରେ ବନ୍ଧରେ ପଡ଼ିଥିବା ପିଚୁ ଉଠିଗଲାଣି। ସୋଧ ସାହୁ ସାହି ପାଖରେ ବନ୍ଧ ଉପରେ ପଡ଼ିଥିବା ପିଚୁରେ ଡିପ୍ରେସନ୍ ଦେଖାଦେଇଛି। ଆଗାମୀ ଦିନରେ ଏହା ବଡ଼ ଗାତରେ ପରିଣତ ହୋଇଯିବା ଆଶଙ୍କା ରହିଛି। ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ବର୍ଷାବେଳେ ଅଧିକ ପାଣି ଆସିଥାଏ। ନଦୀଟି ସଂପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ଏହାର ଉଭୟ ପାର୍ଶ୍ୱରେ ଥିବା ବନ୍ଧ ଉପରେ ଅଧିକ ଚାପ ପଡ଼ିଥାଏ। ଏଣୁ ଗୋହିରାଟିକିରି ପାଖରୁ ରାମେଶ୍ୱରପୁର ଯାଏ ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘାଇ ହୋଇଛି। ଏହାକୁ ନଜରରେ ରଖି ଏହି ବନ୍ଧକୁ ମରାମତି କରିବା ଲାଗି ସବୁବେଳେ ଗୁରୁତ୍ୱ ଦିଆଯାଇଛି। ଏହି ଅନୁସାରେ ୨୦୧୪ ମସିହାରେ ବଡ଼ ବନ୍ୟା ପରେ ତତ୍କାଳୀନ ବିଜେଡି ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏହି ବନ୍ଧକୁ ସୁଦୃଢ଼ୀକରଣ କରିବା ଲାଗି ସରକାରଙ୍କ ପାଖରେ ପ୍ରସ୍ତାବ ରଖିଥିଲେ। ୨୦୧୮-୧୯ ମସିହାରେ ନାବାର୍ଡରୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଜରିଆରେ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଋଣ ଆଣିଥିଲେ। ଏହି ଋଣ ଟଙ୍କା ସହ ନିଜସ୍ୱ ଅର୍ଥ ମିଶାଇ ୯ କୋଟି ୯୬ ଲକ୍ଷ ଟଙ୍କା ଏହି ବନ୍ଧ ମରାମତି ଓ ସୁଦୃଢ଼ୀକରଣ କରିବା ଲାଗି ମଞ୍ଜୁର କରିଥିଲେ। ଆରଆଇଡିଏଫରୁ ୯ କୋଟି ୪୭ ଲକ୍ଷ ଟଙ୍କା ଅଣାଯାଇଥିଲା। ବାକି ଅର୍ଥ ସରକାର ଦେଇଥିଲେ। ୨୦୧୮-୧୯ରେ ପ୍ରକଳ୍ପ ମଞ୍ଜୁର ହୋଇଥିଲେ ବି ୨୦୧୯-୨୦ରେ କାମ ଆରମ୍ଭ ହୋଇଥିଲା। କରୋନା ପାଇଁ ସାମାନ୍ୟ ପ୍ରଭାବିତ ହୋଇ ୨୦୨୨ରେ କାମ ସରିଥିଲା। ନଦୀବନ୍ଧରେ ମାଟି ପକାଯାଇ ଉପର ଅଂଶକୁ ୧୮ ଫୁଟ୍ ଚଉଡ଼ା କରାଯାଇଥିଲା। ତାସହ ୧୦ ଫୁଟ୍ ଚଉଡ଼ାର ପିଚୁ ବି ପଡ଼ିଥିଲା। ୨୦୨୨ରେ ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ଯାଏ କାମ ଶେଷ ହୋଇଥିଲା। ଏହାପରେ ୨୦୨୩ ମସିହା ବର୍ଷା ଋତୁ ପରେ ଏବେ ବନ୍ଧର ଅବସ୍ଥା ଅତି ଖରାପ ହୋଇଗଲାଣି। ବର୍ଷେ ବିତିଲାନି, କାମ ଖରାପ ହୋଇଗଲା। ସରକାର କୋଟି କୋଟି ଟଙ୍କା ଋଣ କରି ଆଣିଲେ ହେଲେ କ୍ଷେତ୍ରୀୟ ଅଧିକାରୀ ଉପଯୁକ୍ତ ଭାବେ ଜଗାରଖା ନକରିବାରୁ କାମ ନିମ୍ନମାନର ହେଲା ଆଉ ବର୍ଷକ ଭିତରେ ନଷ୍ଟ ହୋଇଗଲା। ଏନେଇ ଧାମନଗର ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ ବିଜୟ ସେଠୀଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ ଠିକାଦାରଙ୍କ ଉପରେ ମରାମତି କରିବାର ଦାୟିତ୍ୱ ରହିଛି ସେ କାମ କରିଥିବାରୁ ପାଞ୍ଚ ବର୍ଷ ଯାଏ ସେ ମରାମତି କରିବେ ଏଣୁ ଯେଉଁଠି ସବୁ ଧସିଛି ଓ ନଷ୍ଟ ହୋଇଛି, ସେ ସ୍ଥାନରେ ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୫ ଅଗଷ୍ଟ, ସୋମବାର, ୨୦୨୪

ସୁଟ୍ ଆଉଟ୍‌ରେ ଜିତି ଅଲିମ୍ପିକ୍ସ ସେମିରେ ଭାରତୀୟ ହକି ଟିମ୍

ପ୍ୟାରିସ୍

ରୋମାଞ୍ଚକର ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ୍‌କୁ ସୁଟ ଆଉଟ୍‌ରେ ହରାଇ ପ୍ୟାରିସ୍ ଅଲିମ୍ପିକ୍ସର ସେମିରେ ପ୍ରବେଶ କରିଛି ଭାରତୀୟ ହକି ଟିମ୍। ୬୦ ମିନିଟ୍‌ର କଡ଼ା ସଂଘର୍ଷ ପରେ ସ୍ଥିତି ୧-୧ରେ ରହିବାରୁ ସୁଟ୍ ଆଉଟ୍ ହୋଇଥିଲା।

ସୁଟ୍ ଆଉଟ୍‌ରେ ଭାରତ ୪-୨ରେ ବ୍ରିଟେନକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଏଥିସହ ସ୍ୱର୍ଣ୍ଣ ଜିତିବା ଦିଗରେ ଆଉ ପାଦେ ଆଗେଇଛି। ଭାରତ ଦ୍ୱିତୀୟ କ୍ୱାର୍ଟରରୁ ୧୦ ଜଣ ଖେଳାଳିଙ୍କୁ ନେଇ ଲଢ଼େଇ କରିଥିଲା। କାରଣ ଓଡ଼ିଆ ପୁଅ ଅମିତ ରୋହିଦାସ୍ ରେଡ୍ କାର୍ଡ ପାଇଁ ମ୍ୟାଚ୍‌ର ୧୭ତମ ମିନିଟ୍‌ରୁ ବାହାରେ ବସିଥିଲେ। ଏହି ମ୍ୟାଚ୍‌ରେ ଗୋଲକିପର ପିଆର ଶ୍ରୀଜେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଭାରତ ଉପରେ ବ୍ରିଟେନ୍ ଘନଘନ ଆକ୍ରମଣ କରିଥିଲେ ହେଁ ଶ୍ରଜେଶ ସବୁ କିଛି ଚମତ୍କାର ଢଙ୍ଗରେ ଅଟକାଇ ଦେଇଥିଲେ। ଏଥିସହ ଭାରତକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଲିମ୍ପିକ୍ସର ସେମିରେ ପହଞ୍ଚାଇ ଦେଇଥିଲେ।

ଟୋକିଓ ଅଲିମ୍ପିକ୍ସରେ ମଧ ଭାରତୀୟ ଟିମ୍ ୩-୨ରେ ବ୍ରିଟେନକୁ ହରାଇ ସେମିକୁ ଯାଇଥିଲା। ଏହାପରେ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଏଥର ଦଳ ପଦକ ହାସଲ କରିବା ଠାରୁ ଗୋଟିଏ ବିଜୟ ଦୂରରେ ରହିଛି। ଏହି ମ୍ୟାଚ୍ ଆରମ୍ଭରୁ ଭାରତ ଓ ବ୍ରିଟେନ ପରସ୍ପରକୁ କଡ଼ା ଟକ୍କର ଦେଇ ଥିଲେ। ପ୍ରଥମ କ୍ୱାର୍ଟରରେ ଗ୍ରେଟ୍ ବ୍ରିଟେନକୁ ଗୋଟିଏ ଓ ଭାରତକୁ ଲଗାତର ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। କିନ୍ତୁ କେହି କାହାକୁ ଗୋଲ୍ ଦେଇ ପାରି ନ ଥିଲେ।

ଦ୍ୱିତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ଘଟିଥିଲା। ବିପର୍ଯ୍ୟୟ ବ୍ରିଟେନର ଆକ୍ରମଣକୁ ଅଟକାଇବା ପାଇଁ ଅମିତ ରୋହିଦାସ ବିପଦପୂର୍ଣ୍ଣ



ଭାବେ ବ୍ରିଟେନ ଖେଳାଳି କାଲନାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ତାଙ୍କ ଷ୍ଟିକ୍ କଲନାଲଙ୍କ ମୁଣ୍ଡରେ ପିଟି ହୋଇଯାଇଥିଲା। ବଲ୍ ରୋକିବା ବେଳେ ଏସବୁ ଘଟିଥିଲେ ହେଁ ରେଫ୍‌ରୀ ଏହାକୁ ବିପଦପୂର୍ଣ୍ଣ ଟ୍ୟାକେଲ ଭାବେ ବିବେଚନା କରିଥିଲେ।

ଅମିତ ଜାଣିଶୁଣି ବ୍ରିଟେନ ଖେଳାଳିଙ୍କୁ ଧକ୍କା ଦେଇଥିବା ହୃଦୟଙ୍ଗମ କରି ରେଡ୍ କାର୍ଡ ଦେଖାଇଥିଲେ। ଏହାକୁ ଦଳର ଅଧିନାୟକ ହରମନପ୍ରୀତ ସିଂହଙ୍କ ସମେତ ଅମିତ ବିରୋଧ କରିଥିଲେ। ହେଲେ ରେଫ୍‌ରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଅମିତ ରୋହିଦାସ ନିରାଶ ହୋଇ ପଡ଼ିଆ ଛାଡ଼ିଥିଲେ।

ତଥାପି ଭାରତ ୨୦ ଜଣରେ ଦମ୍‌ଦାର ପ୍ରଦର୍ଶନ କରି ମ୍ୟାଚ୍‌ର ୨୨ ମିନିଟ୍‌ରେ ପ୍ରଥମେ ଗୋଲ ସ୍କୋର କରିଥିଲା। ଦଳ ପକ୍ଷରୁ ହରମନପ୍ରୀତ ସିଂହ ଗୋଲ ଦେଇଥିଲେ। କିନ୍ତୁ ଦ୍ୱିତୀୟ କ୍ୱାର୍ଟର ସରିବାକୁ ୨ ମିନିଟ୍ ଥିବା ବେଳେ ବ୍ରିଟେନ ଗୋଲ ସ୍କୋର କରି ସ୍ଥିତି ବରବାର କରି ଦେଇଥିଲେ। ହାଫ୍‌ଟାଇମ୍ ସୁଦ୍ଧା ସ୍ଥିତି ୧-୧ ରହିଥିଲା।

ଭାରତ ୧୦ ଜଣ ଖେଳାଳିରେ ଖେଳୁଥିବାରୁ ଏହାର ଫାଇଦା ବ୍ରିଟେନ ଉଠାଇଥିଲା। ଘନଘନ ଆକ୍ରମଣ ଓ ପିସି ହାସଲ କରି ଦଳ ଭାରତ ଉପରେ ଚାପ ସୃଷ୍ଟି କରିଥିଲା ତଥାପି ଭାରତୀୟ ହକି ଟିମ୍ ହାର ମାନି ନଥିଲା। ବ୍ରିଟେନର ସବୁ ଆକ୍ରମଣକୁ ଶ୍ରୀଜେଶ ଅଟକାଇଥିଲେ। ଶେଷ କିଛି ସେକେଣ୍ଡ ଭାରତକୁ ବ୍ରିଟେନ ପୂରା ବ୍ୟାକ୍‌ଫୁଟ୍‌କୁ ଠେଲି ଗୋଲ୍ ମାରିବାର ସୁଯୋଗ ପାଇଥିଲା। ହେଲେ ଭାରତୀୟ ଡିଫେନ୍ସ ଏହାକୁ ଅଟକାଇ ଦେବାରୁ ପୂର୍ଣ୍ଣ ଟାଇମ୍ ପରେ ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା।

ଏହା ନକ୍‌ଆଉଟ୍ ଷ୍ଟେଜ୍ ହୋଇଥିବାରୁ ମ୍ୟାଚ୍‌ର ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଭାରତ କ୍ରମାଗତ ୪ଟି ଗୋଲ କରିଥିବା ବେଳେ ବ୍ରିଟେନ ୨ଟି ମିସ୍ କରିଯାଇଥିଲା। ଫଳରେ ଭାରତ ସେମି ଫାଇନାଲରେ ନିଜର ସ୍ଥାନ ପକ୍କା କରିଥିଲା।

ରେଡ୍ କାର୍ଡ ପାଇ ମ୍ୟାଚ୍‌ରୁ ବ୍ୟାନ୍ ହେଲେ ଓଡ଼ିଆ ପୁଅ ଅମିତ ରୋହିଦାସ

ନୂଆଦିଲ୍ଲୀ

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଟିମ୍‌କୁ ଜୋରଦାର ଝଟ୍‌କା ଲାଗିଛି। ଗ୍ରେଟ ବ୍ରିଟେନ ବିପକ୍ଷ କ୍ୱାର୍ଟର ଫାଇନାଲରେ ଓଡ଼ିଆ ପୁଅ ଅମିତ ରୋହିଦାସ ଅଧା ମ୍ୟାଚ୍‌ରୁ ବ୍ୟାନ୍ ହୋଇଛନ୍ତି। ତାଙ୍କୁ ରେଡ୍ କାର୍ଡ ମିଳିବାରୁ ସେ ନିରାଶ ହୋଇ ଅଧାରୁ ପଡ଼ିଆ ଛାଡ଼ିଛନ୍ତି। ଭାରତ ଏବେ ପୂରା ମ୍ୟାଚ୍ ୧୦ ଜଣଙ୍କୁ ନେଇ ଖେଳିବାକୁ ବାଧ ହୋଇଛି। ଦ୍ୱିତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ବ୍ରିଟେନର ଆଟାକ୍‌କୁ ଅଟକାଇବା ପାଇଁ ଅମିତ ରୋହିଦାସ ଚେଷ୍ଟା କରିଥିଲେ। ହେଲେ ସେ ବିପଦପୂର୍ଣ୍ଣ ଭାବେ ବ୍ରିଟେନ ଖେଳାଳି କାଲନାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ତାଙ୍କ ଷ୍ଟିକ୍ କଲନାଲଙ୍କ ମୁଣ୍ଡରେ ପିଟି ହୋଇଯାଇଥିଲା। ବଲ ରୋକିବା ବେଳେ ଏସବୁ ଘଟିଥିଲେ ହେଁ ରେଫ୍‌ରୀ ଏହାକୁ ବିପଦପୂର୍ଣ୍ଣ ଟ୍ୟାକେଲ ଭାବେ ବିବେଚନା କରିଥିଲେ। ଅମିତ ଜାଣିଶୁଣି ବ୍ରିଟେନ ଖେଳାଳିଙ୍କୁ ଧକ୍କା ଦେଇଥିବା ହୃଦୟଙ୍ଗମ କରି ରେଡ କାର୍ଡ ଦେଖାଇଥିଲେ। ଏହାକୁ ଦଳର ଅଧିନାୟକ ହରମନପ୍ରୀତ ସିଂହଙ୍କ ସମେତ ଅମିତ ବିରୋଧ କରିଥିଲେ ହେଲେ ରେଫରୀ ନିଜ ନିଜରେ ଅଟଳ ରହିଥିଲେ ଶେଷରେ ଅମିତ ରୋହିଦାସ ନିରାଶ ହୋଇ ପଡ଼ିଆ ଛାଡ଼ିଥିଲେ।

ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମ୍‌କୁ ହରାଇ ସେମିଫାଇନାଲ୍‌ରେ ସ୍ପେନ୍

ପ୍ୟାରିସ୍

ପ୍ୟାରିସ୍ ଅଲିମ୍ପିକ୍ସରେ ବିଶ୍ୱର ୧ ନଂ ହକି ଟିମ୍ ତଥା ଟୋକିଓ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ବେଲଜିୟମ୍ ପୁରୁଷ ହକି ଟିମ୍ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି।

ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହି କ୍ୱାର୍ଟରକୁ ଆସିଥିବା ବେଲଜିୟମ ଅପେକ୍ଷାକୃତ ଦୁର୍ବଳ ସ୍ପେନ ଠାରୁ ୨-୩ ଗୋଲରେ ହାରି ପ୍ୟାରିସ୍ ଅଲିମ୍ପିକ୍ସରୁ ବିଦାୟ ନେଇଛି। ଏଥିସହ ସ୍ପେନ ପ୍ରଥମଥର ପାଇଁ ଅଲିମ୍ପିକ୍ସ ହକିର ସେମି ଫାଇନାଲରେ ପ୍ରବେଶ କରି ନୂଆ ଇତିହାସ ସୃଷ୍ଟି କରିଛି।

ମ୍ୟାଚ୍ ଆରମ୍ଭରୁ ହିଁ ବେଲଜିୟମ୍‌ର ପଲା ଭାରି ରହିଥିଲା। ଦଳ ଘନଘନ ଆକ୍ରମଣ କରି ସ୍ପେନ

ଉପରେ ଚାପ ପକାଇଥିଲା। କିନ୍ତୁ ସ୍ପେନର ରକ୍ଷଣଭାଗ ବେଲଜିୟମ୍‌ର ସବୁ ଆଶାରେ ପାଣି ପକାଇ ଦେଇଥିଲା। ପ୍ରଥମ ହାଫ୍ ଗୋଲଶୂନ୍ୟ ରହିଥିଲା।

ତୃତୀୟ କ୍ୱାର୍ଟରରେ ସ୍ପେନ ପ୍ରଥମେ ଖାତା ଖୋଲିଥିଲା। ମ୍ୟାଚ୍‌ର ୪୦ ତମ ମିନିଟ୍‌ରେ ମାରିସ୍ ଜୋସେ ବାଷ୍ଟେରା ଗୋଲ କରି ସ୍ପେନକୁ ୧-୦ରେ ଆଗୁଆ କରି ଦେଇଥିଲେ। ପରବର୍ତ୍ତୀ ମିନିଟ୍‌ରେ ବେଲଜିୟମ୍ ପାଇଁ ଅର୍ଥୁର ସ୍ଲୋଭର ଗୋଲ କରି ସ୍ଥିତି ବରାବର କରି ଦେଇଥିଲେ।

ସ୍ଥିତ ବରାବର ହେବା ପରେ ସ୍ପେନ ତା'ର ଆକ୍ରମଣକୁ ଆହୁରି ଜୋରଦାର କରିଥିଲା। ୫୫ତମ ମିନିଟ୍‌ରେ ମାର୍କ ରେୟନେ ଓ ୫୭ ମିନିଟରେ ମାର୍କ ମିରାଲେସ ଗୋଲ କରି ସ୍ପେନକୁ ୩-୧ରେ ଆଗୁଆ କରି ଦେଇଥିଲେ। ମ୍ୟାଚ୍ ସରିବାକୁ ୨ ମିନିଟ୍ ଥିବା ବେଳେ ବେଲଜିୟମ୍‌କୁ ପିସି ମିଳିଥିଲା।

ଏହାକୁ ଷ୍ଟାର ଷ୍ଟ୍ରାଇକର ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ନୂଆ ଆଶା ସୃଷ୍ଟି କରିଥିଲେ। ବେଲଜିୟମ୍ ଅଲଆଉଟ୍ ଆଟାକ୍ ମଧ କରିଥିଲା। ଏହାର ଫାଇଦା ଦଳକୁ ଫୁଲ ଟାଇମର ୪ ସେକେଣ୍ଡ ପୂର୍ବରୁ ମିଳିଥିଲା। ମ୍ୟାଚ୍‌କୁ ବରାବର କରିବା ପାଇଁ ବେଲଜିୟମ ପିସି ମଧ ପାଇଥିଲା ହେଲେ ସ୍ପେନ ଗୋଲ କିପର ଏହାକୁ ଅଟକାଇ ଦେଇଥିଲେ। ଏଥିସହ ସ୍ପେନ୍ ଅପ୍ରତ୍ୟାଶିତ ବିଜୟ ସହ ସେମିରେ ପ୍ରବେଶ କରିଥିଲା।

ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ନୋଭାକ ଜୋକଭିଚ୍

ନୂଆଦିଲ୍ଲୀ

ପ୍ୟାରିସ୍ ଅଲିମ୍ପିକ୍ସରେ ନିଜର ଅଧା ରହି ଯାଇଥିବା ସ୍ୱପ୍ନକୁ ପୂରଣ କରିଛନ୍ତି ଷ୍ଟାର ଟେନିସ୍ ତାରକା ନୋଭାକ ଜୋକଭିଚ୍। ସର୍ବିୟାର ଏହି ଟପ୍ ସିଡ୍ ଖେଳାଳି ପ୍ରଥମଥର ପାଇଁ କୌଣସି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି।

ରବିବାର ପୁରୁଷ ଏକକ ଟେନିସ୍ ଫାଇନାଲରେ ସେ ସ୍ପେନର କାର୍ଲୋସ ଆଲକରାଜଙ୍କୁ ୭-୬(୭-୩) ଓ ୭-୬(୭-୨)ରେ ହରାଇ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ୩୭ ବର୍ଷୀୟ ଜୋକଭିଚ୍ ଟେନିସ୍ ଇତିହାସର ସବୁଠାରୁ ବୟସ୍କ ଖେଳାଳି ଭାବେ ଅଲିମ୍ପିକ୍ସରେ ଚାମ୍ପିୟନ ହେବାର ରେକର୍ଡ କରିଛନ୍ତି। ସ୍ପେନ୍‌ର ତାରକା ତଥା ୱିମ୍ବଲଡନ ଚାମ୍ପିୟନ ଆଲକରାଜଙ୍କ ପାଖରେ ସର୍ବକନିଷ୍ଠ ଖେଳାଳି ଭାବେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବାର ସୁଯୋଗ ହାତ ଛଡ଼ା କରିଛନ୍ତି। ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ଦୀର୍ଘ ୨ ଘଣ୍ଟା ୫୦ ମିନିଟ୍ ଧରି ଦୁଇ ଖେଳାଳି ପରସ୍ପର ସହ ଲଢ଼େଇ କରିଥିଲେ ହେଁ ଜୋକଭିଚ୍ ଶେଷରେ ବାଜି ମାରି ନେଇଥିଲେ। ଉଭୟ ସେଟ୍‌କୁ ସେ ଟ୍ରାଇ ବ୍ରେକରରେ ଜିତିଛନ୍ତି। ୱିମ୍ବଲଡନ ଫାଇନାଲରେ ଆଲକରାଜ ଦମ୍‌ଦାର ଢଙ୍ଗରେ ଜୋକଭିଚ୍‌ଙ୍କୁ ହରାଇଥିଲେ ରବିବର ସେ ଏହାର ମଧୁର ପ୍ରତିଶୋଧ ମଧ ନେଇଛନ୍ତି।

୫ମ ଥର ପାଇଁ ଅଲିମ୍ପିକ୍ସରେ ନଜର ଆସିଥିବା ଜୋକଭିଚ୍ ଏଯାଏ କେବଳ ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ପାରିଥିଲେ। ୨୦୧୨ ଓ ୨୦୨୧ରେ ସେ ଯଥାକ୍ରମେ ଜୁଆନ ମାର୍ଟିନ ଡେଲ ପୋଟ୍ରୋ ଓ ପାବଲୋ କାରେନଥ ବୁଷ୍ଟାଙ୍କ ଠାରୁ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହାରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ଜୋକଭିଚ୍‌ଙ୍କୁ ପ୍ରଥମ ରାଉଣ୍ଡରେ ହିଁ ପୋଟ୍ରୋ ହରାଇ ଦେଇଥିଲେ। ହେଲେ ଏଥର ସେ ଇତିହାସ ବଦଳାଇଛନ୍ତି।

ସେମିରେ ହାରିଲେ ଲକ୍ଷ୍ୟ ସେନ୍ : ବ୍ରୋଞ୍ଜ ପାଇଁ ଖେଳିବେ

ପ୍ୟାରିସ୍

ବିଶ୍ୱର ଦୁଇ ନମ୍ବର ସିଡ୍ ତଥା ଡେନ୍‌ମାର୍କର ଷ୍ଟାର ଭିକ୍ଟର ଆକ୍ସେଲସେନ ସହ କଡ଼ା ଲଢ଼େଇ କରି ହାରିଯାଇଛନ୍ତି। ଭାରତର ଲକ୍ଷ୍ୟ ସେନ ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ଏକକ ବ୍ୟାଡ୍‌ମିଣ୍ଟନ ସେମି ଫାଇନାଲ ମ୍ୟାଚ୍‌ରେ ହାରି ଲକ୍ଷ୍ୟ ସମସ୍ତଙ୍କୁ ନିରାଶ କରିଛନ୍ତି।

ସେ ଭିକ୍ଟରଙ୍କ ଠାରୁ ୦-୨ରେ ହାରି ଯାଇଛନ୍ତି। ଭିକ୍ଟର ୨୨-୨୦ ଓ ୨୧-୧୪ରେ ତାଙ୍କୁ ହରାଇ ଦେଇଛନ୍ତି। ସେମି ଫାଇନାଲରେ ଲକ୍ଷ୍ୟ ପରାସ୍ତ ହୋଇଥିଲେ ହେଁ ଭାରତର ପଦକ ଆଶା ତାଙ୍କ ଠାରୁ ଶେଷ ହୋଇନାହିଁ। ଏବେ ସେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ସେ ମାଲେସିୟାର ଲି ଜି ଜିଆଙ୍କ ମଧରେ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ ହେବ।

ପ୍ୟାରିସ୍ ଅଲିମ୍ପିକ୍ସରେ ଏଯାଏ ଦମ୍ ଦେଖାଇଥିବା ୨୨ ବର୍ଷୀୟ ଲକ୍ଷ୍ୟ ସେନ ନିଜ ପ୍ରତିଭାର ଯାଦୁ ଦେଖାଇଥିଲେ। ଭିକ୍ଟର ଟପ୍ ସିଡ୍ ହୋଇଥିଲେ ହେଁ ପ୍ରଥମ ସେଟ୍‌ରେ ଲକ୍ଷ୍ୟ ତାଙ୍କୁ ପାଣି ପିଆଇ

ଦେଇଥିଲେ। ପ୍ରଥମ ସେଟରେ ଲକ୍ଷ୍ୟଙ୍କୁ ୩ଟି ଗେମ୍ ପଏଣ୍ଟ ମିଳିଥିଲେ ହେଁ ସେ ସୁଯୋଗ ହାତ ଛଡ଼ା କରିଥିଲେ। ଏଥିସହ ୧୫-୧୧ ପଛରେ ଥିବା ଭିକ୍ଟର ଆକ୍ସେଲସେନ ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। ଏପରିକି ପ୍ରଥମ ସେଟ୍‌କୁ ମଧ ୨୨-୨୧ରେ ଜିତି ଲକ୍ଷ୍ୟଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ।

ଦ୍ୱିତୀୟ ସେଟରେ ଲକ୍ଷ୍ୟ ୭-୦ରେ ଆଗରେ ରହିଥିଲେ। ଭିକ୍ଟର ପୁଣି ଜବରଦସ୍ତ କମ୍‌ବ୍ୟାକ୍ କରି ସ୍ଥିତି ୧୦-୧୦ କରି ଦେଇଥିଲେ। ତେବେ ଲକ୍ଷ୍ୟ ଦ୍ୱିତୀୟ ସେଟ୍‌ରୁ ପ୍ରଥମ ହାଫ୍‌କୁ ୧୧-୧୦ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ର ପ୍ରଥମ ହାଫ୍ ପରେ ଲକ୍ଷ୍ୟଙ୍କ ଲୟକୁ ଭିକ୍ଟର ପୂରା ବଦଳାଇ ଦେଇଥିଲେ। ସେ ଆକ୍ରମଣ କରି ଲକ୍ଷ୍ୟଙ୍କୁ ପୂରା ଧରାଶାୟୀ କରିଥିଲେ। ଶେଷରେ ସେ ୨୧-୧୪ରେ ସେଟ୍ ସହ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ପୂରା ମ୍ୟାଚ୍ ୫୪ ମିନିଟ ଧରି ଚାଲିଥିଲା।

ପ୍ୟାରିସ ଅଲିମ୍ପିକ୍ସରେ ଲକ୍ଷ୍ୟ ସେନଙ୍କୁ ଛାଡ଼ି ଭାରତର ଅନ୍ୟ ସମସ୍ତ ବ୍ୟାଡ୍‌ମିଣ୍ଟନ ଖେଳାଳି ବିଦାୟ ନେଇଛନ୍ତି। ତେଣୁ ଲକ୍ଷ୍ୟ ସେନ୍‌ଙ୍କ ଠାରୁ ଭାରତ ଅତିକମ୍‌ରେ ବ୍ରୋଞ୍ଜ ପଦକର ଆଶା ରଖିଛି।

୨ୟ ଦିନିକିଆରେ ଭାରତକୁ ୩୨ ରନରେ ହରାଇଲା ଶ୍ରୀଲଙ୍କା

କଲମ୍ବୋ

ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌କୁ ୩୨ରନ୍‌ରେ ଜିତି ନେଇଛି ଶ୍ରୀଲଙ୍କା। ପ୍ରଥମେ ବ୍ୟାଟିଂ କରି ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୪୦ ରନ୍ କରିଥିଲା। ଜବାବରେ ଭାରତ ୪୨.୨ ଓଭରରେ ୨୧୦ ରନ୍ କରି ଅଲଆଉଟ ହୋଇଥିଲା। ଉଭୟ ଦଳ ମଧରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଟାଇରେ ଶେଷ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ ୨୪୦ ରନ୍ କରିଥିଲା। ଅଭିଷ୍କା ଫର୍ନାଣ୍ଡୋ ଓ କାମିନ୍ଦୁ ମେଣ୍ଡିସ୍ ସର୍ବାଧିକ ୪୦ ରନ୍ ଲେଖାଏଁ ସ୍କୋର କରିଥିଲେ। ୧୩୬ ରନରେ ୬ ଉଇକେଟ ହରାଇ ଶ୍ରୀଲଙ୍କା ସଙ୍କଟରେ ପଡିଥିବା ବେଳେ କାମିନ୍ଦୁ ମେଣ୍ଡିସ(୪୦) ଓ ଦୁନିଥ ୱେଲାଲାଗେ(୩୯) ଯୋଡିଥିଲେ। ୭୨ ରନ୍ ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୩, କୁଲଦୀପ ଯାଦବ ୨, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

ଜବାବରେ ଭାରତର ମଧକ୍ରମ ବ୍ୟାଟିଂ ବିଫଳତା କାରଣରୁ ଭାରତ ୪୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ରୋହିତ ଶର୍ମା(୬୪) ଓ ଶୁବମାନ୍ ଗିଲ(୩୫) ପ୍ରଥମ ଉଇକେଟରେ ୯୭ ରନ୍ ଯୋଡିଥିଲେ। ତେବେ ବିରାଟ କୋହଲି(୧୪), ଶିବମ ଦୁବେ(୦), ଶ୍ରେୟସ ଆୟର(୭) ଓ ଲୋକେଶ ରାହୁଲ(୦)ଙ୍କ କାରଣରୁ ଭାରତ ୧୪୭ ରନ୍‌ରେ ୬ ଉଇକେଟ ହରାଇଥିଲା। ଅକ୍ଷର ପଟେଲ ୪୪ ରନ୍ କରିଥିବା ବେଳେ ୱାଶିଂଟନ୍ ସୁନ୍ଦର ୧୫ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଜେଫେରୀ ଭାଣ୍ଡସେର ୨୮ ରନ୍‌ରେ ୬ ଉଇକେଟ ନେଇଥିଲେ। ଚରିଥ୍ ଆସାଲଙ୍କା ୩ ଉଇକେଟ ନେଇଥିଲେ।

ଜୁଲିଆନ୍ ଆଲଫ୍ରେଡ୍ ବିଶ୍ୱର ଦ୍ରୁତତମ ଧାବିକା

ପ୍ୟାରିସ୍

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ୧୦୦ ମିଟର ମହିଳା ସ୍ପ୍ରିଣ୍ଟରେ ସେଣ୍ଟ ଲୁସିଆର ଜୁଲିଆନ୍ ଆଲଫ୍ରେଡ୍ ବିଜୟୀ ହୋଇଛନ୍ତି। ନିଟ୍ ରେକର୍ଡ ସହିତ ଆଲଫ୍ରେଡ୍ ୧୦.୭୨ ସେକେଣ୍ଡର ଟାଇମିଂ ହାସଲ କରି ସ୍ୱର୍ଣ୍ଣ



ପଦକ ଜିତିଥିଲେ। ଅନ୍ୟ ପକ୍ଷରେ ଆମେରିକାର ଶାକ୍କାରି ରିଚାର୍ଡସନ ୧୦.୮୭ ସେକେଣ୍ଡର ଟାଇମିଂ ସହ ଦ୍ୱିତୀୟ ଓ ମେଲିସା ଜେଫରସନ୍ ୧୦.୯୨ ସେକେଣ୍ଡର ଟାଇମିଂ ସହ ତୃତୀୟ ସ୍ଥାନରେ ରହି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସରେ ଏହା ସେଣ୍ଟ ଲୁସିଆର ପ୍ରଥମ ସ୍ୱର୍ଣ୍ଣ ପଦକ।

ଗମ୍ଭୀର ବେଶୀ ଦିନ ଟିକି ପାରିବେ ନାହିଁ : ଯୋଗିନ୍ଦର ଶର୍ମା

ନୂଆଦିଲ୍ଲୀ

ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି। ଭାରତୀୟ ଦଳ ବର୍ତ୍ତମାନ ଶ୍ରୀଲଙ୍କା ଗସ୍ତରେ ଅଛି। ଏଠାରେ ସେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଜିତିଛନ୍ତି। ଏଥିସହିତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦିନିକିଆ ସିରିଜ୍ ଖେଳାଯାଉଛି। ରାହୁଲ ଦ୍ରାବିଡ୍‌ଙ୍କ ପରେ ଗମ୍ଭୀର ଭାରତୀୟ ଦଳର କୋଚ ହୋଇଛନ୍ତି। ଟି-୨୦ ବିଶ୍ୱକପରେ ଟାଇଟଲ ଜିତିବା ପରେ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା।

ଦ୍ରାବିଡ୍ ଟି-୨୦ ବିଶ୍ୱକପ ପରେ ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ, ଯାହା ପରେ ଗମ୍ଭୀରଙ୍କୁ ଏହି ପଦବୀ ପାଇଁ ଏକ ଦୃଢ ପ୍ରତିଯୋଗୀ ଭାବରେ ବିବେଚନା କରାଯାଇଥିଲା। କୋଲକାତା ନାଇଟ ରାଇଡର୍ସ (କେକେଆର୍)କୁ ଚଳିତ ବର୍ଷ ଆଇପିଏଲରେ ଟାଇଟଲ ଜିତିବାରେ ଗମ୍ଭୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୦୭ ଟି-୨୦ ବିଶ୍ୱକପ ବିଜେତା ଦଳର ସଦସ୍ୟ ଥିବା ଯୋଗିନ୍ଦର ଶର୍ମା ବିଶ୍ୱାସ କରନ୍ତି ଯେ, ଗମ୍ଭୀର ଦୀର୍ଘ ଦିନ ପର୍ଯ୍ୟନ୍ତ କୋଚ୍ ରହିପାରିବେ ନାହିଁ। ୨୦୦୭ ଟି-୨୦ ବିଶ୍ୱକପ ଦଳରେ ଯୋଗିନ୍ଦର ଉଭୟ ଏକାଠି ଖେଳିଛନ୍ତି।

ଯୋଗିନ୍ଦର ୟୁଟ୍ୟୁବରେ କହିଛନ୍ତି, ଗମ୍ଭୀର ଦଳର ଦାୟିତ୍ୱ ନେଇଛନ୍ତି ସତ, କିନ୍ତୁ ମୋର ବିଶ୍ୱାସ ଯେ ସେ ଅଧିକ ଦିନ ରହିପାରିବେ ନାହିଁ। କାରଣ ଗମ୍ଭୀରଙ୍କର ନିଜର କିଛି ନିଷ୍ପତ୍ତି ଅଛି। କିଛି ଖେଳାଳିଙ୍କ ସହିତ ମତଭେଦ ହୋଇପାରେ, ମୁଁ ବିରାଟ କୋହଲିଙ୍କ ବିଷୟରେ କହୁନାହିଁ। ଗମ୍ଭୀରଙ୍କ ନିଷ୍ପତ୍ତି ପ୍ରାୟତଃ ଏପରି ହୋଇଥାଏ, ଯାହା ଅନ୍ୟମାନେ ପସନ୍ଦ କରନ୍ତି ନାହିଁ। ସେ ତାଙ୍କର କାର୍ଯ୍ୟ କରନ୍ତି, ବହୁତ ସଙ୍କୋଚତାର ସହିତ କରନ୍ତି।

ପାକିସ୍ତାନକୁ ଲାଗିଲା ୪୪୦ ଭୋଲ୍ଟର ଝଟ୍‌କା : ଆଇସିସି ପ୍ରସ୍ତୁତ କରୁଛି ପ୍ଲାନ୍-ବି

ନୂଆଦିଲ୍ଲୀ

ଚାମ୍ପିଅନ୍ସ ଟ୍ରଫି ୨୦୨୫, ୧୯ ଫେବୃଆରୀରୁ ୯ ମାର୍ଚ୍ଚ ପର୍ଯ୍ୟନ୍ତ ପାକିସ୍ତାନ ଦ୍ୱାରା ଆୟୋଜିତ ହେବ। ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଯଦିଓ ବିସିସିଆଇ ଆନୁଷ୍ଠାନିକ ଭାବେ ଏହି ବିଷୟରେ ସ୍ପଷ୍ଟ କରିନାହିଁ, କିନ୍ତୁ ମିଡିଆ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତରେ ଯିବାକୁ ଟିମ୍ ଇଣ୍ଡିଆର ମୁଡ୍ ନାହିଁ। ବର୍ତ୍ତମାନ ଆଇସିସି ପାକିସ୍ତାନକୁ ୪୪୦ ଭୋଲ୍ଟର ଝଟ୍‌କା ଦେଇ ଟୁର୍ଣ୍ଣାମେଣ୍ଟପାଇଁ ପ୍ଲାନ-ବି ପ୍ରସ୍ତୁତ କରିଛି। କଲମ୍ବୋରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା (ଏଜିଏମ୍)ରେ ଚାମ୍ପିଅନ୍ସ ଟ୍ରଫି ପାଇଁ ଆଇସିସି ପ୍ରାୟ ୬୫ ମିଲିୟନ ଡଲାରର ବଜେଟ୍ ଅନୁମୋଦନ କରିଛି। ଏହି ବଜେଟରେ ଆଇସିସି ସେହି ସବୁ ଦିଗକୁ ଦେଖି ପ୍ରସ୍ତୁତ କରିଛି ଯାହା ବର୍ତ୍ତମାନ ଆଲୋଚନା ହେଉଛି। ଉଦାହରଣ ସ୍ୱରୂପ, ଆଇସିସି ବଜେଟ୍ ପ୍ରକାଶ କରିଛି ଯେ ଯଦି ଭାରତ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରେ ନାହିଁ, ତେବେ ପାକିସ୍ତାନ ବାହାରେ ମଧ କିଛି ମ୍ୟାଚ୍ ଆୟୋଜିତ ହୋଇପାରିବ। ଏହିପରି ଏହାର ପ୍ଲାନ ବି ସହିତ ଆଇସିସି ପାକିସ୍ତାନକୁ ୪୪୦ ଭୋଲ୍ଟର ଏକ ଝଟ୍‌କା ଦେଇଛି। ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ, କିନ୍ତୁ ପାକିସ୍ତାନ ଭାରତକୁ ଦୃଷ୍ଟିରେ ରଖି ଟୁର୍ଣ୍ଣାମେଣ୍ଟ ପାଇଁ ଡ୍ରାଫ୍ଟ ସୂଚୀ ପ୍ରସ୍ତୁତ କରିଛି। ଡ୍ରାଫ୍ଟ କାର୍ଯ୍ୟସୂଚୀ ଅନୁଯାୟୀ, ଲାହୋରରେ ଟିମ୍ ଇଣ୍ଡିଆର ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ପାକିସ୍ତାନ, ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ସହିତ ଟିମ୍ ଇଣ୍ଡିଆକୁ ଗ୍ରୁପ-୧ରେ ସ୍ଥାନିତ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୩ରେ ଖେଳାଯାଇଥିବା ଏସିଆ କପ୍ ଆୟୋଜନ କରିବାର ପାକିସ୍ତାନକୁ ମଧ ସୁଯୋଗ ମିଳିଥିଲା, କିନ୍ତୁ ଟୁର୍ଣ୍ଣାମେଣ୍ଟ ପାଇଁ ଟିମ୍ ଇଣ୍ଡିଆ ପାକିସ୍ତାନ ଗସ୍ତ କରି ନ ଥିଲା। ଭାରତୀୟ ଦଳ ବିପକ୍ଷରେ ମ୍ୟାଚ୍ ହାଇବ୍ରିଡ ମଡେଲ ଅଧୀନରେ ଶ୍ରୀଲଙ୍କାରେ ଖେଳାଯାଇଥିଲା।

ଖାଲି ହାତରେ ଫେରିଲେ ବକ୍ସର ଲଭ୍‌ଲିନା

ପ୍ୟାରିସ୍

ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ବକ୍ସିଂରେ ବ୍ରୋଞ୍ଜ ପଦକ ଜିତିଥିବା ଲଭଲିନା ବୋର୍ଗୋହେନ ପ୍ୟାରିସ୍‌ରେ ସମସ୍ତଙ୍କୁ ନିରାଶ କରିଛନ୍ତି। ସେ କ୍ୱାର୍ଟର ଫାଇନାଲରେ ବିଶ୍ୱର ୧ନଂ ବକ୍ସର ଚାଇନାର କ୍ୱିଆନ ଲିଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଲି ୪-୧ରେ ମ୍ୟାଚ୍ ଜିତି ସେମିରେ ପ୍ରବେଶ କରିବା ସହ ନିଜ ଦେଶ ପାଇଁ ବ୍ରୋଞ୍ଜ ପଦକ ପକ୍କା କରିଛନ୍ତି। କାରଣ ସେମିରେ ପ୍ରବେଶ କରୁଥିବା ଖେଳାଳି ନିଶ୍ଚିତ ଭାବେ ପଦ ପାଇବାର ପ୍ରାବଧାନ ରହିଛି।

ଲଭଲିନା ଯଦି ଏହି ମ୍ୟାଚ୍ ଜିତି ନେଇଥାଆନ୍ତେ, ତା'ହେଲେ ଭାରତର ବ୍ରୋଞ୍ଜ ପଦକ ପକ୍କା ହୋଇଯାଇ ଥାଆନ୍ତା। କିନ୍ତୁ ଲଭଲିନା ପରାସ୍ତ ହୋଇ ପ୍ୟାରିସ୍ ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ଭାରତ ମଧ ଏଥର ବକ୍ସିଂରୁ କୌଣସି ଅଲିମ୍ପିକ୍ସ ପଦକ ପାଇବାକୁ ସକ୍ଷମ ହୋଇନି। ୭୫ କେଜି ବର୍ଗର ମହିଳା ଏକକର ମ୍ୟାଚ୍‌ରେ ଲି ଦମ୍‌ଦାର ପ୍ରଦର୍ଶନ କରି ଲଭଲିନାଙ୍କୁ ପଞ୍ଚ ମାରିବାକୁ କୌଣସି ସୁଯୋଗ ଦେଇ ନଥିଲେ ତଥାପି ଲଭଲିନା କିଛିଟା ଦମ୍ ଦେଖାଇଥିଲେ। ଲି ଏହି ସେଟ୍‌କୁ ୩-୨ରେ କବ୍‌ଜା କରିଥିଲେ। ଦ୍ୱିତୀୟ ସେଟ୍‌ରେ ଲଭ୍‌ଲିନା କମ୍‌ବ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଶ୍ୱର ୧ନଂ ମାନ୍ୟତା ପ୍ରାପ୍ତ ଲି କୌଣସି ପ୍ରକାରର ଢିଲା ନୀତି ପ୍ରଦର୍ଶନ କରି ନଥିଲେ। ଦ୍ୱିତୀୟ ସେଟ୍‌କୁ ମଧ ସେ ୩-୨ରେ ଜିତିଥିଲେ।

ନିର୍ଣ୍ଣାୟକ ସେଟ୍‌ରେ ଲଭ୍‌ଲିନା ଅଲଆଉଟ୍ ଆଟାକରେ ଯାଇଥିଲେ। ହେଲେ ତାଙ୍କୁ ସେତେଟା ସଫଳତା ମିଳି ନଥିଲା। ଶେଷରେ ସେ ୪:୧ରେ ମ୍ୟାଚ୍‌କୁ ଜିତି ଲଭ୍‌ଲିନାଙ୍କୁ ବାହାରର ରାସ୍ତା ଦେଖାଇଥିଲେ।

ଆଜିଠୁ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଯୁଗ୍ମ ଅଭିଯୋଗ ଶୁଣାଣି

ବାଲେଶ୍ୱର, ନ୍ୟୁଜ୍

ଆସନ୍ତା ଅଗଷ୍ଟ ତା ୫ ରିଖଠାରୁ ବାଲେଶ୍ୱର ସଦର ମହକୁମାସ୍ଥିତ ନୂତନ କଲେକ୍ଟୋରେଟ ଭବନର ତଳ ମହଲାରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି ଅନୁଷ୍ଠିତ କରାଯିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏଣିକି ମାସର ପ୍ରଥମ ସୋମବାର ଉକ୍ତ ସ୍ଥାନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ କରାଯିବା ପାଇଁ ଧାର୍ଯ୍ୟ କରା ଯାଇଛି। ଏହା ପୂର୍ବରୁ ସାଧାରଣ ଏବଂ ଅନ୍ୟାନ୍ୟ ଅନୁଭାଗର ବିଜ୍ଞପ୍ତି ଅନୁଯାୟୀ ଅଗଷ୍ଟ ୫ ତାରିଖ ଦିନ ସଦର ବ୍ଲକ କାର୍ଯ୍ୟାଳୟଠାରେ ଏହି ଶିବିର ଅନୁଷ୍ଠିତ ହେବାର ଥିଲା ଓ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଏବଂ ଏହାର ସମାଧାନ ବ୍ୟବସ୍ଥାକୁ ସହଜ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିବର୍ତ୍ତନ କରାଯାଇଛି। ଏଠାରେ ସୂଚନା ଥାଉ କି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଆଦେଶ ଅନୁଯାୟୀ ରାଜ୍ୟର ସମସ୍ତ ଜିଲ୍ଲାରେ ସୋମବାର ଦିନର ପ୍ରଥମାର୍ଦ୍ଧରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ ଓ ଏହି ସାପ୍ତାହିକ ଶିବିରରେ ବିଭିନ୍ନ ସରକାରୀ ସେବା, ଭିତିଭୂମି ସମସ୍ୟା, ଜମିଜମା ବିବାଦ ଏବଂ ଜନସାଧାରଣଙ୍କର ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଉପସ୍ଥାପନ ହୋଇଥାଏ। ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ କିମ୍ବା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗର ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିଥାନ୍ତି।

ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ଜିଲ୍ଲାସ୍ତରୀୟ ହାକାଥନ୍

କେନ୍ଦୁଝର, ନ୍ୟୁଜ୍

ସ୍ଥାନୀୟ ଡି.ଏନ୍. ହାଇସ୍କୁଲ ଅଡିଟୋରିୟମରେ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ଓ ଓସେପା ସହଯୋଗିତାରେ ଷ୍ଟାର୍ସ ପ୍ରୋଗ୍ରାମ ଅଧୀନରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲା ସ୍ତରୀୟ ହାକାଥନ ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଓୟୁଟିଆର ଭୁବନେଶ୍ୱରର ସହକାରୀ ଅଧ୍ୟାପକ ଶାନ୍ତନୁ ସେନ୍, ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ଖଣି ବିଭାଗର ମୁଖ୍ୟ ଅଧ୍ୟାପକ ଘନଶ୍ୟାମ ଧୁରୁଆ, ଓୟୁଟିଆର୍‌ର ଛାତ୍ର ସହାୟକ ରାହୁଲ ଅଗ୍ରୱାଲ, ଓମ୍ ପ୍ରକାଶ ବାରିକ ହାକାଥନ୍ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ପ୍ରତିଯୋଗୀମାନେ ସାଂପ୍ରତିକ କମ୍ପ୍ୟୁଟର ଯୁଗରେ ପ୍ରୋଗ୍ରାମିଙ୍ଗ ମାଧ୍ୟମରେ ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ୟାର ବିକଳ୍ପ ସମାଧାନ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି ପ୍ରଦର୍ଶନୀରେ ମୋଟ୍ ୨୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ରିମୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁରଜ ସିଂଙ୍କ ପ୍ରକଳ୍ପ ପ୍ରଥମ, ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦେବରାଜ ମୋଡ଼ାକ ଦ୍ୱିତୀୟ, ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ରାଉତ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ହାକାଥନ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଡି.ଏନ୍.ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଂପାଦନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସମୟଶ୍ରୀ ଚାଟାର୍ଜୀ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ବିଜୟ କୁମାର ବେହେରା, ଲଳିତ କୁମାର ବାରିକ, ସୁରେନ୍ଦ୍ର କୁମାର ପଇଡା, ବିଜୟ କୁମାର ମିଶ୍ର, ବିବେକାନନ୍ଦ ରାଉତ, କୃଷ୍ଣ ପ୍ରସାଦ ବେହେରା, ଆଦିତ୍ୟ ମହାପାତ୍ର, ସୌମ୍ୟରଞ୍ଜନ ବେହେରା, ତାପସ ସାହୁ, କନିଷ୍ଠ ସହାୟକ କିଶୋର କୁମାର ମହାନ୍ତ, ପ୍ରେମାନନ୍ଦ ସାହୁ, ମନୋଜ ମହାନ୍ତ, ଶିକ୍ଷା କର୍ମଚାରୀ ସୋମନାଥ ପଟ୍ଟନାୟକ, ନିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ

ମହାପ୍ରଭୁଙ୍କ ମସ୍ତକରେ ଝଲସିଲା ସୁବର୍ଣ୍ଣ ଚିତା ଓ ମର୍କତ ମଣି

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ

ତୁଳସୀକ୍ଷେତ୍ରର ପରମ ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ ହୋଇଯାଇଛି । ଆଜି ପ୍ରତ୍ୟୁଷରେ ପହଡ଼ ଖୋଲା ଯାଇ ଜୟ ମଙ୍ଗଳା ଆଳତି କରାଯାଇଥିଲା । ପରେ ପରେ ନୀତି ସ୍ନାନ, ଗୋପାଳ ବଲ୍ଲଭ ଏବଂ ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇଥିଲା । ଦିବା ୧୨ ଘଟିକା ସମୟରେ ସକାଳ ଧୂପ ଲାଗି ହେବା ପରେ ମହାପ୍ରଭୁଙ୍କ ବସ୍ତ୍ର ଓଲାଗି କରାଯାଇ ନୂତନ ବସ୍ତ୍ରପାଟ ମଉଳି ପିନ୍ଧା ଯାଇଥିଲା । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଭଣ୍ଡାର ଘର ଖୋଲାଯାଇ ସୁବର୍ଣ୍ଣ ଚିତା ଅଣାଯାଇଥିଲା । ସୁନେରି ସେବାୟତଙ୍କୁ ଏହା ହସ୍ତାନ୍ତର କରିବା ପରେ ଆଉ କିଛି ଅଳଙ୍କାର ମିଶାଇ ସମସ୍ତ ସୁବର୍ଣ୍ଣ ଚିତା ଓ ଅଳଙ୍କାର ସେ ଭଣ୍ଡାର ମୋହରଙ୍କୁ ଦେଇଥିଲେ । ବିଧି ଅନୁସାରେ ଭଣ୍ଡାର ମୋହର ଏହାକୁ ପାଳିଆ ପଣ୍ଡା ଅଥବା ପୂଜା ପଣ୍ଡାଙ୍କୁ ରତ୍ନ ସିଂହାସନ ନିକଟରେ ଦେବା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁବର୍ଣ୍ଣ ଚିତା ଲାଗି ବେଶ । ଶ୍ରଦ୍ଧା ଓ ସମର୍ପଣର ସହ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗକୁ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରିବା ପରେ ଶ୍ରୀ ବଳଦେବ, ମା ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ଲାଗି ହୋଇଥିଲା ସୁବର୍ଣ୍ଣ ରାମାନନ୍ଦୀ ଚିତା । ଶ୍ରୀ ବଳଦେବଙ୍କ ସୁବର୍ଣ୍ଣ ଚିତା ଉପରେ ଶୋଭା ପାଉଥିଲା ଏକ ମର୍କତ ମଣି । ଭୋଗ ମଣ୍ଡପରେ କଳସ ଘଟ ସ୍ଥାପନ ପୂଜା ସମ୍ପନ୍ନ କରାଯାଇ ଚିତଉ ପିଠା ଓ କ୍ଷୀର ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା । ଆଜି ଦିନ ୧ଟାରୁ ସାଢ଼େ ୩ଟା ମଧ୍ୟରେ ଏହି ନୀତି ସମ୍ପନ୍ନ ହୋଇଥିଲା । ଏହି ଦୁର୍ଲ୍ଲଭ ବେଶ ଏବଂ ଗୁପ୍ତ ନୀତି ସମୟରେ ଗର୍ଭଗୃହକୁ ସର୍ବସାଧାରଣ ପ୍ରବେଶ ନିଷେଧ ରହିଥିଲା । ସଂଧ୍ୟା ଆଳତି ପରେ ରୌପ୍ୟ ଅଳଙ୍କାରେ ସଜ୍ଜିତ ଓ ସୁବର୍ଣ୍ଣ ଚିତାରେ ବିଭୂଷିତ ତିନିଠାକୁରଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ । ଏହି ଅପୂର୍ବ କମନୀୟ ବେଶ ଦର୍ଶନ ନିମନ୍ତେ ସନ୍ଧ୍ୟାରେ ଅସମ୍ଭବ ଭିଡ଼ ଲାଗି ରହିଥିଲା । ସୂଚନାଯୋଗ୍ୟ, ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାର ଏକ ଗଣପର୍ବ । ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ପିଠା ଅର୍ପଣ କରିବାର ପରମ୍ପରା ରହିଛି । ଚିତାଲାଗି ଅମାବାସ୍ୟା ତିଥିରେ ବ୍ରହ୍ମ ତାଳଧ୍ୱଜ ରଥର ଦଧି କଳସ ଖୋଲା ଯାଇଥାଏ । ଏହା ପରଠୁ ଆରମ୍ଭ ହୁଏ ରଥଭଙ୍ଗା ନୀତି । ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଚିତା ଖୋଲା ଯାଇ ଭଣ୍ଡାର ଘରେ ରହିଥାଏ ଏବଂ ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଶ୍ରୀ ବଳଦେବ, ମା ସୁଭଦ୍ରା ଏବଂ ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି କରାଯାଇ ଏହି ପବିତ୍ର ନୀତି ପାଳିତ ହୋଇଥାଏ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତୃତୀୟ ବିଶ୍ୱଯୁଦ୍ଧ...

ରହିଥିବା ବ୍ରିଟିଶ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ବ୍ରିଟିଶ ରୟାଲ ମେରାଇନ୍ସକୁ ସଜାଗ ରହିବାକୁ କୁହାଯାଇଛି । ଏପ୍ରିଲରେ ଇରାନ ଶହ ଶହ କ୍ଷେପଣାସ୍ତ୍ର ଦ୍ୱାରା ତେଲଆଭିବ ଉପରେ ଆକ୍ରମଣ କରିଥିଲା । ତେବେ ଇସ୍ରାଏଲ ଅଧିକାଂଶ କ୍ଷେପଣାସ୍ତ୍ରକୁ ନଷ୍ଟ କରି ଦେଇଥିଲା । ମିଡିଆ ରିପୋର୍ଟରେ କୁହାଯାଇଛି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଏକ ଜରୁରୀ ବୈଠକ କରିଛନ୍ତି । ଏହି ବୈଠକରେ ମଧ୍ୟପ୍ରାଚ୍ୟର ପରିସ୍ଥିତି ଉପରେ ଆଲୋଚନା କରାଯାଇଛି । ବାଇଡେନ ନେତାନ୍ୟାହୁଙ୍କୁ ସାହାଯ୍ୟ ପାଇଁ ନିଶ୍ଚିତ କରିଛନ୍ତି । ଆମେରିକା ଏହାର ଯୁଦ୍ଧ ଜାହାଜ ୟୁଏସଏସ ଥିଓଡୋର ରୁଜଭେଲ୍ଟକୁ ମଧ୍ୟପ୍ରାଚ୍ୟରେ ବଦଳାଇବାକୁ ନିଷ୍ପତ୍ତି ନେଇଛି । ତା' ସ୍ଥାନରେ ୟୁଏସଏସ ଆବ୍ରାହମ ଲିଙ୍କନ ଯୁଦ୍ଧ ଜାହାଜ ନିୟୋଜିତ ହେବ । ଏହା ସହିତ ମଧ୍ୟପ୍ରାଚ୍ୟରେ ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ଅଟକାଇବା ପାଇଁ ସିଷ୍ଟମ ସହିତ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ମଧ୍ୟ ନିୟୋଜିତ କରାଯିବ । ଶୁକ୍ରବାର ଦିନ ହମାସ ନେତା ଇସମାଇଲ ହାନିଆଙ୍କୁ କତାରରେ ସମାଧି ଦିଆଯାଇଛି । ହାନିଆଙ୍କ ମୃତ୍ୟୁ ପାଇଁ ହମାସ ଏବଂ ଇରାନ ଇସ୍ରାଏଲକୁ ଦାୟୀ କରିଛନ୍ତି । ଇରାନ ଶନିବାର ଆଶା ପ୍ରକଟ କରିଥିଲା ଯେ ହିଜବୁଲ୍ଲ ଇସ୍ରାଏଲର ଆଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରିବ ଏବଂ କେବଳ ସାମରିକ ଶିବିରରେ ଆକ୍ରମଣ ସୀମିତ ରହିବ ନାହିଁ । ଲୋକମାନେ ହାନିଆଙ୍କ ହତ୍ୟାକୁ ବିରୋଧ କରିବା ସହ ପାଲେଷ୍ଟାଇନ ସହ ଏକତା ପ୍ରଦର୍ଶନ କରିବାକୁ ଶନିବାର ମୋରୋକୋ, ଜୋର୍ଡାନ ଏବଂ ତୁର୍କୀରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହାନିଆଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି । ଯଦି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସିଧାସଳଖ ଯୁଦ୍ଧ ହୁଏ, ତେବେ ଏହାର ପରିସର ନିଶ୍ଚିତ ଭାବରେ କେବଳ ଦୁଇଟି ଦେଶରେ ସୀମିତ ରହିବ ନାହିଁ । ଆମେରିକା ଏବଂ ବ୍ରିଟେନ ସେମାନଙ୍କ ନାଗରିକମାନଙ୍କୁ ତୁରନ୍ତ ଲେବାନନ ଛାଡିବାକୁ କହିଛନ୍ତି ।

ଅଗଷ୍ଟ ୧୨ରେ...

ଥିବା ନିଜ ନିଜର ନାଗରିକଙ୍କ ପାଇଁ ସତର୍କତା ଜାରି କରିଛନ୍ତି । ହାନିଆଙ୍କ ମୃତ୍ୟୁ ପରେ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ସେପଟେ ଆମେରିକା ସେଣ୍ଟ୍ରାଲ କମାଣ୍ଡର ଜେନେରାଲ ମାଇକେଲ କୁରିଲା ଶନିବାର ଇସ୍ରାଏଲରେ ପହଞ୍ଚିଛନ୍ତି । ଯଦିଓ ତାଙ୍କର ଏହି ଗସ୍ତକୁ ଏକ ଯୋଜନା ବୋଲି କୁହାଯାଉଛି, ତଥାପି ଏହାକୁ ଇସ୍ରାଏଲର ପ୍ରତିରକ୍ଷାରେ ଶକ୍ତି ସଂଗ୍ରହ କରିବାର ଏକ ପଦକ୍ଷେପ ଭାବରେ ଦେଖାଯାଉଛି । ସୋମବାର ସୁଦ୍ଧା ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିପାରେ ବୋଲି ଆମେରିକା ଓ ଇସ୍ରାଏଲ ଅଧିକାରୀମାନେ ସଙ୍କେତ ଦେଇଛନ୍ତି । ତେବେ ଏହା ମଧ୍ୟ ବିଶ୍ୱାସ କରାଯାଉଛି ଯେ ତେହେରାନ ଅଗଷ୍ଟ ୧୨ ସୋମବାର ତେଲଆଭିବ ଉପରେ ଆକ୍ରମଣ କରିପାରେ । ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଇସ୍ରାଏଲକୁ ଆଘାତ ଦେବା ପାଇଁ ଇରାନ ତିଶା ବାଓ ଦିନକୁ ବାଛିଛି । ଅଗଷ୍ଟ ୧୨ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଇସ୍ରାଏଲ ଏବଂ ଇହୁଦୀମାନଙ୍କ ପାଇଁ ଏହି ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଖୋଲିଲା ହୀରାକୁଦ ...

ତା'ପରେ ତାକୁ ମିଶାଇ ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ ଗେଟ ଖୋଲାଯାଇଥିଲା । ତା'ପରେ ବାମ ପାର୍ଶ୍ୱର ୯ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ ଖୋଲାଯାଇଛି । ରବିବାର ସନ୍ଧ୍ୟା ସୁଦ୍ଧା ମୋଟ ୨୦ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଥିବା ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁଶୀଲ ବେହେରା ସୂଚନା ଦେଇଥିଲେ । ମୁଖ୍ୟଯନ୍ତ୍ରୀଙ୍କ ସହ ଉତ୍ତରାଞ୍ଚଳ ପୁଲିସ ରେଞ୍ଜ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଏସ୍‌ପି ମୁକେଶ ଭାମୁ ଉପସ୍ଥିତ ରହି ଗେଟ ଖୋଲିଥିଲେ ।

ସାମାଜିକ ବିକାଶର ...

ବ୍ୟବସ୍ଥା କରାଯାଇଛି । ଆମ ପାଖରେ ଆଗକୁ ବଢ଼ିବାର ସୁଯୋଗ ଅଛି । ଏହି ପରିଷଦର ସଦସ୍ୟଥିବା ଆମ ରାଜ୍ୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଆଇ.ଏ.ଏସ ଅଧିକାରୀ ପର୍ଯ୍ୟନ୍ତ ହଜାର ହଜାର କର୍ମଚାରୀ ଓ ଅଧିକାରୀ ସମଗ୍ର ରାଜ୍ୟବାସୀ ବିଶେଷକରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକମାନଙ୍କର ହିତ ସାଧନରେ ବ୍ରତୀ ଅଛନ୍ତି । ଓଡିଶାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ଘଟାଇ ସେମାନଙ୍କୁ ଉଚ୍ଚ ବର୍ଗର ଲୋକଙ୍କ ସହିତ ସାମିଲ କରିବାର ଦାୟିତ୍ୱ ଆମ ସମସ୍ତଙ୍କର । ଆଜି ଭାରତ ବର୍ଷର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ଭିତରୁ ଜଣେ ଓଡ଼ିଶାର । ମୁଖ୍ୟମନ୍ତ୍ରୀ ମଧ୍ୟ ଆପଣମାନଙ୍କ ମଧ୍ୟରୁ ଜଣେ । ଆମେ ସମସ୍ତେ ଏକ ନିର୍ଦ୍ଦିଷ୍ଟ ବର୍ଗରୁ ଆସି ଦେଶ ପାଇଁ ଓ ରାଜ୍ୟ ପାଇଁ କାମ କରୁଛୁ । ପଦ ପଦବୀରେ ନଥିଲେ ମଧ ଇଚ୍ଛାଶକ୍ତି ବଳରେ ଆମେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଆମେ ଯଦି ବିକାଶରେ ସମାନତା ଆଣି ପାରିବା ତେବେ ଯାଇ ବିକଶିତ ଭାରତ ଗଠନ ହୋଇପାରିବ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଇଚ୍ଛାଶକ୍ତି ବଳରେ ସବୁ କାମ ସମ୍ଭବ ହୋଇପାରିବ । ଶପଥ ନେବାର ଘଣ୍ଟାଏ ପରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ନେଲୁ ଓ ପରଦିନ ଖୋଲିଲୁ । ଦାୟିତ୍ୱ ନେବାର ଏକ ମାସ ମଧ୍ୟରେ ଯାହା ୪୬ ବର୍ଷ ଧରି ହୋଇପାରୁନଥିଲା, ତାହା କରିପାରିଲୁ । ରତ୍ନ ଭଣ୍ଡାର ଖୋଲିଲୁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ସାଧାରଣ ଲୋକ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର କଲୁ । ଯଦି ଇଚ୍ଛାଶକ୍ତି ନାହିଁ, କୌଣସି କାମ ହୋଇପାରିବ ନାହିଁ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କହିଥିଲେ ଯେ ନେତୃତ୍ୱ ଏକ କ୍ଷମତା ନୁହଁ, ଏହା ଏକ କର୍ତ୍ତବ୍ୟ । ଏହା ଆମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ଆଜି ଓଡ଼ିଶାରେ ଲୋକଙ୍କ ସରକାର ଗଠନ ହୋଇଛି ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି । ଅନ୍ୟତମ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ କହିଥିଲେ ଯେ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ସହିତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାମ କରୁଛନ୍ତି । ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମୋହନ ଚରଣ ମାଝୀ ସରକାର ସାମାଜିକ ଦାୟିତ୍ୱବୋଧତାର ସହ କାମ କରୁଛନ୍ତି ଓ କରିବେ । ଆମର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଆଗକୁ ନେବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି । ଆମ ସମସ୍ତଙ୍କର ସେଥିରେ ଭାଗିଦାରୀ ଅଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ ଆମ ପାଖରେ ଯେଉଁ ଦାୟିତ୍ୱ ଅଛି, ଯେଉଁ ଯୋଜନା ଅଛି ସେଗୁଡିକ କିପରି ସମାଜର ତଳସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ସେ ଦାୟିତ୍ୱ ଆମର । ଯଦି ଆମେ ସମସ୍ତେ ନିଜ ନିଜ ସ୍ତରରେ ଠିକ ଭାବେ କାମ କରିବା ତେବେ ବିକାଶ ସହିତ ସମସ୍ତଙ୍କ କଲ୍ୟାଣ ସାଧନ ହେବ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ମୋହନ ଚରଣ ମାଝୀ ସରକାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ୫ ବର୍ଷରେ ଓଡ଼ିଶାକୁ ଦାଦନମୁକ୍ତ କରିବା ପାଇଁ ଆମେ ସଂକଳ୍ପ ନେଇଛୁ । କାର୍ଯ୍ୟକ୍ରମରେ ପରିଷଦର ସଭାପତି ଧନଞ୍ଜୟ ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିଲେ । କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସମେତ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ପ୍ରାୟ ୨୩ ଜଣ ବିଧାୟକଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ମୋଦି ପୁଣି ...

୬୯% ଅନୁମୋଦନ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଆହ୍ୱାନର ସଫଳତାର ସହ ମୁକାବିଲା କରି ମୋଦି ବିଶ୍ୱବାସୀଙ୍କ ନିକଟରେ ଜଣେ ଦୃଢ଼ ନେତା ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଏଥି ସହ ସେ ଭାରତ ମଧ୍ୟ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିଛନ୍ତି । ଅବଶ୍ୟ ଗତଥର ଅପେକ୍ଷା ଚଳିତଥର ମୋଦିଙ୍କ ଆପ୍ରୁଭାଲ ରେଟିଂ ସାମାନ୍ୟ ହ୍ରାସ ପାଇଛି । ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନକୁ ପଛକୁ ସୁଇଜରଲାଣ୍ଡ ଫେଡେରାଲ କାଉନସିଲର ରିଓଲା ଏମହତ (୫୨%), ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ସମୋନ ହାରିସ (୪୭%), ବ୍ରିଟେନ ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍ମର (୪୫%), ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ (୪୫%), ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ (୪୨%), ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ (୪୦%) ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ (୪୦%) ରହିଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଆପ୍ରୁଭାଲ ରେଟିଂ ୩୯ ପ୍ରତିଶତ ରହିଥିଲା ବେଳେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କର ୨୯ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ରେଟିଂ ୨୦ ପ୍ରତିଶତ ରହିଛି ।

ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ...

ଅନୁଯାୟୀ ଭାରତର ଦାୟିତ୍ୱର ଉଲ୍ଲଂଘନ ହେବ । ଏହା ଦ୍ୱାରା ଭାରତର ସମ୍ବିଧାନର ଧାରା ୫୧ (ଗ) ସହିତ ଥିବା ଧାରା ୨୧ର ଉଲ୍ଲଂଘନ ହେବ । ତେଣୁ ଆମେ ଆପଣଙ୍କୁ ଅନୁରୋଧ କରୁଛୁ ରପ୍ତାନି ଲାଇସେନ୍ସକୁ ବାତିଲ କରନ୍ତୁ ଏବଂ ଇସ୍ରାଏଲକୁ ସାମରିକ ଉପକରଣ ଯୋଗାଉଥିବା କମ୍ପାନୀଗୁଡ଼ିକୁ କୌଣସି ନୂତନ ଲାଇସେନ୍ସ ପ୍ରଦାନ ବନ୍ଦ କରନ୍ତୁ । ଭାରତର ଅନେକ ସରକାରୀ ଏବଂ ବେସରକାରୀ କମ୍ପାନୀ ଇସ୍ରାଏଲ ପ୍ରତିରକ୍ଷା ଉତ୍ପାଦନ କମ୍ପାନୀଗୁଡିକର ସହଯୋଗରେ କାର୍ଯ୍ୟ କରୁଛନ୍ତି । ଏହି ଭାରତୀୟ କମ୍ପାନିଗୁଡିକ ଇସ୍ରାଏଲ କମ୍ପାନିଗୁଡିକ ପାଇଁ ସେମାନଙ୍କର ଉତ୍ପାଦର ଅଧିକ ଅଂଶ ପ୍ରସ୍ତୁତ କରୁଛନ୍ତି । ଏହି ଚିଠିରେ ତିନୋଟି ଭାରତୀୟ କମ୍ପାନୀ ମୁନିସନ ଇଣ୍ଡିଆ ଲିମିଟେଡ (ଏମଆଇଏଲ), ପ୍ରିମିୟର ବିସ୍ଫୋରକ ଲିମିଟେଡ (ପିଇଏଲ) ଏବଂ ଆଦାନୀ-ଏଲବିଟ ଆଡଭାନ୍ସ ସିଷ୍ଟମ ଇଣ୍ଡିଆ ଲିମିଟେଡ ବିଷୟରେ ଉଲ୍ଲେଖ କରାଯାଇଛି । ଚିଠିରେ କୁହାଯାଇଛି ଅନ୍ତର୍ଜାତୀୟ ଆଇନକୁ ଦୃଷ୍ଟିରେ ରଖି ଆମେ ଏଭଳି ରପ୍ତାନିକୁ ନୈତିକ ଭାବରେ ଆପତ୍ତିଜନକ ବୋଲି କହୁଛୁ ପ୍ରକୃତରେ ଏହା ଘୃଣ୍ୟ ବୋଲି ଚିଠିରେ ଦର୍ଶାଯାଇଛି । ଏଥିସହ ଚିଠିରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ଭାରତ ତୁରନ୍ତ ଯଥାସମ୍ଭବ ଉଦ୍ୟମ କରିବା ଆବଶ୍ୟକ । ଯାହାଦ୍ୱାରା ଇସ୍ରାଏଲକୁ ପୂର୍ବରୁ ଯୋଗାଇ ଦିଆଯାଇଥିବା ଅସ୍ତ୍ରଗୁଡିକ ଯେପରି ନରସଂହାର କିମ୍ବା ଅନ୍ତର୍ଜାତୀୟ ମାନବିକ ଆଇନର ଉଲ୍ଲଂଘନ ନ କରିବ ।

ମନ୍ଦିର କାନ୍ଥ ...

କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଯାଦବ । ମୃତ ଶିଶୁଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହ ଆହତମାନଙ୍କୁ ଉଚିତ ଚିକିତ୍ସା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଉତ୍କଟ ହେବ...

ବିଦ୍ୟୁତ ଅଭାବ ଦେଖା ଦେଲେ ଅଧିକ ସମୟ ବିଦ୍ୟୁତ କାଟ ଭଳି ସମସ୍ୟା ଉପୁଜିବ । ଭାରତ ଅନେକ ସମୟ ଅନ୍ଧାରରେ ରହିବ ବୋଲି କୁହାଯାଉଛି । ଏପଟେ ଭାରତରେ ଯେଉଁଭଳି ଭାବେ ବିଦ୍ୟୁତ ଚାହିଦା ବଢୁଛି ତାହା ଚିନ୍ତାରେ ପକାଇଛି । ୨୦୨୩ ଭାରତରେ ବିଦ୍ୟୁତ ଚାହିଦା ୭ ପ୍ରତିଶତ ବଢ଼ିଥିଲା ଯାହା ବିଶ୍ୱ ବିଦ୍ୟୁତ ଚାହିଦା ୨.୨ ପ୍ରତିଶତ ତୁଳନାରେ ବହୁତ ଅଧିକ ଥିଲା । ମେ ୨୦୧୯ ରୁ ୨୦୨୪ ମଧ୍ୟରେ ଭାରତର ବିଦ୍ୟୁତ ଖର୍ଚ୍ଚ ସବୁଠାରୁ ଅଧିକ ହୋଇଛି । ଏହି ସମୟ ମଧ୍ୟରେ ବିଦ୍ୟୁତ ଖର୍ଚ୍ଚ ୬୮ ଗିଗାୱାଟ ବୃଦ୍ଧି ପାଇଁ ୧୮୨ ଗିଗାୱାଟରୁ ୨୫୦ ଗିଗାୱାଟରେ ପହଞ୍ଚିଛି । ମେ ୩୦ ତାରିଖରେ ଦେଶରେ ଦିନ ୩ଟା ସମୟରେ ୨୫୦ ଗିଗାୱାଟର ବିଜୁଳି ଶକ୍ତିର ରେକର୍ଡ ଖର୍ଚ୍ଚ ହୋଇଥିଲା । ଫଳରେ ବାର୍ଷିକ ବିଦ୍ୟୁତ ଖର୍ଚ୍ଚ ହାର ୬.୫ ପ୍ରତିଶତ ହୋଇଛି ।

ୱାକଫ ଆକ୍ଟରେ...

ପ୍ରଦାନ କରିଥିଲେ । ଏହା ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟରେ ୱାକଫ ବୋର୍ଡକୁ ଦିଆଯାଇଥିବା ବ୍ୟାପକ କ୍ଷମତା ବିଷୟରେ ଜାଣିଥିଲେ ଏବଂ କୌଣସି ସମ୍ପତ୍ତି ଉପରେ ଦାବି ଉପସ୍ଥାପନ କରିଥିଲେ ଏବଂ ଅଧିକାଂଶ ରାଜ୍ୟରେ ଏହି ସମ୍ପତ୍ତି ଉପରେ ସର୍ଭେରେ ବିଳମ୍ବ ହୋଇଥିଲା । ସମ୍ପତ୍ତିର ଅପବ୍ୟବହାରକୁ ରୋକିବା ପାଇଁ ୱାକଫ ସମ୍ପତ୍ତି ଉପରେ ନଜର ରଖିବାରେ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଜଡିତ କରିବାର ସମ୍ଭାବନାକୁ ମଧ ସରକାର ବିଚାର କରିଥିଲେ । ୱାକଫ ବୋର୍ଡର କୌଣସି ନିଷ୍ପତ୍ତି ବିରୋଧରେ ଅପିଲ କେବଳ କୋର୍ଟରେ କରାଯାଇପାରିବ, କିନ୍ତୁ ଏପରି ଆବେଦନ ଉପରେ ନିଷ୍ପତ୍ତି ପାଇଁ କୌଣସି ସମୟ ସୀମା ରହିବ ନାହିଁ । କୋର୍ଟଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ । ପିଆଇଏଲ ବ୍ୟତୀତ ହାଇକୋର୍ଟରେ ଆବେଦନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ୧୯୫୪ ମସିହାରେ, ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସରକାର ସମୟରେ ୱାକଫ ଆକ୍ଟ ପାରିତ ହୋଇଥିଲା, ଯାହା ପରେ ଏହାକୁ ସେଣ୍ଟ୍ରାଲାଇଜ କରାଯାଇଥିଲା । ୱାକଫ ଆକ୍ଟ ୧୯୫୪ ଏହି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟ କରେ । ସେବେଠାରୁ ଏହାକୁ ଅନେକ ଥର ସଂଶୋଧନ କରାଯାଇଛି ।

ବିଭିନ୍ନ ବ୍ୟାଙ୍କରେ...

ନିୟମ ପରିବର୍ତ୍ତନ କରିବାକୁ ପଦକ୍ଷେପ ନେଇଛନ୍ତି । କ୍ୟାବିନେଟ ଏହା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ଏହି ଟଙ୍କାର ସମାଧାନ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି । କ୍ୟାବିନେଟ କହିଛି ଏହି ପରିବର୍ତ୍ତନ ସହିତ କୌଣସି ବ୍ୟାଙ୍କ ଆକାଉଣ୍ଟ ପାଇଁ ଏକରୁ ଅଧିକ ନୋମିନି ରହିପାରିବେ । ନୋମିନିଙ୍କ ସଂଖ୍ୟା ୪ ପର୍ଯ୍ୟନ୍ତ ହୋଇପାରେ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଗୋଟିଏ । ଏହା ସମ୍ଭବ ଯେ ଦାବିଗୁଡ଼ିକ ଏହି ସମଗ୍ର ଟଙ୍କା ଉପରେ କେବେ ଆସିବ ନାହିଁ ଏବଂ ଭବିଷ୍ୟତରେ କିଛି ଟଙ୍କା ଅନାଦାୟ ହୋଇପାରେ । ତେଣୁ କ୍ୟାବିନେଟ ମଧ୍ୟ ଏ ବାବଦରେ ଏକ ପରାମର୍ଶ ଦେଇଛି । ଏହିପରି ଆକାଉଣ୍ଟରେ ଡିଭିଡେଣ୍ଡ ଏବଂ ବଣ୍ଡରୁ ଟଙ୍କା ନିବେଶକ ଶିକ୍ଷା ସୁରକ୍ଷା ପାଣ୍ଠି (ଆଇଇପିଏଫ)କୁ ହସ୍ତାନ୍ତର କରାଯିବା ଉଚିତ୍ । ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଅଧୀନରେ କେବଳ ବ୍ୟାଙ୍କର ସେୟାର ସ୍ଥାନାନ୍ତର ହୋଇପାରିବ । ଏହା ସହିତ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ବୀମା ଏବଂ ଏଚୟୁଏଫ ଆକାଉଣ୍ଟରୁ ଟଙ୍କା ପ୍ରତ୍ୟାହାର ସମ୍ବନ୍ଧୀୟ ଆଇନଗୁଡ଼ିକ କୋହଳ ହେବ । କୁହାଯାଉଛି ଯେ କ୍ରମାଗତ ପ୍ରାର୍ଥୀ ଏବଂ ଏକକାଳୀନ ନାମାଙ୍କନକାରୀଙ୍କୁ ମଧ୍ୟ ଏହିପରି ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଅନୁମତି ଦିଆଯିବ । ତେବେ ଏପର୍ଯ୍ୟନ୍ତ ଏହା ଉପରେ ଏକ ସ୍ପଷ୍ଟ ଗାଇଡଲାଇନ ପ୍ରସ୍ତୁତ କରାଯାଇ ନାହିଁ । ପ୍ରସ୍ତାବର ସମ୍ପୂର୍ଣ୍ଣ ବିବରଣୀ ଆସିବା ପରେ ହିଁ ଆଇନଗୁଡ଼ିକ ଅଧିକ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି ।

ଭାରତୀୟ ଜ୍ୟୋତିର୍ବିଦ ...

ସମେତ ଏହାର ସମର୍ଥିତ ସଂଗଠନ ଲେବାନାନର ହିଜବୁଲ, ଇରାକର ଇସଲାମିକ ଜିହାଦ, ୟେମେନର ହୁତି ଏବଂ ସିରିଆର ଶିଆ ଗୋଷ୍ଠୀ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଥିଲା । ଏହି ଚର୍ଚ୍ଚା ମଧ୍ୟରେ ଶନିବାର ରାତିରେ ଇରାନ ଇସ୍ରାଏଲ ଉପରେ ଏୟାର ଷ୍ଟ୍ରାଇକ କରିଛି । ସେପଟେ ଇସ୍ରାଏଲ ମଧ ଲେବାନନ ଉପରେ ଏୟାର ଷ୍ଟ୍ରାଇକ କରିଛି । ଏଥିରେ ଜଣେ ଆର୍ମି ମୁଖ୍ୟଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ଏପରି ଘଟଣା ପରେ ଭାରତୀୟ ଜ୍ୟୋତିର୍ବିଦଙ୍କ ଭବିଷ୍ୟବାଣୀ ସତ ହୋଇଥିବା କୁହାଯାଉଛି । କେବଳ ବିଶ୍ୱଯୁଦ୍ଧ ନୁହେଁ, ଇସ୍ରାଏଲ-ହାମାସ ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ନେଇ ମଧ ପୂର୍ବାନୁମାନ କରିଥିଲେ କୁଶଳ କୁମାର । ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ତାରିଖ ବିଷୟରେ କୁଶଳ କୁମାର ଏକାଧିକ ଭବିଷ୍ୟବାଣୀ କରିଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସେଗୁଡ଼ିକ ମଧ୍ୟରୁ କୌଣସିଟି ସତ ହୋଇନଥିଲା । ଏହାପୂର୍ବରୁ ସେ ଘୋଷଣା କରିଥିଲେ ଯେ, ୧୮ ଜୁନ ୨୦୨୪ରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ, କିନ୍ତୁ ଏହି ତାରିଖରେ ସେପରି କୌଣସି ବିପଦପୂର୍ଣ୍ଣ ଘଟଣା ଘଟିନଥିଲା । ଏହା ପରେ ସେ ଏକ ନୂତନ ତାରିଖ ଘୋଷଣା କରି ଭବିଷ୍ୟବାଣୀ କରିଥିଲେ ଯେ, ଜୁଲାଇ ୨୬ କିମ୍ବା ଜୁଲାଇ ୨୮ରେ ବିଶ୍ୱଯୁଦ୍ଧ ଆରମ୍ଭ ହେବ, କିନ୍ତୁ ପୁନର୍ବାର ତାଙ୍କର ଭବିଷ୍ୟବାଣୀ ଭୁଲ ହୋଇଥିଲା । ବର୍ତ୍ତମାନ, ତାଙ୍କ ଭବିଷ୍ୟବାଣୀ ସତ ହେଉଛି କି ନା ତା' ଉପରେ ସମସ୍ତଙ୍କ ନଜର ରହିବ ନିଶ୍ଚୟ । କୁଶଳ କୁମାର ହରିୟାଣାର ପଞ୍ଚକୁଲାର ଜଣେ ବୈଦିକ ଜ୍ୟୋତିଷ ଲେଖକ । ତାଙ୍କର ପ୍ରବନ୍ଧଗୁଡ଼ିକ ବିଶ୍ୱର ଏକାଧିକ ଅଗ୍ରଣୀ ଜ୍ୟୋତିଷ ପତ୍ରିକାରେ ପ୍ରକାଶିତ ହୋଇଛି, ଯେପରିକି କାଲିଫର୍ଣ୍ଣିଆର 'ଦ ମାଉଣ୍ଟେନ ଆଷ୍ଟ୍ରୋଲୋଜି' ଏବଂ ନ୍ୟୁୟର୍କର 'ହରୋସ୍କୋପ୍' । କୁଶଳ କୁମାର ଅର୍ଥନୀତି, ପାଣିପାଗ, ବ୍ୟବସାୟ, ରାଜନୀତି ଏବଂ ବିଶ୍ୱ ବ୍ୟାପାର ଭଳି ବିଭିନ୍ନ କ୍ଷେତ୍ର ଉପରେ ଅନୁଧ୍ୟାନ କରି ଭବିଷ୍ୟବାଣୀ କରିଥାନ୍ତି । ସେହିପରି ସେ ଜଣେ ବ୍ୟକ୍ତିର ଜନ୍ମ ସମୟ ଏବଂ ଜନ୍ମ ସ୍ଥାନ ଆଧାରରେ ଭବିଷ୍ୟତ କହିପାରନ୍ତି ବୋଲି ଲିଙ୍କଡଇନ ପ୍ରୋଫାଇଲରେ ଉଲ୍ଲେଖ କରାଯାଇଛି ।

ନନ୍ଦିନୀ ଶତପଥୀ ଥିଲେ ଓଡ଼ିଶାର ବହ୍ନିକନ୍ୟା : ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଛାତ୍ରୀଜୀବନରୁ ବାମପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଛାତ୍ର ସଂଗଠନ କରିଥିବା ଛାତ୍ରନେତ୍ରୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ସୁଲେଖିକା, ରାଜ୍ୟର ନାରୀ ଜାଗରଣ ଓ ସଶକ୍ତିକରଣର ପ୍ରତୀକ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶ ବାର୍ଷିକ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରବିବାର ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅପଣ କରାଯାଇଅଛି । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନାଗାନ କରିଥିବା ବେଳେ ବିଭିନ୍ନ ସମୟରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରଫୁଲ୍ଲ ସାମଲ, ଶଶିଭୂଷଣ ବେହେରା, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ସୁବକ୍ତା ପ୍ରବୀର ମହାନ୍ତି, ଅଶ୍ୱିନୀ ପଟ୍ଟନାୟକ, ଅମିତ୍ ପାତାଳସିଂହ, ବିଜୟ ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ରଙ୍କ ସହିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଓଡ଼ିଶାର ରାଜନୈତିକ ଇତିହାସରେ ନନ୍ଦିନୀଦେବୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେ ଏକମାତ୍ର ମହିଳା ନେତ୍ରୀ ଯେ ଜୀବନରେ ୧୯୭୪ ଠାରୁ ୧୯୯୫ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବରେ ବିଭିନ୍ନ ଦଳରୁ ଢେଙ୍କାନାଳ ଓ ଗଁଦିଆ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବରେ ନିର୍ବାଚିତ ହୋଇଥିଲେ । ଜଣେ ଲେଖିକା ଭାବରେ ସମାଜର ସ୍ୱରକୁ ତାଙ୍କ ଲେଖାରେ ପ୍ରଦର୍ଶିତ କରୁଥିଲେ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଓଡ଼ିଶାର ପ୍ରଗତି ଓ ଓଡ଼ିଆ ସାହିତ୍ୟ ଜଗତରେ ସେ ସର୍ବଦା ସ୍ମରଣୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ବିନମ୍ର ଶ୍ରଦ୍ଧାଞ୍ଜଳି । ଓଡ଼ିଶାର ପ୍ରଗତି ଓ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଅମ୍ଳାନ କୃତି ପାଇଁ ସେ ସର୍ବଦା ସ୍ମରଣୀୟ ।

ଭୋଟର ପରିଚୟପତ୍ର ଜନ୍ମ ତାରିଖ ନିରୂପଣର ପ୍ରାମାଣିକ ଦସ୍ତାବିଜ୍ ନୁହେଁ: ହାଇକୋର୍ଟ

କଟକ, ନ୍ୟୁଜ ବ୍ୟୁରୋ

ଜନ୍ମ ତାରିଖ ନିରୂପଣ ବା ବୟସ ପ୍ରମାଣ ପାଇଁ ଭୋଟର ପରିଚୟପତ୍ର ଏକ ଉପଯୁକ୍ତ ପ୍ରାମାଣିକ ଦସ୍ତାବିଜ୍ ନୁହେଁ । ଏଣୁ ଭୋଟର ପରିଚୟପତ୍ର କିମ୍ବା ଭୋଟର ତାଲିକାରେ ରେକର୍ଡ ଜନ୍ମ ତାରିଖ ଆଧାରରେ ଜଣେ ବ୍ୟକ୍ତିଙ୍କ ଜନ୍ମ ତାରିଖ ନିରୂପଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ତେଣୁ ଭୋଟର ପରିଚୟପତ୍ରରେ ରହିଥିବା ଜନ୍ମ ତାରିଖ ଅନୁସାରେ ବୀମା ବାବଦ ଅର୍ଥ ଦାବିକୁ ଅଗ୍ରାହ୍ୟ କରି ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ତପସ୍ୱିନୀ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ଆବେଦନକାରୀଙ୍କୁ ଜୀବନବୀମା ପଲିସି ବାବଦ ଅର୍ଥ ୪ ସପ୍ତାହ ଭିତରେ ପ୍ରଦାନ କରିବାକୁ ଏଲଆଇସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବୀମା ପଲିସି ସମ୍ପର୍କିତ ଫର୍ମ ସରଳ ହେବା ଉଚିତ । ନିରକ୍ଷର ବା ଅର୍ଦ୍ଧ ସାକ୍ଷର ପଲିସିଧାରୀଙ୍କ ତରଫରୁ ଭୁଲ ସୂଚନା ଦାଖଲ ପ୍ରସଙ୍ଗରେ ବୀମା ଏଜେଣ୍ଟ ଶୃଙ୍ଖଳିତ ହେବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ବାପା ରଘୁନାଥ ନାୟକ ୩ ଟି ଜୀବନ ବୀମା ପଲିସି କରିଥିଲେ । ପଲିସିଧାରୀଙ୍କ ୨୦୧୨, ମାର୍ଚ୍ଚ ୧୫ରେ ମୃତ୍ୟୁ ହୋଇଥିଲା । ଏହାପରେ ଆବେଦନକାରୀ ବୀମା ପିଲିସି ବାବଦ ଅର୍ଥ ପାଇବାକୁ ଆବେଦନ କରିଥିଲେ । ତୃତୀୟ ପଲିସି ବାବଦ ଆବେଦନକାରୀଙ୍କ ଦାବିକୁ ଅଗ୍ରାହ୍ୟ କରାଯାଇଥିଲା । ଭୋଟର ପରିଚୟପତ୍ରରେ ରହିଥିବା ଜନ୍ମ ତାରିଖ ପଲିସିରେ ରହିଥିବା ତଥ୍ୟ ସହ ମେଳ ଖାଉନଥିବାରୁ ଏହି ପଲିସି ବାବଦ ଦାବି ୨୦୧୩, ମାର୍ଚ୍ଚ ୨୫ରେ ଅଗ୍ରାହ୍ୟ କରାଯାଇଥିଲା ।

ଆଜି ଶ୍ରୀଜୀଉଙ୍କ ଖସାପଡ଼ା ନୀତି
୪ ଘଣ୍ଟା ବନ୍ଦ ରହିବ ଦର୍ଶନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସୋମବାର ଶ୍ରାବଣ ଶୁକ୍ଲ ପ୍ରତିପଦ ତିଥି । ଏହି ଅବସରରେ ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ । ତେଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଅପରାହ୍ନ ଘ.୫.୦୦ ଟିକା ଠାରୁ ରାତ୍ର ଘ.୯.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ନୂଆ ଅବକାରୀ ନୀତି ଆଣିବେ ବିଜେପି ସରକାର : ପୁରୁଣା ନୀତିର ଅବଧି ବଢ଼ିଲା ମାସେ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ନିଜସ୍ୱ ଅବକାରୀ ନୀତି ଆଣିବେ । ଏଥିପାଇଁ ସମୟ ଲାଗୁଥିବାରୁ ପୂର୍ବ ବିଜେଡି ସରକାରଙ୍କ ଅବକାରୀ ନୀତିର ଅବଧିକୁ ଆଉ ମାସେ ବୃଦ୍ଧି କରିଥିବା ଜଣାପଡ଼ିଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ତତକାଳୀନ ବିଜେଡି ସରକାର ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ଅବକାରୀ ନୀତି ଲାଗୁ କରିଥିଲେ । ରାଜ୍ୟ ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ପ୍ରଚଳିତ ଓଡ଼ିଶା ଅବକାରୀ ନୀତି ୨୦୨୪-୨୫ର ଅବଧିକୁ ଆଉ ଏକମାସ ବୃଦ୍ଧି କରାଗଲା ବୋଲି ରାଜ୍ୟ ଅବକାରୀ କମିଶନରଙ୍କୁ ଅବଗତ କରିଛନ୍ତି । ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ପ୍ରଚଳିତ ହାରରେ ବିଭିନ୍ନ ଫି' ସହ ଗାଇଡଲାଇନ୍

କାର୍ଯ୍ୟ କରାଯିବ । ତେବେ ଗ୍ରାମାଂଚଳରେ ନୂଆ ମଦ ଦୋକାନ ଖୋଲିବା ଉପରେ କଟକଣା ବଳବତ୍ତର ରହିଛି ବୋଲି ଅବକାରୀ କମିଶନଙ୍କର ସୂଚିତ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ଅବକାରୀ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ମୋହନ ମାଝୀଙ୍କ ସରକାର ନିଜସ୍ୱ ଅବକାରୀ ନୀତି ଆଣିବା ପାଇଁ ଏବେ କାମ କରୁଛନ୍ତି । ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବା ଉପରେ କଟକଣା ଓ ପର୍ଯ୍ୟାୟକ୍ରମେ ମଦ ଦୋକାନ ସଂଖ୍ୟା ହ୍ରାସ ଏବଂ ବିଜେଡି ସରକାରର 'ଲଟେରୀ ସିଷ୍ଟମରେ ୫ବର୍ଷିଆ ଲାଇସେନ୍ସ' ଆଦିରେ ବ୍ୟାପକ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି । ଏହାଛଡ଼ା ପୂର୍ବର ବିଜେଡି ସରକାର ଭଳି ରାଜସ୍ୱ ସଂଗ୍ରହ ପାଇଁ ଅବକାରୀ ଟିକସ ଉପରେ ନିର୍ଭରଶୀଳତା କମ କରିବାକୁ ମଧ ବିଜେପି ସରକାର ଯୋଜନା କରିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ମାର୍ଚ୍ଚ ୩୧ତାରିଖ ପୂର୍ବରୁ ରାଜ୍ୟ ସରକାର ନୂଆ ଅବକାରୀ ନୀତି ଘୋଷଣା କରିଥାନ୍ତି । ତେବେ ଚଳିତବର୍ଷ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପ୍ରିଲ୧ରୁ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଅବକାରୀ ନୀତି ଘୋଷଣା କରିଥିଲେ । ଯାହାକୁ ଏବେପୁଣି ଅଗଷ୍ଟ ୩୧ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି ।

ମାଡ଼ିଗଲା ଟ୍ରକ୍ : ୨ କାଉଡ଼ିଆଙ୍କ ସମେତ ୩ ମୃତ



ଗଞ୍ଜାମ, ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ଡିମିରିଆ ଗାଁ ଛକରେ ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ଚଢ଼ି ଯିବାରୁ ୨ ଜଣ କାଉଡ଼ିଆଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଛି । ମୃତ କାଉଡ଼ିଆଙ୍କ ମଧ୍ୟରୁ ଜଣଙ୍କ ନାଁ ରଞ୍ଜି ନାୟକ ହୋଇଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ମିଳିପାରି ନାହିଁ । ସେମାନେ ବାଣପୁର ଅଞ୍ଚଳର । ଅନ୍ୟ ଜଣେ ମୃତକଙ୍କ ନାଁ ଏ. ବନମାଳି ପାତ୍ର । ସେ ସ୍ଥାନୀୟ ଅଞ୍ଚଳର ଜଣେ ଶ୍ରମିକ । ରଞ୍ଜି ନାୟକ ଓ ତାଙ୍କର ଅନ୍ୟ କାଉଡ଼ିଆ ସାଥୀ ଜଣଙ୍କ ଋଷିକୁଲ୍ୟା ନଦୀରୁ ପାଣି ଉଠାଇ ବାଣପୁର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ସେମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷରେ ଏ. ବନମାଳି ପାତ୍ରଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା । ୩ ଜଣଙ୍କ ଉପରେ ଚଢ଼ିଯିବା ପରେ ଟ୍ରକ୍‌ଟି ଓଲଟି ପଡ଼ିଥିଲା । ତେବେ ଡ୍ରାଇଭରଙ୍କର କିଛି ହୋଇନାହିଁ । ଡ୍ରାଇଭରଙ୍କୁ ଖଲ୍ଲିକୋଟ ଥାନା ପୁଲିସ ଅଟକ ରଖିବା ସହିତ ଟ୍ରକ୍‌ଟିକୁ ଜବତ କରିଛି । ଟ୍ରକ୍‌ଟି ଆନ୍ଧ୍ର ପ୍ରଦେଶରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ।

ତ୍ରୁଟି ସଂଶୋଧନ

'ସମ୍ବାଦ କଳିକା'ର ତା ୩.୮.୨୪ରିଖ ସକାଳ ସଂସ୍କରଣ ଅଷ୍ଟମ ପୃଷ୍ଠାର ଫଟୋ କ୍ୟାପସନ୍‌ରେ କମ୍ପ୍ୟୁଟର ତ୍ରୁଟି ଯୋଗୁଁ କେନ୍ଦୁଝର ମ୍ୟୁନିସିପାଲିଟି ଅଧକ୍ଷା ଶ୍ରୀମତୀ ନିକୁ ସାହୁ କାଉନସିଲରଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି ବୋଲି ପ୍ରକାଶ ପାଇଛି । ଏହି ଫଟୋ କ୍ୟାପସନକୁ ଲୋକସେବା ଭବନଠାରେ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କ ସହ ରାଜ୍ୟ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବୋଲି ପଢ଼ିବାକୁ ଅନୁରୋଧ ।

– ବାର୍ତ୍ତା ସମ୍ପାଦକ

ସିବିଏସ୍‌ଇ ଢାଞ୍ଚାରେ ହେବ +୨ ପରୀକ୍ଷା : ୧୦୦ ବଦଳରେ ୮୦ ମାର୍କର ହେବ ପରୀକ୍ଷା

ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଢାଞ୍ଚାରେ ହେବ ପରିବର୍ତ୍ତନ । ସିବିଏସ୍‌ଇ ପାର୍ଟର୍ନ ଭଳି ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ପୂର୍ବରୁ ବାର୍ଷିକ ପରୀକ୍ଷାରେ ୧୦୦ ମାର୍କର ପରୀକ୍ଷା ହେଉଥିବାବେଳେ ଏଣିକି ୮୦ ମାର୍କର ପରୀକ୍ଷା ହେବ । ପୂର୍ବରୁ ହେଉଥିବା ତ୍ରୈମାସିକ ପରୀକ୍ଷା ବା କ୍ୱାଟର ଏଣ୍ଡ ପରୀକ୍ଷାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ । ଏହା ବଦଳରେ ଇଣ୍ଟରନାଲ ପରୀକ୍ଷା ହେବ ଓ ତନ୍ମଧ୍ୟରୁ ଅବଶିଷ୍ଟ ୨୦ମାର୍କ ଆସିବ । ସେହିପରି ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସୁଥିବାରୁ ପ୍ରଶ୍ନପତ୍ର ପାଟର୍ଣ୍ଣରେ ମଧ ପରିବର୍ତ୍ତନ କରାଯିବ । ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କ ବହୁମୁଲ୍ୟ ସମୟ ବଞ୍ଚାଇବାକୁ ବର୍ଷ ପ୍ରାରମ୍ଭରୁ ଫର୍ମ ଫିଲପ୍ କରିବେ ଛାତ୍ରଛାତ୍ରୀ । ପରୀକ୍ଷାରେ ଅଧିକ ସ୍ୱଚ୍ଛତା ଓ ସରଳ କରିବାକୁ ୫ରୁ ୬ଟି ପରିବର୍ତ୍ତନ କରିବାକୁ ଯାଉଛି ସିଏଚ୍‌ଏସ୍‌ଇ । ସୂଚନା ଅନୁଯାୟୀ, ପ୍ରାକ୍ଟିକାଲ ନ ଥିବା ବିଷୟରେ ୧୦୦ ବଦଳରେ ଏଣିକି ୮୦ ମାର୍କର ପରୀକ୍ଷା ହେବ । ଏଥିରେ ୧ ନମ୍ବର ବିଶିଷ୍ଟ ପ୍ରଶ୍ନପତ୍ର ୫୦% ବା ୪୦ ନମ୍ବରର ଆସିବ । ଅବଶିଷ୍ଟ ୪୦ ନମ୍ବର ପ୍ରଶ୍ନପତ୍ରରେ ୨, ୩ ଓ ୮ ମାର୍କର ପ୍ରଶ୍ନ ରହିବ । କଳା ବିଭାଗ ପାଇଁ ସର୍ବାଧିକ ୫ମାର୍କିଆ ପ୍ରଶ୍ନ ଆସିବାକୁ ଥିବାବେଳେ ବିଜ୍ଞାନରେ ସର୍ବାଧିକ ୮ ମାର୍କିଆ ପ୍ରଶ୍ନ ଆସିବ । ସେହିପରି ଇଣ୍ଟରନାଲ୍ ପରୀକ୍ଷାରେ ୨୦ ମାର୍କର ପରୀକ୍ଷା ହେବ । ଏଥିରେ ୧, ୨ ଓ ୫ ମାର୍କିଆ ପ୍ରଶ୍ନ ଆସିବ । ଯେଉଁ ୟୁନିଟ୍‌ରୁ ଇଣ୍ଟରନାଲ୍ ପରୀକ୍ଷାରେ ପ୍ରଶ୍ନ ଆସିଥିବା ବାର୍ଷିକ ପରୀକ୍ଷାରେ ଆଉ ସେହି ୟୁନିଟ୍‌ରୁ ପ୍ରଶ୍ନପତ୍ର ଆସିବ ନାହିଁ । ଅବଶିଷ୍ଟ ୟୁନିଟ୍‌ରୁ ବାର୍ଷିକ ପରୀକ୍ଷାରେ ପ୍ରଶ୍ନ ଆସିବ । କେଉଁ ୟୁନିଟ୍‌ରୁ କେଉଁ ପରୀକ୍ଷାରେ ପ୍ରଶ୍ନ ଆସିବ ତାହା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ । ହେଲେ ପ୍ରାକ୍ଟିକାଲ ଥିବା ବିଷୟରେ କୌଣସି ପରିବର୍ତ୍ତନ ହେବ ନାହିଁ । ପୂର୍ବପରି ୩୦ ନମ୍ବରର ପ୍ରାକ୍ଟିକାଲ ପରୀକ୍ଷା ଓ ୭୦ ମାର୍କର ଥିଓରୀ ପରୀକ୍ଷା ହେବ । ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସୁଥିବା ଅନେକ ସମୟରେ ଅଭିଯୋଗ ହେଉଥିବାରୁ ପରିଷଦ ଏହାକୁ ଗୁରୁତର ସହ ବିଚାର କରୁଛି । ଏହାର

ପୁନରାବୃତ୍ତି ନ ହେବାକୁ କେଉଁ ବିଷୟରୁ କେତେ ମାର୍କର ପ୍ରଶ୍ନ ଆସିବ ସେନେଇ ପୂର୍ବରୁ ଫିକ୍ସ କରିବାକୁ ଯୋଜନା କରୁଛି । ଅନୁରୂପ ଭାବେ ବର୍ଷ ଆରମ୍ଭରୁ ବା ପାଠପଢ଼ା ଆରମ୍ଭରୁ ଛାତ୍ରଛାତ୍ରୀଙ୍କ ଫର୍ମ ଫିଲପ୍ କରାଯିବ । ଫଳରେ ଫର୍ମପୂରଣ କରିବାକୁ ଅତିରିକ୍ତ ସମୟ ଦେବାକୁ ପଡ଼ିବ ନାହିଁ । ଫର୍ମ ପୂରଣ ପାଇଁ ପରବର୍ତ୍ତୀ ସମୟରେ କେବଳ ଫି ଦାଖଲ କରିବେ ଛାତ୍ରଛାତ୍ରୀ । ଚଳିତ ଶିକ୍ଷାବର୍ଷପାଇଁ ଆସନ୍ତା ଅଗଷ୍ଟ ମାସରେ ରେଗୁଲାର ଓ ସେପ୍ଟେମ୍ବର ମାସରେ ଏକ୍ସ-ରେଗୁଲାର ଫର୍ମ ଫିଲପ୍ କରାଯିବ । ପରୀକ୍ଷାର ଅବ୍ୟବହିତ ପୂର୍ବରୁ କେବଳ ଆଡମିଟ୍ କାର୍ଡ ନେବେ ଛାତ୍ରଛାତ୍ରୀ । ଚଳିତ ଥର ଏକା ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା କରାଯିବ । ସେହିପରି ଏକା ସାଙ୍ଗରେ ମଧ ପରୀକ୍ଷା ଫଳ ପ୍ରକାଶ କରାଯିବ ।

ଭୁବନେଶ୍ୱର
୦୫ ଅଗଷ୍ଟ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗିହେଲା ରତ୍ନ ଚିତା

ପୁରୀ, ୪/୮ ନ୍ୟୁଜ ବ୍ୟୁରୋ

ରବିବାର ଚିତାଲାଗି ଅମାବାସ୍ୟା । ଶ୍ରୀମନ୍ଦିରରେ ପାଳିତ ହୋଇଛି ସ୍ୱତନ୍ତ୍ର ନୀତିକାନ୍ତି । ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହଙ୍କୁ ଲାଗିହୋଇଛି ରତ୍ନ ଚିତା । ଶ୍ରୀଜଗନ୍ନାଥଙ୍କୁ ହୀରା, ବଳଭଦ୍ରଙ୍କୁ ନୀଳା ଓ ସୁଭଦ୍ରାଙ୍କୁ ମାଣିକ୍ୟ ଚିତା ଲାଗି କରାଯାଇଛି । ରଥଯାତ୍ରା ସମୟରେ ରତ୍ନଚିତା ଓଲାଗି କରାଯାଇ ସୋଲ ଚିତା ଧାରଣ କରି ଘୋଷଯାତ୍ରାରେ ଯାଇଥିଲେ ଶ୍ରୀଜୀଉ । ଘୋଷଯାତ୍ରା ସରିଥିବାରୁ ଅମାବାସ୍ୟାରେ ସୋଲ ଚିତା ବଦଳରେ ରତ୍ନ ଚିତା ଲାଗି ହୋଇଛନ୍ତି ଶ୍ରୀବିଗ୍ରହ । ଅପରାହ୍ଣରେ ଭୋଗମଣ୍ଡପ ପରେ ଏହି ଗୁପ୍ତ ନୀତି ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ ଟା ଯାଏଁ ୪ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିଥିଲା ଶ୍ରୀମନ୍ଦିରରେ ପାଳିତ ହୁଏ ଅନେକ ଯାତ୍ରା, ଉପଯାତ୍ରା ତଥା ଉତ୍ସବାଦି । ତ୍ରୟୋଦଶ ଯାତ୍ରା ମଧ୍ୟରେ ଚିତାଲାଗି ଅମାବାସ୍ୟା ଅନ୍ୟତମ । ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ନୀତି ପାଳିତ ହୋଇଥାଏ । ଏହି ତିନୋଟି ରତ୍ନଖଚିତ ସୁବର୍ଣ୍ଣ ଚିତାଗୁଡ଼ିକୁ ମର୍କତ ଚିତା, ହୀରଚିତା ଏବଂ ପାନ୍ନା ଚିତା କୁହାଯାଇଥାଏ । ଚିତା ଲାଗି ନୀତି ସମ୍ପନ୍ନ ହେଲା ପରେ ମହାସ୍ନାନ ବଢ଼ି ଅନ୍ୟାନ୍ୟ ନୀତି ହୋଇଥାଏ । ଏହି ତିଥିରେ କେତେକ ନିଯୋଗମାନଙ୍କ ପକ୍ଷରୁ ଆଳତି ଭୋଗ ମଧ ହୋଇଥାଏ । ଏଥିରେ ଛେନା ତାଡ଼ିଆ, ଫାଳ ସୋଲା ପ୍ରଭୃତି ଭୋଗ ହୋଇଥାଏ ।

ଯୁକ୍ତ ଦୁଇ ପାଇଁ ଦୂରକୁ ଯିବେନି ଛାତ୍ରଛାତ୍ରୀ : ରାଜ୍ୟରେ ଆହୁରି ସ୍କୁଲ ହେବ ଅପଗ୍ରେଡ

ଭୁବନେଶ୍ୱର, ୪/୮ ନ୍ୟୁଜ ବ୍ୟୁରୋ

ଏକାଦଶ, ଦ୍ୱାଦଶ ପଢିବାକୁ ଆଉ ଦୂର ସ୍ଥାନକୁ ଯିବେନି ପିଲା । ନିଜ ଅଞ୍ଚଳରେ ଥିବା ସ୍କୁଲରେ ଯୁକ୍ତ ଦୁଇ ପାଠ ପଢ଼ିପାରିବେ । କାରଣ ରାଜ୍ୟ ସରକାର ଆଗାମୀ ଦିନରେ ଆହୁରି ମାଧ୍ୟମିକ ବିଦ୍ୟାଳୟ ବା ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ(ଅପଗ୍ରେଡ) କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦଶମ ପରେ ଅନେକ ପିଲା ଅଧାରୁ ପାଠ ଛାଡୁଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ଅନେକ ଗୁଡିଏ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ ବା ଅପଗ୍ରେଡ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, "ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଗତ ଦିନରେ କିଛି ସ୍କୁଲ ଅପଗ୍ରେଡ଼ କରିଛି । ଅର୍ଥାତ ସ୍କୁଲ ପରିସରରେ ଯୁକ୍ତ ଦୁଇ ଖୋଲାଯାଇଛି । ପରିସ୍ଥିତି ଦେଖି ଆଗାମୀ ଦିନରେ ଆହୁରି ସ୍କୁଲ ଅପଗ୍ରେଡ କରିବୁ । ପୂର୍ବରୁ ୯୨ଟି ସ୍କୁଲ ଅପଗ୍ରେଡ଼ ହୋଇସାରିଛି । ଆଉ ୧୦ ସ୍କୁଲ ପର୍ଯ୍ୟାୟକ୍ରମେ କରାଯିବ ।

ଜିଓମ୍ୟାପିଙ୍ଗ ଅନୁସାରେ ଯେଉଁଠି ସ୍କୁଲ ନାହିଁ, ସେଠାରେ ଅପଗ୍ରେଡ଼ ହେବ ।'' ରାଜ୍ୟର ବିଭିନ୍ନ ସ୍ଥାନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନଥିବାରୁ ପିଲାଙ୍କୁ ପାଠପଢ଼ା ପାଇଁ ଦୂରକୁ ଯିବାକୁ ପଡୁଥିଲା । ଦୂର ବାଟ ପାଇଁ ଅନେକ ପିଲା ମାଟ୍ରିକ ପରେ ପାଠ ଛାଡ଼ି ଦେଉଥିଲେ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ୭୯ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ (ଅପଗ୍ରେଡ) କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ସୁପାରିସ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଗଣଶିକ୍ଷା ବିଭାଗର ତଥ୍ୟ ଅନୁଯାୟୀ, ୭୯ଟି ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି । ସେଥିମଧ୍ୟରେ ଭଦ୍ରକ ଜିଲ୍ଲାର ୪ଟି ମାଧ୍ୟମିକ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିବା ବେଳେ ବଲାଙ୍ଗୀର ଜିଲାର ୮, ବୌଦ୍ଧରେ ୨, ଗଞ୍ଜାମରେ ୧୪, ଝାରସୁଗୁଡ଼ାରେ ୪, କଳାହାଣ୍ଡିରେ ୧୭, କେନ୍ଦୁଝରରେ ୫, କୋରାପୁଟରେ ୬, ମାଲକାନଗିରିରେ ୨, ମୟୂରଭଞ୍ଜରେ ୧, ନବରଙ୍ଗପୁରରେ ୨, ନୂଆପଡ଼ାରେ ୧, ସମ୍ବଲପୁରରେ ୩ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୧୦ଟି ରହିଛି । ପୂର୍ବ ସରକାରଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦୦ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିଲା । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପାଠ୍ୟକ୍ରମ ଖୋଲାଯାଇଛି । ଏହା ସହିତ ଜିଲ୍ଲା ପରିଷଦ ଅଧୀନରେ ଥିବା ଅନ୍ୟ ୧୧୭ଟି ହାଇସ୍କୁଲକୁ ଉନ୍ନୀତ କରିବା ପାଇଁ ଯୋଜନା କରାଯାଇଥିଲା । ଅନେକ ସମୟରେ ଘରଠାରୁ ବହୁତ ଦୂରରେ ସ୍କୁଲ ବା କଲେଜ ରହିଥିବାରୁ ପିଲାମାନେ ଅଧାରୁ ପାଠ ଛାଡ଼ିଥାନ୍ତି । ଏହାକୁ ବିଚାର କରି ନିକଟରେ ଥିବା ବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରାଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ : ଖାଦ୍ୟ ଯୋଗାଣ ମନ୍ତ୍ରୀ

ବାରିପଦା,୪।୮ ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ଚାଷୀଙ୍କୁ କୁଇଣ୍ଟାଲ ପିଛା ଧାନର ଏମ୍‌ଏସ୍‌ପି ୩୧ଶହ ଟଙ୍କା ପ୍ରଦାନ ବ୍ୟବସ୍ଥା ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ମଧ୍ୟାହ୍ନଭୋଜନ ପାଇଁ ଦିଆଯାଉଥିବା ଚାଉଳ ବସ୍ତାରେ କମ୍ ପରିମାଣର ଚାଉଳ ରହିବା ଓ ଅନିୟମିତତା ଅଭିଯୋଗକ୍ରମେ ଜିଲ୍ଲାରେ ଥିବା ଚାଉଳ ମିଲଗୁଡ଼ିକ ସେ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ପ୍ରଦାନ କରାଯାଉଥିବା ମଧ୍ୟାହ୍ନଭୋଜନ ଚାଉଳ ବସ୍ତାରେ କମ୍ ପରିମାଣକୁ ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭା ଗୃହରେ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ ଜିଲ୍ଲା ଗସ୍ତରେ ଆସି ଶୁଳିଆପଦାସ୍ଥିତ ଏସ୍‌ଏସ୍‌ଏମ୍ ଚାଉଳ ମିଲ୍‌ରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଚାଉଳ ବସ୍ତା ପ୍ରତି ୫୦ କେଜି ବଦଳରେ କମ୍ ପରିମାଣର ଚାଉଳକୁ ନେଇ ତଦନ୍ତ ଆରମ୍ଭ କରାଯାଇଛି। ଗୋଟିଏ ବି ଦାନା ଚୋରି ହେବାକୁ ଦିଆଯିବ ନାହିଁ ବୋଲି କହିବା ସହ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ପରେ ମନ୍ତ୍ରୀ ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଆଗାମୀ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଟୋକନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହ ଧାନର ଏମ୍‌ଏସ୍‌ପି ୩୧ଶହ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ଅଭିଯୋଗ କିମ୍ବା ସମସ୍ୟା ଦେଖାଦେଲେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳକୁ ନେଇ ପ୍ରକୃତ ହିତାଧିକାରୀଙ୍କ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। କେୱାଇସି ମାଧ୍ୟମରେ ଚାଉଳ କାର୍ଡର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ପ୍ରକୃତ ହିତାଧିକାରୀଙ୍କୁ ଏହି ସବୁଧିା ଯୋଗାଇ ଦିଆଯିବ। ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ତ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ସମ୍ବାଦପତ୍ର ଜଗତରେ ଏକ ନୂଆ ଆହ୍ୱାନ ଥିଲା 'ଉତ୍କଳ ଦୀପିକା'

ଭୁବନେଶ୍ୱର, ୪/୮ ନ୍ୟୁଜ ବ୍ୟୁରୋ

ରବିବାର ଓଡ଼ିଶାର ସାମ୍ବାଦିକଙ୍କ ପାଇଁ ଏକ ବଡ଼ ଦିନ । ଏହି ଦିନକୁ ଅର୍ଥାତ୍ ପ୍ରତିବର୍ଷ ଅଗଷ୍ଟ ୪ ତାରିଖକୁ ଓଡ଼ିଶା ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଉଛି । ଏହି ଦିନ ଜନ୍ମ ନେଇଥିଲା ଓଡ଼ିଶାର ପ୍ରଥମ ମୁଦ୍ରିତ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା'। ୧୮୬୬ ମସିହା ଅଗଷ୍ଟ ୪ ତାରିଖ ଦିନ କର୍ମବୀର ଗୌରୀଶଙ୍କର ରାୟ ଓ ବାବୁ ବିଚିତ୍ରାନନ୍ଦ ଦାସଙ୍କ ମିଳିତ ସହଯୋଗରେ ଏକ ସାପ୍ତାହିକ ଖବର କାଗଜ ଭାବେ 'ଉତ୍କଳ ଦୀପିକା' ମୁଦ୍ରିତ ହୋଇଥିଲା। ଆଉ ସେହିଦିନ ପଡ଼ିଥିଲା ଓଡ଼ିଆ ସମ୍ବାଦପତ୍ରର ମୂଳଦୁଆ। ଓଡ଼ିଆ ଭାଷାକୁ ସର୍ବସମ୍ମୁଖରେ ଉପସ୍ଥାପନ କରିବା ସହ ଓଡ଼ିଶାର ପ୍ରତିଟି ସୁଖ ଦୁଃଖକୁ ଲୋକଙ୍କ ନିକଟରେ ପହଞ୍ଚାଇବା କାମ କରିଥିଲା 'ଉତ୍କଳ ଦୀପିକା'। ସେ ନ'ଅଙ୍କ ଦୁର୍ଭିକ୍ଷ ହେଉ କି ଓଡ଼ିଆ ଭାଷା

ଆନ୍ଦୋଳନ, ପ୍ରତିଟି ଖବରକୁ ନିରପେକ୍ଷ ଭାବେ ପ୍ରଚାର ପ୍ରସାର କରିବା ଥିଲା 'ଉତ୍କଳ ଦୀପିକା'ର ମୁଖ୍ୟ ଲକ୍ଷ୍ୟ। ସମ୍ବାଦପତ୍ର ଜଗତରେ ଏକ ନୂଆ ଆହ୍ୱାନ ଥିଲା 'ଉତ୍କଳ ଦୀପିକା'। ପ୍ରକାଶନ ଆରମ୍ଭ ଦିନ ଠାରୁ ୧୯୧୭ ମସିହା ଯାଏଁ ଏହାର ସମ୍ପାଦକ ଦାୟିତ୍ୱରେ ଥିଲେ ଗୌରୀଶଙ୍କର ରାୟ। ତାଙ୍କ ଅନ୍ତେ ନୀଳମଣି ବିଦ୍ୟାରତ୍ନ ଏହି ଦାୟିତ୍ୱକୁ ଅତି ନିଷ୍ଠାର ସହ ତୁଲାଇଥିଲେ।

ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୪/୮ ନ୍ୟୁଜ ବ୍ୟୁରୋ

ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସେ ନିଜର 'ଏକ୍ସ'ରେ ଲେଖିଛନ୍ତି, ୧୮୬୬ ମସିହା ଆଜିର ଦିନରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। "ଓଡ଼ିଆ ସାମ୍ବାଦିକତା ଦିବସ" ଅବସରରେ ଓଡ଼ିଆ ଭାଷାରେ ସମ୍ବାଦ ପରିବେଷଣ ଦ୍ୱାରା ଜନସାଧାରଣଙ୍କୁ ସଚେତନ କରୁଥିବା ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀମାନଙ୍କୁ ସାଧୁବାଦ୍ ଜଣାଇଛନ୍ତି।

ଓଡ଼ିଆ ସାମ୍ବାଦିକତା ଦିବସରେ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୪/୮ ନ୍ୟୁଜ ବ୍ୟୁରୋ

ଓଡ଼ିଆ ସାମ୍ବାଦିକତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଓଡ଼ିଆ ସାମ୍ବାଦିକତା ଦିବସର ଶୁଭେଚ୍ଛା। ଆଜିର ଦିନରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶ ପାଇ ଜନଜାଗରଣ ଆଣିଥିଲା। ସାମ୍ବାଦିକତାରେ ନିରପେକ୍ଷତା ଏକ ସୁସ୍ଥ ଏବଂ ଜାଗୃତ ସମାଜ ଗଠନରେ ବେଶ ସହାୟକ ହୋଇଥାଏ। ଏହାକୁ ସର୍ବଦା ବଜାୟ ରଖିବା ସହିତ ଓଡ଼ିଆ ସାମ୍ବାଦିକତାକୁ ସମୃଦ୍ଧ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୋର ସମ୍ମାନ ଜଣାଉଛି।

ଅସୁସ୍ଥ ହାତୀଙ୍କ କବରଖାନା 'ସାତକୋଶିଆ': ୬ ମାସରେ ଆଖି ବୁଜିଲେଣି ୪

ଅନୁଗୁଳ, ୪/୮ ନ୍ୟୁଜ ବ୍ୟୁରୋ

ଅନୁଗୁଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରେ ହାତୀବଂଶ ଅସୁରକ୍ଷିତ ହୋଇପଡ଼ିଛି। ଗତବର୍ଷ ସେପ୍ଟେମ୍ବର ମାସରେ ପମ୍ପାସର ବନାଞ୍ଚଳ ତରଭା ନିକଟରେ ଶିକାରୀ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତୀ ଟଳି ପଡ଼ିଥିଲେ। ଏହି ଘଟଣାପରେ ହାତୀମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ବନବିଭାଗ ତତ୍ପର ହେବା ନେଇ ପରିବେଶପ୍ରେମୀମାନେ ଆଶା ରଖିଥିଲେ। କିନ୍ତୁ ପୂର୍ବଭଳି ସାତକୋଶିଆ ଅଭୟାରଣ୍ୟରେ ହାତୀମୃତ୍ୟୁ ଘଟଣା ଥମିବାର ନାଁ ନେଉନି। ଅଭୟାରଣ୍ୟରେ ଅସୁସ୍ଥ ହାତୀମାନଙ୍କ ମୃତ୍ୟୁ ହେବାରେ ଲାଗିଛି। ୬ ମାସ ମଧ୍ୟରେ ୪ ହାତୀ ଅସୁସ୍ଥତା କାରଣରୁ ମରିଥିବାବେଳେ ଏହି ଅଭୟାରଣ୍ୟ ଏବେ ଅସୁସ୍ଥ ହାତୀଙ୍କ ପାଇଁ କବରଖାନା ପାଲଟିଥିବା ଅଭିଯୋଗ ହୋଇଛି। ସାତକୋଶିଆ ଅଭୟାରଣ୍ୟ ବନ୍ୟଜନ୍ତୁଙ୍କ ପାଇଁ ସୁରକ୍ଷିତ ସ୍ଥାନ ଭାବରେ ପରିଚିତ। ଏଠାରେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ୪ଟି ବନାଞ୍ଚଳ ରହିଛି। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ପମ୍ପାସର, ରାଇଗୁଡ଼ା, ପୁରୁଣାକୋଟ ଓ ଟିକରପଡ଼ା ବନାଞ୍ଚଳରେ ଗଣ୍ଡା ଗଣ୍ଡା ବନ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଏହାସତ୍ତ୍ୱେ ହାତୀମାନଙ୍କ ମୃତ୍ୟୁ ଏଠାରେ ଚିନ୍ତାଜନକ ସ୍ଥିତିରେ। ଗତ ମାର୍ଚ୍ଚଠାରୁ ଅଗଷ୍ଟ ପର୍ଯ୍ୟନ୍ତ ପ୍ରାୟ ୬ ମାସରେ ୪ଟି ହାତୀଙ୍କ ଜୀବନ ଗଲାଣି। ଆଉ ଏହି ସମସ୍ତ ହାତୀ ଅସୁସ୍ଥ ହୋଇ ପ୍ରାଣ ହରାଇଥିବା ସାତକୋଶିଆ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଗତ ମାର୍ଚ୍ଚ ୨୮ ତାରିଖରେ ପୁରୁଣାକୋଟ ବନାଞ୍ଚଳରେ କାଦୁଅରେ ଫସି ଏକ ୬ ବର୍ଷର ହାତୀଛୁଆର ଜୀବନ ଯାଇଥିଲା। ସେହିପରି ଏପ୍ରିଲ୍ ୨୬ ତାରିଖରେ ପୁରୁଣାକୋଟ ବନାଞ୍ଚଳରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ଜୁନ୍ ପହିଲାରେ ପୁରୁଣାକୋଟ ବନାଞ୍ଚଳର ସିଆରିଭୁଣ୍ଡି ନିକଟରେ ଥିବା ଜଳାଶୟ ପାଖରୁ ଏକ ୨୫ ବର୍ଷୀୟା ମାଈହାତୀର ମୃତଦେହ ଠାବ ହୋଇଥିଲା। ଅନ୍ୟପକ୍ଷରେ ଅଗଷ୍ଟ ୧ ତାରିଖ ଦିନ ରାଇଗୁଡ଼ା ବନାଞ୍ଚଳରେ ପୁଣି ଏକ ହାତୀର ମୃତଦେହ ଠାବ ହୋଇଛି। ପାଟ୍ରୋଲିଂ ବେଳେ ବନ କର୍ମଚାରୀମାନେ ଏକ ନାଳ ନିକଟରୁ ଉକ୍ତ ଦନ୍ତାହାତୀର ମୃତଦେହ ଉଦ୍ଧାର କରିଥିଲେ। ହାତୀର ବୟସ ୧୫ ବର୍ଷ ହୋଇଥିବା ଓ ଦୁର୍ବଳ ଥିବାରୁ ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ତେବେ ଗତ ୬ ମାସରେ ମୃତ ୪ ହାତୀ ଅସୁସ୍ଥତା ଥିବା କଥା ନିଜେ ସାତକୋଶିଆ କର୍ତ୍ତୃପକ୍ଷ ମାନୁଛନ୍ତି। ହେଲେ ସେମାନଙ୍କୁ ଠାବ କରାଯାଇ କାହିଁକି ଚିକିତ୍ସା କରାଯାଇ ନଥିଲା ସେନେଇ ପରିବେଶପ୍ରେମୀ ପ୍ରଶ୍ନ କରିଛନ୍ତି। କେବଳ ସାତକୋଶିଆ କାହିଁକି ଅନୁଗୁଳ ବନାଞ୍ଚଳରେ ମଧ୍ୟ ହାତୀମୃତ୍ୟୁ ଉପରେ ରୋକ୍ ଲାଗିପାରୁ ନାହିଁ। ବନ୍ତଲା ବନାଞ୍ଚଳରେ ଗତ ଏପ୍ରିଲ୍ ମାସରେ ବଡ଼ହିଂସ ଗାଁରେ ବିଦ୍ୟୁତ୍ କରେଣ୍ଟ ଦେଇ ଗୋଟିଏ ଦନ୍ତା ହାତୀକୁ ହତ୍ୟା କରାଯାଇଥିବା ବେଳେ ତା'ର ମାସକ ପରେ ପୁଣି କନ୍ତମେଘ ଗାଁରେ ବିଦ୍ୟୁତ୍ ଆଘାତରେ ଆଉ ଗୋଟିଏ ଦନ୍ତା ଟଳିପଡ଼ିଥିଲା। ସେହିପରି ଅନୁଗୁଳ ବନାଞ୍ଚଳ ଶାଳଝାର ସଂରକ୍ଷିତ ଜଙ୍ଗଲ ଓ ଜରପଡ଼ା ବନାଞ୍ଚଳରୁ ମଧ୍ୟ ହାତୀ କଙ୍କାଳ ମିଳିଥିଲା। ଅନୁଗୁଳ ଜିଲ୍ଲାର ବିଭିନ୍ନ ବନାଞ୍ଚଳ ହାତୀପ୍ରବଣ ଅଞ୍ଚଳ ହୋଇଥିଲାବେଳେ ହାତୀମୃତ୍ୟୁ ସୀମା ଲଂଘିବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ହାତୀଙ୍କ ସୁରକ୍ଷା ନେଇ ବନ ବିଭାଗ ଓ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନନେଲେ ମହାବଳ ବାଘଶୂନ୍ୟ ହୋଇଥିବା ବେଳେ ସାତକୋଶିଆ ହାତୀଶୂନ୍ୟ ହୋଇଯିବ ବୋଲି ପଶୁପ୍ରେମୀମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ଶେଷକୃତ୍ୟ ସଂପନ୍ନ

କଟକ, ୪/୮ ନ୍ୟୁଜ ବ୍ୟୁରୋ

କେରଳର ୱାୟନାଡ୍‌ରେ ଭୂ-ସ୍ଖଳନରେ ପ୍ରାଣ ହରାଇଥିବା ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଜନ୍ମମାଟିକୁ ଫେରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବିଷ୍ଣୁପ୍ରସାଦଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ କେରଳରୁ ଓଡ଼ିଶା ଆସିବା ପରେ କଟକର ଚୌଦ୍ୱାରକୁ ନିଆଯାଇଥିଲା। ଚାରବାଟିଆ ସ୍ଥିତ ହାଉସିଂ ବୋର୍ଡ କଲୋନୀ ସ୍ଥିତ ତାଙ୍କ ଘରେ ମୃତଦେହ ପହଞ୍ଚିବା ପରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

ବିଷ୍ଣୁପ୍ରସାଦଙ୍କ ପତ୍ନୀ ପ୍ରିୟଦର୍ଶିନୀ ପାଲ୍ ମଧ ମେଡିକାଲରୁ ଡିସଚାର୍ଜ ହେବା ପରେ ଓଡ଼ିଶା ଫେରିଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗି ଅନେକ କ୍ଷତ ସୃଷ୍ଟି ହୋଇଥିଲା। ସ୍ୱାମୀଙ୍କ ଦେହାନ୍ତ ଖବର ଶୁଣି ସେ ଭାଙ୍ଗି ପଡ଼ିଛନ୍ତି।

ଅନ୍ୟପକ୍ଷରେ ଏବେ ବି କେରଳର



ମେପ୍ପାଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି ଡାକ୍ତର ସ୍ୱୀକୃତି ମହାପାତ୍ର। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। ତାଙ୍କୁ ଆହୁରି ୪୮ ଘଣ୍ଟା ଅବଜର୍ଭେସନରେ ରଖାଯାଇଛି। ତାଙ୍କ ଫୁସଫୁସରେ ଜମା ହୋଇଥିବା ଅଧିକାଂଶ ମାଟି ବ୍ରୋଙ୍କସ୍କୋପି ଜରିଆରେ ବାହାର କରାଯାଇଛି। ତଥାପି ସେ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି।

ୱାୟନାଡ଼ ଭୂ-ସ୍ଖଳନ ପରେ ନିଖୋଜ ହୋଇଯାଇଥିବା ଆଉ ଜଣେ ଓଡ଼ିଆ ଡାକ୍ତର ସ୍ୱାଧୀନ ପଣ୍ଡା ଏବେବି ନିଖୋଜ ଅଛନ୍ତି। ସେଠାରେ ଆହୁରି ଶହ ଶହ ଲୋକ ନିଖୋଜ ଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଲାଗିଥିବା ସେନାବାହିନୀ ପକ୍ଷରୁ ନୂଆ ବୈଷୟିକ ଜ୍ଞାନକୌଶଳରେ ଖୋଜାଖୋଜି କରାଯାଉଥିବାରୁ ଖୁବଶୀଘ୍ର ଡାକ୍ତର ପଣ୍ଡା ଓ ଅନ୍ୟମାନଙ୍କର ପତ୍ତା ମିଳିବା ନେଇ ଆଶା କରାଯାଉଛି।

ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି

ବନ୍ୟାଜଳ ଘେରରେ ବାଲୁଘାଟ ଅଞ୍ଚଳର ୬ଟି ଘର

ରାଉରକେଲା, ୪/୮ ନ୍ୟୁଜ ବ୍ୟୁରୋ

ରାଉରକେଲା ସହର ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବ୍ରାହ୍ମଣୀ ନଦୀର ବନ୍ୟାଜଳ ବାଲୁଘାଟ ଅଞ୍ଚଳରେ ପ୍ରବେଶ କରିଛି । ବାଲୁଘାଟ ଅଞ୍ଚଳର ୬ ଟି ଘର ବନ୍ୟାଜଳ ଘେରରେ ରହିଛି । ଲଗାଣ ବର୍ଷା ଯୋଗୁଁ ମନ୍ଦିରା ଡ୍ୟାମର ଜଳସ୍ତର ବୃଦ୍ଧି ପାଉଥିବାରୁ ମନ୍ଦିରା ଡ୍ୟାମର ୧୧ ଟି ଗେଟ ୪ ଫୁଟ ଯାଏଁ ଖୋଲା ଯାଇଛି। ଫଳରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଉଛି। ମନ୍ଦିରା ଡ୍ୟାମର ଜଳସ୍ତର ୬୮୨.୬୦ ଫୁଟ ରହିଛି।

ଆଜି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୮ ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୋମବାର ଦିନ ୧୧ ଟା ସମୟରୁ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗ ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

୯ରୁ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ'

ଭୁବନେଶ୍ୱର୪।୮ ନ୍ୟୁଜ ବ୍ୟୁରୋ

ଭାଜପା ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଚାଷୀ ସମାବେଶ କରି 'ଧନ୍ୟବାଦ ପ୍ରଧାନମନ୍ତ୍ରୀ ଓ ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ କରିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଚାଷୀମାନଙ୍କୁ ଅବଗତ କରାଯିବ। ଆସନ୍ତା ୯ 'କ୍ରାନ୍ତି ଦିବସରେ' ଭୁବନେଶ୍ୱରଠାରେ ଓଡ଼ିଶାର ୨ ଶହ ଚାଷୀନେତାଙ୍କୁ ନେଇ ଦଳ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ' କରିବ। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷକ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ ସଂଯୋଜକ ଓ ଜିଲ୍ଲା ସଭାପତିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୪ ନିର୍ବାଚନରେ ଭାଜପା ବହୁମତ ପାଇ ରାଜ୍ୟରେ ସରକାର ଗଠନ କରିବାର ମାସେ ମଧ୍ୟରେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରିବା ସହ ରାଜ୍ୟର ୫୮ଟି ସବ୍

ଡିଭିଜନ୍‌ରେ ଶୀତଳଭଣ୍ଡାର ନିର୍ମାଣ କରିବା, ସହରାଞ୍ଚଳ ଚାଷୀଙ୍କୁ ପିଏମ୍ କିଷାନ ନିଧି ଯୋଜନାରେ ସାମିଲ କରିବା ସହ ରାଜ୍ୟର ୬ ଲକ୍ଷ ଚାଷୀଙ୍କୁ ଏଥିରେ ସାମିଲ କରିବା, ସମସ୍ତ ଚାଷ ଜମିକୁ ଉଠା ଜଳସେଚନ ଦ୍ୱାରା ଜଳସେଚିତ କରାଯିବା ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃଷକ ମୋର୍ଚ୍ଚା ଧନ୍ୟବାଦ ଜଣାଇଛି। ବୈଠକରେ ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ହଳପାଣି ମାଝୀ, ପୁଲିନ୍ ପ୍ରକାଶ ପୁହାଣ, ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ସର୍ବଶ୍ରୀ ମନୋଜ କୁମାର ସାହୁ, ଅଶୋକ କୁମାର ରଥ, ପରାଉ ହେମ୍ବ୍ରମ, ବିକ୍ରମ କେଶରୀ ରାଉତରାୟ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ତଥା କେନ୍ଦ୍ର ସରକାରଙ୍କ ଆଇଆରସି ମହିଳା ନିର୍ଦ୍ଦେଶିକା ମନୀଷା ଚିନ୍ମୟୀ ବେହେରା, ରାଜ୍ୟ ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି, ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା, ଅବନେଶ୍ୱର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶାରେ ପୁଣି ଡରାଇଲାଣି ଡେଙ୍ଗୁ: ଖୋର୍ଦ୍ଧା ଓ ବୌଦ୍ଧରେ ସ୍ଥିତି ସଙ୍ଗୀନ

ଶତାଧିକ ଆକ୍ରାନ୍ତ, କଟକ ଏସ୍‌ସିବିରେ ସ୍ୱତନ୍ତ୍ର ୱାର୍ଡ

କଟକ, ୪/୮ ନ୍ୟୁଜ ବ୍ୟୁରୋ

ବର୍ଷା ଦିନ ଯୋଗୁଁ ରାଜ୍ୟରେ ଅଣାୟତ୍ତ ହେଉଛି ଡେଙ୍ଗୁ । କଟକ, ବୌଦ୍ଧ, ଖୋର୍ଦ୍ଧା ସମେତ ପ୍ରାୟ ସବୁ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କଟକ ସହରରେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବାବେଳେ ସିଏମସି ମଧ ଟିମ୍ ଗଠନ କରି ନାନା ପଦକ୍ଷେପ ନେଉଛି । ଏହାସହିତ ଏସସିବି ମେଡିକାଲରେ ଏକ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲାଯାଇଛି । ଏଥିରେ ୪୫ଟି ବେଡ୍ ରହିଛି ଏବଂ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସାମଗ୍ରୀ ଉପଲବ୍ଧ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଏସସିବିରେ ୯ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବାବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ କୁଳସଚିବ ଅବିନାଶ ରାଉତ ସୂଚନା ଦେଇଛନ୍ତି । କିଛି ଦିନ ପୂର୍ବରୁ କଟକରେ ଅନେକ ପିଜି ଡାକ୍ତର ଡେଙ୍ଗୁର ଶିକାର ହୋଇଥିଲେ । ଜାନୁଆରୀରୁ ଆଜି ଯାଏ ଜିଲ୍ଲାରେ ମୋଟ ୪୯ରୁ ଉର୍ଦ୍ଧ୍ୱ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ କେବଳ ଜୁଲାଇ ମାସରେ ୨୭ ଜଣ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ କଟକ ସହରରୁ ୩୯ ଓ ଗ୍ରାମାଞ୍ଚଳରୁ ୧୦ ଜଣ ଆକ୍ରାନ୍ତ ଅଛନ୍ତି । ତେବେ କେବଳ ଏସସିବି ମେଡିକାଲ କ୍ୟାମ୍ପସରୁ ୧୧ ଜଣ ଡେଙ୍ଗୁରେ ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା । ସିଏମସି ସ୍ୱାସ୍ଥ୍ୟ ଅଧିକାରୀ, ଏଡିଏମଓ, ଭିବିଡି କଂସଲଟାଣ୍ଟ ଟିମ୍ ଏସସିବିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । କ୍ୟାମ୍ପସରୁ ଡେଙ୍ଗୁ ମଶା ଲାର୍ଭା ଠାବ ହେବା ପରେ ତୁରନ୍ତ ବୁସ୍ କଟିଂ କରିବା ସହ ଆଣ୍ଟି ଲାର୍ଭା ତେଲ ପକାଯାଇଥିଲା । ଏସସିବି କୁଳସଚିବ କହିଛନ୍ତି, "ଡେଙ୍ଗୁ ପାଇଁ ୪୫ଟି ବେଡ୍ ବ୍ୟବସ୍ଥା କରାଯାଉଛି । ଆଇସିୟୁ ବ୍ୟବସ୍ଥା ମଧ୍ୟ ରହିଛି । ଏବେ ସୁଦ୍ଧା ହସ୍ପିଟାଲରେ ୯ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ମଝିରେ କିଛି ଛାତ୍ରଛାତ୍ରୀ ଏବଂ ଷ୍ଟାଫ୍ ଡେଙ୍ଗୁ ଆକ୍ରାନ୍ତ ହୋଇଥିଲେ । ବର୍ତ୍ତମାନ ସମସ୍ତଙ୍କ ଅବସ୍ଥା ଭଲ ଅଛି । କ୍ୟାମ୍ପେନ ମୋଡରେ ହସ୍ପିଟାଲ ପରିସରକୁ ପରିଷ୍କାର ରଖାଯାଉଛି । ଆବଶ୍ୟକୀୟ ମେଡିସିନି, କର୍ମଚାରୀ ଓ ବ୍ଲଡ ମହଜୁତ ଅଛି ।'' ଖୋର୍ଦ୍ଧା ଜିଲ୍ଲାରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏଥିରେ ବ୍ରେକ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି । ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୨୩ରେ ପହଞ୍ଚିଛି । ବର୍ଷା ଦିନ ପୂର୍ବରୁ ପ୍ରଶାସନ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଉଚ୍ଚସ୍ତରୀୟ ବୈଠକ କରି ବିଭିନ୍ନ ପଦକ୍ଷେପ କଥା କହୁଛନ୍ତି । କିନ୍ତୁ ବର୍ତ୍ତମାନର ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦେଖିଲେ ଏହା କିପରି କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଜଣାପଡୁଛି । ବାଲିଅନ୍ତା, ବାଲିପାଟଣାରେ ଜଣେ ଲେଖାଏଁ, ବାଣପୁରରେ ୫, ବୋଲଗଡ଼ ୭, ବେଗୁନିଆ ୧୩, ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୨୮, ସହରାଞ୍ଚଳରେ ୧୪, ଜଟଣୀ ଗ୍ରାମାଞ୍ଚଳରେ ୮, ସହରାଞ୍ଚଳରେ ୧, ମେଣ୍ଢାସାଳ ୫, ଟାଙ୍ଗି ୩ ଏବଂ ଭୁବନେଶ୍ୱର ମହାନଗର ଅଞ୍ଚଳରେ ୨୩୭ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ବିଶେଷ କରି ଖୋର୍ଦ୍ଧା ସହରାଞ୍ଚଳରେ ପୌର ପ୍ରଶାସନ ପକ୍ଷରୁ ଯେଉଁଭଳି ମଶା ତେଲ, ଡ୍ରେନ ସଫାଇ, ବ୍ଲିଚିଂ ପକାଇବା ସହ ଧୂଆଁ ଛାଡିବା ଭଳି ପ୍ରତିଷେଧକ ନେବା କଥା ତାହା ପୌର ପ୍ରଶାସନ ନେଉନାହିଁ । ସେହିପରି ବର୍ଷା ପୂର୍ବରୁ ସହରରେ ଥିବା ନାଳ ଠିକ ଭାବେ ସଫେଇ ନହେବା କାରଣରୁ ଡେଙ୍ଗୁ ମଶା ବଂଶ ବିସ୍ତାର କରୁଥିବା କହିଛନ୍ତି ଖୋର୍ଦ୍ଧାବାସୀ । ସେପଟେ ଏନେଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଧିକାରୀ ବିଭିନ୍ନ ପଦକ୍ଷେପ ନେଉଥିବା ଓ କର୍ମଚାରୀ ଘର ଘର ବୁଲି ଜନସାଧାରଣଙ୍କୁ ସଚେତନ କରୁଥିବା କହିଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାର



ବିଭିନ୍ନ ଉପାନ୍ତ ଅଞ୍ଚଳରେ ଝାଡାବାନ୍ତି ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢିଚାଲିଛି । ୩୦୦ରୁ ଉର୍ଦ୍ଧ୍ୱ ମ୍ୟାଲେରିଆ ରୋଗୀ ଚିହ୍ନଟ ହେବା ପରେ ଆକ୍ସନ ମୁଡ୍‌କୁ ଆସିଛି ସ୍ୱାସ୍ଥ୍ୟ ବିଭାଗ । ବିଭିନ୍ନ ଉପାନ୍ତ ଅଞ୍ଚଳ ବିଶେଷକରି କନ୍ଧମାଳ ଜିଲ୍ଲାକୁ ସଂଲଗ୍ନ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ପହଞ୍ଚି ଲୋକଙ୍କ ରକ୍ତ ପରୀକ୍ଷା ସହିତ ଔଷଧ ବିତରଣ ତଥା ମଶାରୀ ବ୍ୟବହାର, ସ୍ୱଚ୍ଛ ପାନୀୟଜଳ ବ୍ୟବହାର, ଅପରିଷ୍କାର ପାଣି ଜମିବାକୁ ନଦେବା, ଗୁଣିଗାରେଡିର ଆଶ୍ରୟ ନନେବା ଭଳି ବିଭିନ୍ନ ବିଷୟରେ ସଚେତନ କରିବା ଆରମ୍ଭ କରିଛନ୍ତି । ତେବେ ବୌଦ୍ଧ ଜିଲ୍ଲାରେ ମ୍ୟାଲେରିଆ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଔଷଧ ସିଞ୍ଚନ ଯୁକ୍ତ ମଶାରୀର ଅଭାବ ପରିଲକ୍ଷିତ ହୋଇଛି । ଜିଲ୍ଲାପାଳ ଜେ ସୋନାଲଙ୍କ ଉଦ୍ୟମ କ୍ରମେ ଦୁର୍ଗମ ଅଞ୍ଚଳରେ ଥିବା ପ୍ରାୟ ୪୦ଟି ଗ୍ରାମରେ ମଶାରୀ ଯୋଗାଇବାର ବ୍ୟବସ୍ଥା କରାଯାଉଛି । ସେହିପରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଡାଇରିଆ ରୋଗ ମାଡି ଚାଲିଛି । ତିନୋଟି ବ୍ଲକର ଅନେକ ଗ୍ରାମରେ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପରିସ୍ଥିତି ଏପରି ହୋଇଛି ଯେ ବୌଦ୍ଧ ଡାକ୍ତରଖାନାରେ ଡାଇରିଆ ରୋଗୀଙ୍କ ପାଇଁ ବେଡର ଅଭାବ ହେଉଛି । ଫଳରେ ଅନେକ ଡାଇରିଆ ରୋଗୀ ଡାକ୍ତରଖାନାର ବରଣ୍ଡାରେ ପଡି ଚିକିତ୍ସିତ ହେଉଛନ୍ତି । ସେପଟେ ବିଗତ କିଛି ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାରୁ ଡେଙ୍ଗୁ ରୋଗୀ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବ୍ୟଥା ବଢ଼ିଯାଇଛି । ଅଦ୍ୟାବଧି ୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି । ତେବେ ଏନେଇ ଚିନ୍ତା କରିବାର କିଛି କାରଣ ନାହିଁ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ।